# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୮/୨୦୨୦ (୧୨ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 8/2020 | ★★★★★★

୪୬ଶ ଭାଗ ୩୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଅବସର ନେବେ ଚିଗୁମ୍ବୁରା

ପାକିସ୍ତାନ ବିପକ୍ଷ ଟି୨୦ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଏଲଟନ୍ ଚିଗୁମ୍ବୁରା।

୦୯

୧୦

## ବିବାହ କରିବେ ଶାହିର

ଲୋକପ୍ରିୟ ଧାରାବାହିକ 'ମହାଭାରତ'ର ଅର୍ଜୁନ ଭୂମିକାରେ ଅଭିନୟ କରିଥିବା ଶାହିର ଶେଖ୍ ନିଜ ପ୍ରେମିକା ରୁଚିକା କପୁରଙ୍କୁ ବିବାହ କରିବାକୁ ଯାଉଛନ୍ତି।








# ଏକ୍ଜିଟ୍ ପୋଲ୍‌ରେ ମହାମେଣ୍ଟ

**ନୂଆଦିଲ୍ଲୀ,୭।୧୧**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶାସନ କରୁଥିବା ବିହାରରେ ଏଥର କ୍ଷମତା ପରିବର୍ତ୍ତନର ଆଭାସ ମିଳିଛି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ବିରୋଧୀ ମହାମେଣ୍ଟ ହାତକୁ ଶାସନର ଡୋରି ଯାଇପାରେ। ହିନ୍ଦୀ ଭାଷୀ ଏହି ରାଜ୍ୟରେ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆର୍‌ଜେଡି, କଂଗ୍ରେସ ଓ ବାମପନ୍ଥୀ ମହାମେଣ୍ଟ ୧୨୪ ଆସନ ଦଖଲ କରି ବହୁମତ ହାସଲ କରିବ ବୋଲି ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ସେହିପରି ଦୀର୍ଘ ୧୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାରଙ୍କ ଦୁର୍ଗ ଭୁଶୁଡ଼ିପାରେ। ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତୃତ୍ୱରେ ଭାଜପା, ବିକାଶଶୀଳ ଇନ୍‌ଶାନ ପାର୍ଟି (ଭିଆଇପି) ଏବଂ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)

☞ପୃଷ୍ଠା-୪



**ବିହାର ନିର୍ବାଚନ**

| ସର୍ବେକ୍ଷଣ ସଂସ୍ଥା | ଏନ୍‌ଡିଏ | ମହାମେଣ୍ଟ | ଏଲ୍‌ଜେପି |
|---|---|---|---|
| ନ୍ୟୁଜ୍ ୨୪-ସି ଭୋଟର | ୧୧୬ | ୧୨୦ | ୧ |
| ରିପବ୍ଲିକ୍ ଟିଭି-ଜନ୍ କୀ ବାତ୍ | ୯୧-୧୧୭ | ୧୧୮-୧୩୮ | ୫-୮ |
| ନ୍ୟୁଜ୍ ଏକ୍ସ-ଡିଭିରିସର୍ଚ୍ଚ | ୧୧୦-୧୧୭ | ୧୦୮-୧୨୩ | ୪-୧୦ |
| ସିଏନ୍‌ଏନ୍ ନ୍ୟୁଜ୍ ୧୮-ଟୁଡେଜ୍ ଚାଣକ୍ୟ | ୫୫ | ୧୮୦ | ୦ |

**ଆଜିର ସମ୍ପାଦକୀୟ** ସମ୍ପର୍କ ଚିନ୍ତା

# ବାଇଡେନ୍ ବିଜୟୀ

**ୱାଶିଂଟନ, ୭।୧୧(ଏ.ପି.)**

ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍ ଶନିବାର ବିଜୟୀ ହୋଇଛନ୍ତି। ସେ ରିପବ୍ଲିକାନ ପାର୍ଟି ନେତା ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପରାସ୍ତ କରି ମହାମାରୀ ଓ ସାମାଜିକ ତଥା ଅର୍ଥନୈତିକ ଦୁଃସ୍ଥିତି ସମୟରେ ଦେଶର ନେତୃତ୍ୱ ନେବାକୁ ଯାଉଛନ୍ତି। ନିର୍ବାଚନ ଶେଷ ହେବାର ତିନିଦିନ ଅନିଶ୍ଚିତତା ପରେ ଫଳାଫଳ ସ୍ପଷ୍ଟ ହୋଇଛି। ସମୁଦାୟ ୫୩୮ ଇଲେକ୍ଟୋରାଲ କଲେଜ ଭୋଟ ମଧ୍ୟରୁ ଶନିବାର ଭାରତୀୟ ସମୟ ରାତି ୧୨ଟା ୧୫ ସୁଦ୍ଧା ଗଣତି ସରିଥିବା ୫୦୪ ଇଲେକ୍ଟୋରାଲ କଲେଜ ଭୋଟ ମଧ୍ୟରୁ ବାଇଡେନ୍‌ଙ୍କୁ ୨୯୦ ମିଳିଥିବାବେଳେ ଟ୍ରମ୍ପଙ୍କୁ ୨୧୪ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେଠାରେ ମ୍ୟାଜିକ୍ ନମ୍ବର ୨୭୦। ପେନ୍‌ସିଲଭାନିଆରୁ ବିଜୟୀ ହେବା ପରେ ବାଇଡେନଙ୍କ ସପକ୍ଷରେ ୨୯୦ ଭୋଟ ମିଳିଛି। ୭୭ ବର୍ଷୀୟ ବାଇଡେନ ୪୦ ଲକ୍ଷରୁ ଅଧିକ ପପୁଲାର ଭୋଟ ପାଇଥିବାବେଳେ ବାଲଟ ଗଣନା ଜାରି ରହିଥିବାରୁ ଏହି ସଂଖ୍ୟା

☞ପୃଷ୍ଠା-୪

**୨୯୦**
**ଜୋ ବାଇଡେନ୍**
ଡେମୋକ୍ରାଟ୍

ମ୍ୟାଜିକ୍ ନମ୍ବର ୨୭୦



**କମଲା ହାରିସ୍**
ପ୍ରଥମ ଭାରତୀୟ ବଂଶୋଦ୍ଭବ, କୃଷ୍ଣକାୟ ଓ ମହିଳା ଉପରାଷ୍ଟ୍ରପତି








କସରଗୋଡ୍: କେରଳର କସରଗୋଡ୍‌ରେ ବହୁକୋଟି ଟଙ୍କାର ଅଳଙ୍କାର ଠକେଇ ମାମଲାରେ ଇଣ୍ଡିଆନ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ବିଧାୟକ ଏମ୍.ସି. କମରୁଦ୍ଦିନଙ୍କୁ କ୍ରାଇମ୍ ବ୍ରାଞ୍ଚ ଶନିବାର ଗିରଫ କରିଛି। ଗିରଫ ପୂର୍ବରୁ ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ତାଙ୍କୁ ୫ ଘଣ୍ଟା ଜେରା କରିଥିଲା। ଫ୍ୟାଶନ ଗୋଲ୍ଡ ଜୁଏଲେରି ଗ୍ରୁପ୍‌ର ଅଧକ୍ଷ ଥିବା କମରୁଦ୍ଦିନ ଅନେକ ନିବେଶକଙ୍କୁ ଠକି କୋଟି କୋଟି ଟଙ୍କା ନେଇଯାଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା।

# ବାଇଡେନ୍ ନୀତି ନେଇ ଉତ୍ସୁକତା

**ନୂଆଦିଲ୍ଲୀ, ୭।୧୧**

ଡେମୋକ୍ରାଟିକ୍ ପାର୍ଟି ନେତା ଜୋ ବାଇଡେନ୍ ନିର୍ବାଚନ ଜିତି ଆମେରିକାର ୪୬ତମ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଭାରତ ସହ ତାଙ୍କ ପ୍ରଶାସନର କିଭଳି ସମ୍ପର୍କ ରହିବ ତାହାକୁ ନେଇ ଭାରତୀୟଙ୍କ ମଧ୍ୟରେ ଉତ୍କଣ୍ଠା ଓ ଉତ୍ସୁକତା ବଢ଼ିଛି। ବାରାକ ଓବାମାଙ୍କ ସମୟରେ ଦୁଇଥର ଉପରାଷ୍ଟ୍ରପତି ହୋଇଥିବା ବାଇଡେନ୍‌ଙ୍କର ଭାରତ ସହ ଭଲ ସମ୍ପର୍କ ରହିଥିଲା। କେତେକ କ୍ଷେତ୍ରରେ ସେ ଭାରତ ପାଇଁ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ଅନୁସରଣ କରିବେ ବୋଲି କୁହାଯାଉଥିବାବେଳେ ଅନ୍ୟ କେତେକ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରନ୍ତି। ବିଶେଷକରି ପ୍ରତିରକ୍ଷା, ରଣନୀତି ଓ ସୁରକ୍ଷା ସମ୍ପର୍କକୁ ନେଇ ୨୦୦୦ରୁ ଦୁଇ ଦେଶ ମଧ୍ୟରେ ରହିଆସିଥିବା ସମ୍ପର୍କ ଅତୁଟ ରହିପାରେ। ତେବେ ଚାଇନା ପ୍ରତି ଆଭିମୁଖ୍ୟକୁ ନେଇ ବାଇଡେନ୍ କ୍ୟାମ୍ପରେ ଭିନ୍ନମତ ରହିଛି, ଯାହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

## ବାଇଡେନ୍ ଓ କମଳା ହାରିସ୍

ବାଇଡେନ୍ ହ୍ୱାଇଟ୍ ହାଉସକୁ ଯିବା ପରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ ସମସ୍ୟା ରହିବ। ଏଚ୍-୧ବି ଭିଜା ପରିବର୍ତ୍ତନ ହେବା ସମ୍ଭାବନା କମ୍। ଅନ୍ୟପକ୍ଷରେ ବାଇଡେନ୍ ପ୍ରଶାସନ ଭାରତରେ ମାନବାଧିକାର ଉଲ୍ଲଂଘନ, ବହୁଳତାବାଦ ଅଭିଯୋଗ ଓ କଶ୍ମୀର ପ୍ରସଙ୍ଗ ଉଠାଇପାରନ୍ତି। ଭାରତୀୟ ବଂଶୋଦ୍ଭବ କମଳା ହାରିସ୍ ଉପରାଷ୍ଟ୍ରପତି ହେବାକୁ ଯାଉଥିଲାବେଳେ ନୀତି ପ୍ରଣୟନରେ ତାଙ୍କର ବଡ଼ ଭୂମିକା ରହିବ। ବାଇଡେନ୍ ଥରେ ରାଷ୍ଟ୍ରପତି ହେବେ ବୋଲି ସୂଚନା ଦେଇଥିବାରୁ ୨୦୨୪ରେ କମଳା ରାଷ୍ଟ୍ରପତି ପ୍ରାର୍ଥୀ ହୋଇପାରନ୍ତି।

## ଭାରତ ପ୍ରତି କିପରି ରହିବ ଆଭିମୁଖ୍ୟ



ଜୋ ବାଇଡେନ୍

## ସାଧାରଣ ବିଶ୍ୱ ସମସ୍ୟା

ପ୍ରଚାର ବେଳେ ବାଇଡେନ୍ ଭାରତୀୟ-ଆମେରିକୀୟମାନଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ କରିଥିଲେ। ସେତେବେଳେ ସେ ଭାରତ ପ୍ରତି ଅନୁକୂଳ ମନୋଭାବ ଦେଖାଇଥିଲେ। ଭାରତ-ଆମେରିକା ସମ୍ପର୍କ ସଂସ୍ଥାପିତ ହୋଇଥିବାରୁ ଏହାକୁ ବଦଳାଇବା ସହଜ ନୁହେଁ। ଭାରତକୁ ସାଙ୍ଗରେ ନ ନେଇ ସାଧାରଣ ବିଶ୍ୱ ସମସ୍ୟାଗୁଡ଼ିକର ସମାଧାନ ଆମେ କରିପାରିବା ନାହିଁ ବୋଲି ବାଇଡେନ୍‌ଙ୍କ ମୁଖ୍ୟ ରଣନୀତିକାର ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ତେଣୁ ଭାରତ ସହ ସମ୍ପର୍କ ବଢ଼ାଇବା ଉପରେ ସର୍ବାଧିକ ପ୍ରାଥମିକତା ରହିବ ବୋଲି ସେ ମତ ଦେଇଛନ୍ତି।

## ପ୍ରତିରକ୍ଷା ଓ ସୁରକ୍ଷା

ବାଇଡେନ୍‌ଙ୍କ ପ୍ରଶାସନରେ ଭାରତ ସହ ଆମେରିକାର ପ୍ରତିରକ୍ଷା, ରଣନୀତି ଓ ନିରାପତ୍ତା ସମ୍ପର୍କ ଅପରିବର୍ତ୍ତିତ ରହିବ। ୨୦୦୦ରୁ ଚଳିଆସୁଥିବା ନୀତିରେ କୌଣସି ପରିବର୍ତ୍ତନ ହୋଇ ନ ପାରେ ବୋଲି କୁହାଯାଉଛି।

## ଚାଇନା ସହ ସମ୍ପର୍କ

ଚାଇନା ପ୍ରତି ବାଇଡେନ୍ କ୍ୟାମ୍ପର ଆଭିମୁଖ୍ୟରେ ଭିନ୍ନମତ ରହିଛି, ଯାହା ଆମେରିକା-ଭାରତ ଓ ଚାଇନା-ଭାରତ ସମ୍ପର୍କକୁ ପ୍ରଭାବିତ କରିପାରେ। ଟ୍ରମ୍ପ ପ୍ରଶାସନ ଚାଇନା ପ୍ରତି ଯେଉଁଭଳି ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିଲା, ବାଇଡେନ୍ ସେହିଭଳି ନୀତି ଆପଣାଇବା ଆବଶ୍ୟକ ବୋଲି ତାଙ୍କର କେତେଜଣ ଉପଦେଷ୍ଟା ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମତରେ ଆମେରିକା ଓ ଚାଇନା ଅର୍ଥନୀତିକୁ ଅଲଗା କରିବା ସମ୍ଭବ ନୁହେଁ। ସେଥିପାଇଁ ଉଭୟ ଦେଶ ଜାତୀୟ ସୁରକ୍ଷା ଓ ଗୁରୁତ୍ୱପୂର୍ଣ୍ଣ ଟେକ୍‌ନୋଲୋଜି କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିପାରନ୍ତି।

## ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତି

ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଲାଗି ବାଇଡେନ୍ ପ୍ରଶାସନର ନୀତି କ'ଣ ରହିବ ତାହା ସେ ପ୍ରଚାର ବେଳେ ସ୍ପଷ୍ଟ କରିନାହାନ୍ତି। ଏହି ଅଞ୍ଚଳକୁ ଭାରତୀୟ ବିଦେଶ ନୀତି ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାରୁ ଆମେରିକାର ନୀତି କ'ଣ ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିବ।

## ବାଣିଜ୍ୟ ପ୍ରସଙ୍ଗ

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟକୁ ନେଇ ସମସ୍ୟା ରହିଛି। ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ମଧ୍ୟ ଦୁଇଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ବାଇଡେନ୍ ପ୍ରଶାସନରେ ଏଥିରେ ପରିବର୍ତ୍ତନ ହୋଇ ନ ପାରେ। ଆମେରିକାକୁ ପୁଣିଥରେ ମହାନ କରିବା ଲାଗି ବାଇଡେନ ଆହ୍ୱାନ ଦେଇଥିଲେ। ସେହିପରି ଘରୋଇ ଅର୍ଥନୀତିକୁ ସୁଦୃଢ଼ କରିବା ଆମେରିକାର ସର୍ବପ୍ରଥମ ବିଦେଶ ନୀତି ହେବ ବୋଲି ବାଇଡେନ୍‌ଙ୍କ ଉପଦେଷ୍ଟା ବିଲ୍ ବର୍ନ୍ସ କହିଛନ୍ତି।

## ମାନବାଧିକାର ଉଲ୍ଲଂଘନ

ବାଇଡେନ୍ ପ୍ରଶାସନ ଭାରତରେ ମାନବାଧିକାର ଉଲ୍ଲଂଘନ, ହିନ୍ଦୁ ବହୁଳତାବାଦ ଏବଂ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇପାରନ୍ତି। ଏହାକୁ ନେଇ ଆମେରିକା କଂଗ୍ରେସରେ ବିତର୍କ ହୋଇପାରେ।

## ଆଫଗାନିସ୍ତାନରେ ଆତଙ୍କବାଦ ନିରୋଧୀ ପଦକ୍ଷେପ

କେବଳ ଆତଙ୍କବାଦର ଦମନ ଉଦ୍ଦେଶ୍ୟରେ ଆଫଗାନିସ୍ତାନରେ ଆମେରିକାର ଉପସ୍ଥିତି ଆବଶ୍ୟକ ବୋଲି ବାଇଡେନ୍ ପ୍ରସ୍ତାବ ଦେଇଥିଲେ। ତେଣୁ ସେନା ପ୍ରତ୍ୟାହାର କରିନେବା ପାଇଁ ଟ୍ରମ୍ପ ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ସେ ବଦଳାଇ ନ ପାରନ୍ତି।

## ପ୍ୟାରିସ୍ ଚୁକ୍ତି

ପ୍ୟାରିସ୍ ଜଳବାୟୁ ସହମତି ଚୁକ୍ତିନାମାକୁ ଆମେରିକା ଫେରିପାରେ। ତେବେ ଅତ୍ୟଧିକ କୋଇଲା ବ୍ୟବହାର କରୁଥିବା ଭାରତ ବାଇଡେନ୍ ପ୍ରଶାସନରେ ଅସୁବିଧାର ସମ୍ମୁଖୀନ ହୋଇପାରେ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଶପଥ ନେଲେ ନୂଆ ସିଆଇସି



ଯଶ୍ୱର୍ଦ୍ଧନ ସିହ୍ନା

**ନୂଆଦିଲ୍ଲୀ,୭।୧୧:** ନୂଆ ମୁଖ୍ୟ ସୂଚନା କମିଶନର(ସିଆଇସି) ଭାବେ ଯଶ୍ୱର୍ଦ୍ଧନ ସିହ୍ନା ଶନିବାର ଶପଥଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଶପଥ ପାଠ କରାଇଥିଲେ। ଆଗାମୀ ୩ ବର୍ଷ ଲାଗି ସିହ୍ନା ସୂଚନା କମିଶନର ଭାବେ କାର୍ଯ୍ୟ କରିବେ। ବିମଲ ଜୁଲ୍‌କାଙ୍କ ଅବସର ( ଅଗଷ୍ଟ ୨୬) ପରଠାରୁ ଏହି ପଦ ଖାଲି ପଡ଼ିଥିଲା। ଅନ୍ୟ ୩ ନୂଆ ସୂଚନା କମିଶନରଙ୍କୁ ପରେ ସିହ୍ନା ଶପଥପାଠ କରାଇବେ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ପ୍ୟାନେଲ ସିହ୍ନାଙ୍କ ନାମରେ ମୋହର ମାରିଥିଲେ। ଏଥିସହ ପୂର୍ବତନ ଶ୍ରମ ସଚିବ ହୀରାଲାଲ୍ ସମରିୟା, ପୂର୍ବତନ ଡେପୁଟି କଣ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ସରୋଜ ପୁନ୍‌ହାନି ଓ ଖବରଦତା ଉଦୟ୍ ମହୁର୍‌କର ଏହି ପ୍ୟାନେଲ ବାଛିଥିଲେ। ଏହି ୩ ଜଣଙ୍କୁ ସିଆଇସି ସିହ୍ନା ନୂଆ ସୂଚନା କମିଶନର ଭାବେ ଶପଥପାଠ କରାଇବେ। ଏଥିସହ ଆୟୋଗରେ ସୂଚନା କମିଶନରଙ୍କ ସଂଖ୍ୟା ୭କୁ ବୃଦ୍ଧିପାଇବ। କମିଶନର ସ୍ଥାୟୀ ସଦସ୍ୟ ଭାବେ ବନଜା ଏନ୍. ସର୍ମା, ନୀରଜ୍ କୁମାର ଗୁପ୍ତା, ସୁରେଶ ଚନ୍ଦ୍ର ଓ ଅମିତା ପାଣ୍ଡବ କାର୍ଯ୍ୟ କରୁଛନ୍ତି।

### ଜାତିସଂଘ ଉପଦେଷ୍ଟା କମିଟିରେ ବିଦିଶା




**ଜାତିସଂଘ,୭।୧୧:** ଭାରତୀୟ କୂଟନୀତଜ୍ଞ ବିଦିଶା ମୈତ୍ର ଜାତିସଂଘ ଉପଦେଷ୍ଟା (ପ୍ରଶାସନିକ ଓ ବଜେଟାରି) କମିଟିକୁ ମନୋନୀତ ହୋଇଛନ୍ତି। ତାଙ୍କୁ ୧୨୬ ଖଣ୍ଡ ଭୋଟ ମିଳିଛି। ୧୯୩ ସଦସ୍ୟଯୁକ୍ତ ସାଧାରଣ ସଭାରେ ଯୋଗ୍ୟତା, ଅଭିଜ୍ଞତା ଓ ଭୌଗୋଳିକ ଜ୍ଞାନକୁ ନେଇ ସଦସ୍ୟକୁ ବଛାଯାଇଥାଏ। ଏସିଆ ପ୍ୟାସିଫିକ ଦେଶଗୁଡ଼ିକ ମୈତ୍ରଙ୍କୁ ମନୋନୀତ କରିଥିବାବେଳେ ଗ୍ରୁପ୍‌ରେ ଇରାକ୍‌ର ଅଲ୍ଲି ମୋହମ୍ମଦ ଫେକ୍ ଅଲ୍-ଦବାଗ୍ ମଧ ସ୍ଥାନ ପାଇଛନ୍ତି। ୨୦୨୧ ଜାନୁୟାରୀ ୧ରୁ ମୈତ୍ରଙ୍କ କାର୍ଯ୍ୟକାଳ ଆରମ୍ଭ ହେବାକୁ ଥିବାବେଳେ ସେ ୩ ବର୍ଷ ଲାଗି କାର୍ଯ୍ୟ କରିବେ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ଅସ୍ଥାୟୀ ସଦସ୍ୟ ଭାବେ ୨୦୨୧ ଜାନୁୟାରୀରୁ ଯୋଗ ଦେଉଥିବାବେଳେ ମୈତ୍ରଙ୍କ ସଫଳତା ଭାରତକୁ ଜାତିସଂଘରେ ଅଧିକ ବଳିଷ୍ଠ କରିଛି।

### ୫୦% ଛାତ୍ରଙ୍କୁ କଲେଜରେ ମିଳିବ ଅନୁମତି: ୟୁଜିସି

**ନୂଆଦିଲ୍ଲୀ,୭।୧୧:** କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ଲାଗି ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଗାଇଡ୍‌ଲାଇନ୍ ଜାରି କରିଥିବାବେଳେ ଏକା ଥରକେ ୫୦% ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଲାଗି ଅନୁମତି ମିଳିପାରିବ ବୋଲି ଦର୍ଶାଯାଇଛି। ଏଥିସହ ସୀମିତ ସଂଖ୍ୟାର ହଷ୍ଟେଲ ଖୋଲାଯିବ। କୋଭିଡ୍ କଟକଣା ମାନିବା ଓ ସ୍ୱାସ୍ଥ୍ୟ ସଚେତନତା ଲାଗି ଗୋଟିଏ ରୁମ୍‌ରେ ଏକାଧିକ ପିଲାଙ୍କୁ ରହିବା ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶାଙ୍କ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରେଣୀରେ ଅନୁପସ୍ଥିତ ରହି ପିଲାମାନେ ଅନ୍‌ଲାଇନ୍ କ୍ଲାସ୍ କରିପାରିବେ। ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅନ୍‌ଲାଇନ୍ ଷ୍ଟଡି ମ୍ୟାଟେରିଆଲ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ବିଜ୍ଞାନ, କାରିଗରି ଓ ଗବେଷଣାକୁ ଛାଡ଼ି ସମସ୍ତଙ୍କ ଲାଗି ଅନ୍‌ଲାଇନ୍ କ୍ଲାସ୍ ଯୋଗାଇ ଦିଆଯିବ ବୋଲି ନିଶାଙ୍କ କହିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଯୋଗାଯୋଗ କରାଯାଇ କଣ୍ଟେନ୍‌ମେଣ୍ଟ ଜୋନ୍ ଛଡ଼ା ଅନ୍ୟ ସବୁଠାରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୟୁଜିସି ପକ୍ଷରୁ ଏନେଇ ଏସ୍‌ଓପି ପ୍ରସ୍ତୁତ କରାଯାଇଛି।

# ଚୂଡ଼ାନ୍ତ ପର୍ଯ୍ୟାୟରେ ୫୫.୨୨% ମତଦାନ

**ପାଟନା/ନୂଆଦିଲ୍ଲୀ,୭।୧୧**

## ୧୦ରେ ବିହାର ଭୋଟ ଫଳାଫଳ

ବିହାର ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ଶନିବାର ଶେଷ ହୋଇଛି। ୨୪୩ ଆସନ ଲାଗି ୩ଟି ପର୍ଯ୍ୟାୟରେ ମତଦାନ କରାଯାଇଥିବାବେଳେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ୭୮ ଆସନ ଲାଗି ସନ୍ଧ୍ୟା ୫ଟା ସୁଦ୍ଧା ୫୫.୨୨% ମତଦାନ କରାଯାଇଛି। ଏହି ପର୍ଯ୍ୟାୟରେ ମୋଟ ୧,୨୦୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ପ୍ରକାଶଥାଉ କି, ୨୦୧୫ରେ ୫୬.୬୬% ଭୋଟ ପଡ଼ିଥିବାବେଳେ ଚଳିତ ବର୍ଷ ଭୋଟହାର କମିଛି।

ଚୂଡ଼ାନ୍ତ ପର୍ଯ୍ୟାୟରେ ସୁଶାନ୍ତ ସିଂ ରାଜପୁତଙ୍କ ଭାଇ ନୀରଜ କୁମାର ସିଂ ଛତାପୁର ଆସନରୁ ନିର୍ବାଚନ ଲଢୁଥିବାବେଳେ କଂଗ୍ରେସର ବିହାରଗଞ୍ଜ ଆସନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବଙ୍କ ଝିଅ ଶୁଭାସିନୀ ଯାଦବ, ବାଚସ୍ପତି ବିଜୟ କୁମାର ଚୌଧୁରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୋହମ୍ମଦ ତସ୍‌ଲିମୁଦ୍ଦିନଙ୍କ ପୁଅ ସର୍ଫରାଜ ଆଲମ୍ ପ୍ରମୁଖ ନିର୍ବାଚନ ମଇଦାନରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଏହି ନିର୍ବାଚନରେ ଲଢ଼େଇ ମୁଖ୍ୟତଃ ଏନ୍‌ଡିଏ ଓ ବିହାର ମହାମେଣ୍ଟ ମଧ୍ୟରେ ହେବାକୁ ଯାଉଛି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ମହାମେଣ୍ଟ ଗଠନ କରାଯାଇଥିବାବେଳେ କଂଗ୍ରେସ ଓ ବାମଦଳ ରହିଛନ୍ତି। ନୀତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଇ ଭାଜପା ଭୋଟ ମାଗିଛି। ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ରାଲିରେ ଯୋଗଦେଇ ଏନ୍‌ଡିଏ ସପକ୍ଷରେ ଭୋଟରଙ୍କୁ ମନାଇବାକୁ ପ୍ରୟାସ କରିଛନ୍ତି। ମହାମାରୀ କରୋନା ଓ ମାଓବାଦୀଙ୍କ ଭୟ ସତ୍ତ୍ୱେ ଲୋକମାନେ ଉତ୍ସାହର ସହ ଭୋଟ ଦେଇଥିଲେ। ଏକ୍‌ଜିଟ୍ ପୋଲରେ କଡ଼ା ଟକ୍କର ଦେଖିବାକୁ ମିଳିଥିବାବେଳେ ଭୋଟ ଫଳାଫଳ ନଭେମ୍ବର ୧୦ରେ ପ୍ରକାଶ ପାଇବ।




ନାଗପୁର ହାଇଓ୍ୱେ ରୋଡ୍ ଜବଲପୁରଠାରେ ଟ୍ରାଫିକ୍ ପୋଷ୍ଟ ଉପରେ ଦୁର୍ଘଟଣାଗ୍ରସ୍ତ କାର୍ ରଖି ସଡ଼କ ସଚେତନତା ସୃଷ୍ଟି କରାଯାଉଛି।

# ଆର୍‌ଜେଡି ପ୍ରାର୍ଥୀଙ୍କ ଭାଇଙ୍କୁ ହତ୍ୟା

**ପାଟନା,୭।୧୧**

ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଥିବାବେଳେ ଶନିବାର ପୂର୍ଣ୍ଣିଆ ଜିଲାର ଦମ୍‌ଦାହ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆର୍‌ଜେଡି ପ୍ରାର୍ଥୀ ବିଟ୍ଟୁ ସିଂଙ୍କ ଭାଇ ବେନି ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମତଦାନ ବେଳେ ସାର୍ସି ଗ୍ରାମରେ ସେ ପୋଲିଂ ବୁଥ୍ ଦେଖି ଫେରୁଥିବାବେଳେ ୪ ଜଣ ଅଜ୍ଞାତ ଯୁବକ ତାଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ବେନିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ଲାଗି ପଠାଇବା ସହ ହତ୍ୟାକାରୀଙ୍କୁ ଧରିବାକୁ ଅଭିଯାନ ଚଳାଇଛି। ବିଟ୍ଟୁ ଓ ବେନିଙ୍କ ନାମରେ ଏକାଧିକ ଅପରାଧ ମାମଲା ରହିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ସେପଟେ ନୀତୀଶ ସରକାରର ଏହା ରାକ୍ଷସରାଜ୍‌ର ନମୁନା ବୋଲି ଆର୍‌ଜେଡି ନେତା ମନୋଜ ଝା ଟୁଇଟ୍ କରି କହିଛନ୍ତି।

# କରୋନାରେ ଜେଡିୟୁ ବିଦ୍ରୋହୀ ପ୍ରାର୍ଥୀଙ୍କ ମୃତ୍ୟୁ

**ପାଟନା,୭।୧୧:** ବିହାର ବିଧାନସଭାର ଶେଷ ପର୍ଯ୍ୟାୟ ମତଦାନ ଶନିବାର ଶେଷ ହେବା ପରେ ଜେଡିୟୁର ବିଦ୍ରୋହୀ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିଥିବା ସଞ୍ଜୟ ଝା'ଙ୍କ କରୋନାରେ ମୃତ୍ୟୁ ହୋଇଛି। ସେ ମଧୁବଣି ଜିଲା ବେନିପାଟିରୁ ନିର୍ବାଚନ ଲଢୁଥିଲେ। ଗତ ୧୦ ଦିନ ହେବ ସେ ଏମ୍‌ସରେ ଚିକିତ୍ସିତ ହେଉଥିଲେ। ଦଳୀୟ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିଲେ।

# ପ୍ରଥମେ ୩୦କୋଟିଙ୍କୁ ଦିଆଯିବ ଟିକା

**ନୂଆଦିଲ୍ଲୀ,୭।୧୧**

## ଆଧାର ବାଧ୍ୟତାମୂଳକ ନୁହେଁ




ଭାରତରେ ଆସନ୍ତା ଫେବୃୟାରୀରେ କରୋନା ଟିକା ଉପଲବ୍ଧ ହେବ। ଭାରତ ବାୟୋଟେକ୍ ପକ୍ଷରୁ ଏହାର ଟିକା କୋଭାକ୍ସିନ୍ ପ୍ରଥମ ଥର ଲାଗି ଭାରତରେ ମିଳିବ। ଏହି ଟିକାର ବିତରଣ ପ୍ରକ୍ରିୟା ନେଇ କେନ୍ଦ୍ର ସରକାର ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଲୋକଙ୍କୁ ମାଗଣାରେ କରୋନା ଟିକା ଦିଆଯିବ। ଏଥିଲାଗି ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ ବୋଲି ଦର୍ଶାଯାଇଛି। ତେବେ ଆଧାର କିମ୍ବା ଅନ୍ୟ କୌଣସି ସରକାରୀ କାଗଜପତ୍ରକୁ ଦେଖି ଏହି ଟିକା ପ୍ରଦାନ କରାଯିବ।

କରୋନା ଟିକା କାହାକୁ ପ୍ରାଥମିକ ଭାବେ ଦିଆଯିବ, ସେନେଇ ଗୋଷ୍ଠୀ ଚିହ୍ନଟ କରିବାକୁ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଥିଲେ। ଏବେ ୪ଟି ଗୋଷ୍ଠୀକୁ ପ୍ରଥମେ ଟିକା ଦିଆଯିବ ବୋଲି ଚିହ୍ନଟ କରାଯାଇଛି। ପ୍ରଥମ ଗୋଷ୍ଠୀରେ ୧ କୋଟି ସ୍ୱାସ୍ଥ୍ୟକର୍ମୀଙ୍କୁ ସାମିଲ କରାଯାଇଛି। ଏଥିରେ ଡାକ୍ତର, ନର୍ସ, ଆଶାକର୍ମୀ, ଡାକ୍ତରୀ ଛାତ୍ରମାନଙ୍କୁ ନିଆଯାଇଛି। ଦ୍ୱିତୀୟ ଗୋଷ୍ଠୀରେ ୨ କୋଟି ଛାମୁଆ କର୍ମୀଙ୍କୁ ଏହି ଟିକା ଦିଆଯିବ। ଏଥିରେ ମ୍ୟୁନିସିପାଲିଟି କର୍ମଚାରୀ, ପୋଲିସ କର୍ମଚାରୀ ଓ ସେନାକର୍ମୀଙ୍କୁ ସାମିଲ କରାଯାଇଛି। ତୃତୀୟ ଗୋଷ୍ଠୀ ଭାବେ ୨୬ କୋଟି ଲୋକଙ୍କୁ ଚିହ୍ନଟ କରାଯାଇଛି। ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ଟିକା ପ୍ରଦାନ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ୧ କୋଟି ସ୍ୱତନ୍ତ୍ର ରୋଗଯୁକ୍ତ ଲୋକଙ୍କୁ ଟିକା ଦିଆଯିବ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଟିକା ବିତରଣ ଲାଗି ଟାସ୍କଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାପର କିଙ୍ଗ୍ ଭୋନ୍‌ଙ୍କ ସମେତ ୩ ମୃତ

**ଆଟଲାଣ୍ଟା,୭।୧୧**

ଚିକାଗୋ ରାପର କିଙ୍ଗ ଆକା କିଙ୍ଗ ଭୋନ୍ ଓ ଅନ୍ୟ ଦୁଇଜଣ ଶୁକ୍ରବାର ଗୁଳିମାଡ଼ରେ ପ୍ରାଣ ହରାଇଛନ୍ତି। ଏକ ନାଇଟ କ୍ଲବ ବାହାରେ ଥିବାବେଳେ ଗୁଳିମାଡ଼ କରାଯାଇଥିଲା। ପାର୍କିଂ ଲଟ୍‌ରେ ଦୁଇଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଗୁଳିମାଡ଼ କରାଯାଇଥିଲା। ୬ ଜଣଙ୍କ ଦେହରେ ଗୁଳି ବାଜିଥିଲା।



ବାକି ୩ ଜଣ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ତଦନ୍ତ ଜାରି ରହିଛି।

# ୧୦ ଉପଗ୍ରହକୁ କକ୍ଷପଥରେ ସ୍ଥାପନ କଲା ପିଏସ୍‌ଏଲ୍‌ଭି-ସି୪୯

**ଚେନ୍ନାଇ, ୭।୧୧**



ଶନିବାର ଅପରାହ୍ନରେ ପୁଣିଥରେ ଚଳଚଞ୍ଚଳ ହୋଇଉଠିଥିଲା ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ର। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନର ପିଏସ୍‌ଏଲ୍‌ଭି-ସି୪୯ ରକେଟ ଉକ୍ତ କେନ୍ଦ୍ରରୁ ୧୦ଟି ସାଟେଲାଇଟ୍‌କୁ ସଫଳତାର ସହ ନେଇ କକ୍ଷପଥରେ ଅବସ୍ଥାପିତ କରିଛି। ସେଥିରେ ଭାରତର ଅଲ୍-ୱେଦର ଆର୍ଥ ଇମେଜିଂ ସାଟେଲାଇଟ ଇଓଏସ୍-୦୧( ପୂର୍ବ ନାମ ଆର୍‌ଆଇ-ସାଟ୍-୨ବିଆର୍୨) ସମେତ ୯ଟି ବିଦେଶୀ ସାଟେଲାଇଟ୍ ରହିଛି। ବିଜୁଳି ମାରୁଥିବାରୁ ଏହାକୁ ୧୦ ମିନିଟ ସ୍ଥଗିତ ରଖାଯାଇଥିଲା। ୩ଟା ୧୨ ମିନିଟ୍‌ରେ ରକେଟ୍ ୧୦ ସାଟେଲାଇଟ୍‌କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିଥିଲା। ୧୫ ମିନିଟ୍ ପରେ ସଫଳତାର ସହ ପ୍ରଥମ ପେଲୋଡ୍ ଇଓଏସ୍-୦୧କୁ କକ୍ଷପଥରେ ସ୍ଥାପନ କରିବା ପରେ ଅନ୍ୟ ଉପଗ୍ରହମାନଙ୍କୁ ଅବସ୍ଥାପିତ କରିଥିଲା।

ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଇଓଏସ୍-୦୧ରେ ଏକ୍ସ-ବ୍ୟାଣ୍ଡ ସିନ୍ଥେଟିକ୍-ଆପରଚର ରାଡାର ରହିଛି। କୃଷି, ବନୀକରଣ ଓ ବିପର୍ଯ୍ୟୟ ପରିଚାଳନାରେ ଏହା ସହାୟକ ହେବ।

# ଅର୍ଣ୍ଣବଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ

**ମୁମ୍ବାଇ, ୭।୧୧**

ରିପବ୍ଲିକାନ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ ଅନ୍ତରୀଣ ଜାମିନ ପାଇଁ କରିଥିବା ଆବେଦନ ଉପରେ ବମ୍ବେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ଫଳରେ ଶନିବାର ତାଙ୍କର ହାଜତରୁ ବାହାରିବା ସମ୍ଭବ ହୋଇନାହିଁ। ୨୦୧୮ରେ ସେ ଇଣ୍ଟେରିୟର ଡିଜାଇନର ଅନ୍ୱୟ ନାଏକଙ୍କ ପାରିଶ୍ରମିକ ପୈଠ କରି ନ ଥିଲେ। ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ଅନ୍ୱୟ ଓ ତାଙ୍କ ମାଆ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ଅଭିଯୋଗରେ ଗତ ବୁଧବାର ଅର୍ଣ୍ଣବଙ୍କୁ ଗିରଫ କରାଯାଇଥିଲା। ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ ଏବଂ ଏମ୍.ଏସ୍. କାର୍ନିକଙ୍କ ଖଣ୍ଡପୀଠ ଶୁଣାଣି ଶେଷ କରିବା ପରେ ଖୁବ୍‌ଶୀଘ୍ର ରାୟ ପ୍ରକାଶ କରିବେ ବୋଲି କହିଛନ୍ତି। କେବେ ରାୟ ଘୋଷଣା ହେବ ତାହା କୁହାଯାଇନାହିଁ। ତେବେ ଆବେଦନକାରୀ ଚାହିଁଲେ ନିୟମିତ ଜାମିନ ଲାଗି ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ।



ଅନ୍ତରୀଣ ଜାମିନ ଆବେଦନରେ ଅର୍ଣ୍ଣବ ଦର୍ଶାଇଥିଲେ, ଗିରଫବେଳେ ପୋଲିସ ତାଙ୍କୁ ମାର୍‌ପିଟ କରିବା ସହ ଏକ ତରଳ ପଦାର୍ଥ ଜବରଦସ୍ତ ପିଆଇଥିଲେ। ଏହାକୁ ପିଇବା ବେଳେ ତାଙ୍କ ଶ୍ୱାସରୁଦ୍ଧ ହୋଇଯାଇଥିଲା। ପୋଲିସ ବୁଟ୍ ମାଡ଼ରେ ତାଙ୍କ ସ୍ପାଇନାଲ କର୍ଡ ଗୁରୁତର ଆଘାତ ପାଇଥିବା ଅର୍ଣ୍ଣବ ଅଭିଯୋଗ କରିଛନ୍ତି।

## ରିମାଣ୍ଡ ଶୁଣାଣି ୯ରେ

**ମୁମ୍ବାଇ, ୭।୧୧**

ଅର୍ଣ୍ଣବ ଗୋସ୍ୱାମୀଙ୍କୁ ରିମାଣ୍ଡରେ ନେବା ଲାଗି ପୋଲିସ କରିଥିବା ଆବେଦନର ଶୁଣାଣି ୯ ତାରିଖରେ କରିବାକୁ ରାୟଗଡ଼ ଜିଲା ଆଲିବାଗ୍ ସେସନ୍ସ କୋର୍ଟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ପୋଲିସ କରିଥିବା ଆବେଦନକୁ ମାଜିଷ୍ଟ୍ରେଟ କୋର୍ଟ ଖାରଜ କରିଦେଇଥିଲେ। ଏହାକୁ ସେମାନେ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଳକୋର୍ଟର ରାୟକୁ ଖାରଜ କରି ଅର୍ଣ୍ଣବ ଓ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ଲାଗି ଅନୁମତି ଦେବାକୁ ପୋଲିସ ଅନୁରୋଧ କରିଥିଲା।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୯୯,୩୫,୩୫୬ | ୧୨,୫୨,୭୭୪ | ୩,୫୪,୦୯,୮୦୨ |
| ଭାରତ | ୮୪,୭୮,୬୮୯ | ୧,୨୫,୮୯୫ | ୭୮,୩୭,୦୬୧ |
| ଓଡ଼ିଶା | ୩,୦୦,୧୪୦ | ୧୪୧୦(+୪୩) | ୨,୮୬,୮୪୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବରିଷ୍ଠ ଆଇନଜୀବୀ ଅଶୋକଙ୍କ ପରଲୋକ



**କଟକ ଅଫିସ୍, ୭।୧୧:** ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଅଶୋକ ମହାପାତ୍ରଙ୍କ ଶନିବାର ମଧ୍ୟାହ୍ନରେ ପରଲୋକ ଘଟିଛି। ତାଙ୍କୁ ୬୧ବର୍ଷ ହୋଇଥିଲା। ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଅଶୋକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଚିନ୍ମୟୀ ଓ ଏକମାତ୍ର ପୁତ୍ର ଆଲୋକ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ନିମନ୍ତେ ମର ଶରୀରକୁ ପ୍ରଥମେ ହାଇକୋର୍ଟକୁ ଅଣାଯାଇଥିଲା। ସେଠାରେ ବହୁ ଆଇନଜୀବୀ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ମରଶରୀରକୁ ତଳତେଲେଙ୍ଗାବଜାରସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଭଦ୍ରକର ଭଣ୍ଡାରିପୋଖରୀ ବ୍ଲକ ସାରୋଠାରେ ଜନ୍ମିତ ଅଶୋକ ହାଇକୋର୍ଟରେ ଓକିଲାତି ଜୀବନ ଆରମ୍ଭ କରିଥିଲେ। କରୋନା କାଳରେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଯିବାରୁ ବହୁ ଆଇନଜୀବୀ ଆର୍ଥିକ ଅନଟନରେ ଗତି କରୁଛନ୍ତି। ସେମାନଙ୍କୁ ସହାୟତା ଦେବା ପାଇଁ ଅଶୋକ ମାତାପିତାଙ୍କ ନାମରେ ଶ୍ୟାମ-ଶକୁନ୍ତଳା କଲ୍ୟାଣ ପାଣ୍ଠି ଗଠନ କରି ତା' ମାଧମରେ ବିଭିନ୍ନ ବାର୍ ଆସୋସିଏଶନକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଅଶୋକ ୨୦୧୫ରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ପୁରୀ ଶ୍ରୀମନ୍ଦିରର ଜଗମୋହନ ଏବଂ ନାଟ ମଣ୍ଡପ ମରାମତି ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ମରାମତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ଲଢ଼ିଥିଲେ। ଅଶୋକ ହେଉଛନ୍ତି ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ପୁତ୍ର।

### ବ୍ରିକ୍ସ ୱେବିନାରରେ ଅଭିଭାଷଣ ରଖିଲେ ହାଉସିଂ ବୋର୍ଡ ଅଧ୍ୟକ୍ଷ

**ଭୁବନେଶ୍ୱର,୭।୧୧:** ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ବ୍ରିକ୍ସ ୱେବିନାରରେ ଅଭିଭାଷଣ ରଖିଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା ଉପରେ ସେ ଏଠାରେ ଆଲୋକପାତ କରିଛନ୍ତି। ସେହିଭଳି ସହରାଞ୍ଚଳ ବାସଗୃହ ସମସ୍ୟା ଓ ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ମଧ ଦେଇଛନ୍ତି। ସେ କହିଛନ୍ତି, ଆର୍ଥିକ ଅନଗ୍ରସର ଶ୍ରେଣୀ ତଥା ସ୍ୱଳ୍ପ ରୋଜଗାରକ୍ଷମ ଶ୍ରେଣୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବାସଗୃହ ସୁବିଧା, ଦ୍ରୁତ ପରିବର୍ତ୍ତନଶୀଳ ପରିବେଶ ସହ ଖାପ ଖୁଆଇ ବାସଗୃହ ନିର୍ମାଣ, ସହରାଞ୍ଚଳରେ ସମସାମୟିକ ଭାବେ ବସବାସ ପାଇଁ ଆବଶ୍ୟକ କରୁଥିବା ଲୋକମାନଙ୍କ ନିମନ୍ତେ କମ୍ ମୂଲ୍ୟରେ ଭଡ଼ାଘର ଯୋଗାଇଦେବା ନିମନ୍ତେ ସେ ପ୍ରସ୍ତାବ ରଖିଥିଲେ। କାର୍ଯ୍ୟକ୍ରମରେ ଭାରତ ସମେତ ରୁଷିଆ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରିଆ ଭଳି ଅନ୍ୟ ଦେଶର ପ୍ରତିନିଧି ଯୋଗଦେବା ସହ ନିଜର ଅଭିଭାଷଣ ରଖିଥିଲେ। ସୂଚନାଯୋଗ୍ୟ, ବାସଗୃହ ନିଅଣ୍ଟିଆ ସ୍ଥିତିକୁ ଧାନରେ ରଖି ଭାରତ ସରକାର ୨୦୨୨ ସୁଦ୍ଧା ୨ କୋଟି ବାସଗୃହ ଯୋଗାଇଦେବା ଲାଗି ଯୋଜନା ରଖିଛନ୍ତି। ଏଥିଲାଗି ସରକାର ବିଭିନ୍ନ ଯୋଜନା ହାତକୁ ନେଉଥିବା ଜଣାପଡିଛି।




# ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ପ୍ରକ୍ରିୟା ସ୍ଥଗିତ

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

୨୦୨୧ ବାର୍ଷିକ ହାଇସ୍କୁଲ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପରାମର୍ଶକ୍ରମେ ଫର୍ମ ପୂରଣ ନେଇ ପରବର୍ତ୍ତୀ ବିଜ୍ଞପ୍ତି ଜାରି କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଗତ ୫ ତାରିଖରେ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍କୁଲ ଖୋଲି ପାରିନାହିଁ। ଡିସେମ୍ବର ୩୧ ଯାଏ ସ୍କୁଲ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ମାସ ହେବ ସ୍କୁଲ ଖୋଲି ନ ଥିବାରୁ ପିଲାମାନେ ଠିକ୍ ଭାବେ ପାଠ ପଢ଼ିପାରି ନାହାନ୍ତି କି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇନାହାନ୍ତି। ପରୀକ୍ଷାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ରହିଥିବାବେଳେ ଫର୍ମ ପୂରଣ ପ୍ରକ୍ରିୟାକୁ ବିଭିନ୍ନ ଆଡୁ ପ୍ରତିକ୍ରିୟା ଦେଖାଦେଇଥିଲା। ଅଭିଭାବକ ମହାସଂଘ ସମେତ ଓଷ୍ଟା ମଧ ଏହି ଫର୍ମ ପୂରଣ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ପାଇଁ ଦାବିକରି ଆସୁଥିଲେ। ଏହାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ବିଜ୍ଞପ୍ତି ପ୍ରତ୍ୟାହାର ପାଇଁ ବୋର୍ଡ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୋର୍ଡ ପକ୍ଷରୁ ତାହାକୁ ପ୍ରତ୍ୟାହାର କରାଯାଇଥିବାରୁ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ସ୍ୱାଗତ କରିଛନ୍ତି।

## ବିମୁଦ୍ରୀକରଣକୁ ୪ ବର୍ଷ

# ସୁଧୁରୁନି ଅର୍ଥନୀତି

## ନଗଦ କାରବାର କମୁନାହିଁ

**ନୂଆଦିଲ୍ଲୀ, ୭।୧୧**

ଡିମନିଟାଇଜେଶନ ବା ବିମୁଦ୍ରୀକରଣକୁ ରବିବାର ୪ ବର୍ଷ ପୂରୁଛି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ୫୦୦ ଓ ୧୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ। ଏଭଳି ପଦକ୍ଷେପ ଯୋଗୁ ସେତେବେଳେ ଦେଶବାସୀ ଘୋର ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦେଶରେ କଳାଧନ ଠୁଳ ଓ ଜାଲ୍ ନୋଟ୍ କାରବାରକୁ ରୋକିବା ଉଦ୍ଦେଶ୍ୟରେ ବିମୁଦ୍ରୀକରଣ ଘୋଷଣା ହୋଇଥିଲେ ହେଁ ଉକ୍ତ ଲକ୍ଷ୍ୟ ଆଶାନୁରୂପ ପୂରଣ ହୋଇ ନ ଥିଲା। କାରଣ ଦେଶରେ ପ୍ରଚଳିତ ଥିବା ପ୍ରାୟ ସବୁ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ ରିଜର୍ଭ ବ୍ୟାଙ୍କକୁ ଫେରିଆସିଥିଲା। ଅନ୍ୟପକ୍ଷରେ ମୋଦି ସରକାରଙ୍କ ଏହି ନିଷ୍ପତ୍ତି ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଥିଲା, ଯେଉଁଥିରୁ ଦେଶ ଏପର୍ଯ୍ୟନ୍ତ ମୁକ୍ତ ହୋଇପାରି ନାହିଁ। ସେହିପରି ଡିଜିଟାଲ ପେମେଣ୍ଟ ଲକ୍ଷ୍ୟ ମଧ ଯଥେଷ୍ଟ ବଢ଼ିନାହିଁ। ଏବେ ବି ଅନେକ ଲୋକ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ନଗଦ କାରବାର ଉପରେ ନିର୍ଭର କରୁଛନ୍ତି।

ପରିସଂଖ୍ୟାନ ମନ୍ତ୍ରଣାଳୟର ଆକଳନ ଅନୁଯାୟୀ ବିମୁଦ୍ରୀକରଣ ବର୍ଷ ୨୦୧୬-୧୭ରେ ଦେଶର ଆର୍ଥିକ ଅଭିବୃଦ୍ଧି ୮.୨ ପ୍ରତିଶତ ଥିଲା। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ ୭.୬ ଲକ୍ଷରୁ ଅଧିକ ଜାଲ୍ ନୋଟ ଧରାପଡ଼ିଥିଲା। ସେହିପରି



୨୦୧୭-୧୮ରେ ୫.୨ ଲକ୍ଷ ଓ ୨୦୧୮-୧୯ରେ ୩.୧୭ ଲକ୍ଷ ଜାଲ୍ ନୋଟ୍ ଜବତ ହୋଇଥିଲା। ବିମୁଦ୍ରୀକରଣ ପରେ ଦେଶରେ ଡିଜିଟାଲ ପେମେଣ୍ଟ କାରବାର ଯଥେଷ୍ଟ ବଢ଼ିଛି।

ଏହାକୁ ବାଦ୍ ଦେଲେ ବିମୁଦ୍ରୀକରଣର ଅନେକ ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଥିଲା। ୨୦୧୭-୧୮ ଆର୍ଥିକ ବର୍ଷ ଆରମ୍ଭରୁ ଦେଶର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଥିଲା। ସେହିବର୍ଷ ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ୬.୮% ଏବଂ ୨୦୧୯-୨୦ରେ ୪.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଚଳିତ ବର୍ଷ ବିମୁଦ୍ରୀକରଣ ପ୍ରଭାବ ସାଙ୍ଗକୁ କରୋନା ମହାମାରୀଜନିତ ଲକ୍‌ଡାଉନ ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ଅଭିବୃଦ୍ଧି ୧୦.୩ ପ୍ରତିଶତ ପଛକୁ ଚାଲିଯିବ ବୋଲି ଆକଳନ କରାଯାଇଛି। ବିମୁଦ୍ରୀକରଣ ଯୋଗୁ ଲିକ୍ୟୁଡିଟିର ଅଭାବ ଦେଖାଦେଇଥିଲା। ସାଧାରଣ ଜନତା ସେମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଯଥେଷ୍ଟ ନଗଦ ଅର୍ଥ ପାଇ ନ ଥିଲେ। ନିମ୍ନ ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ବର୍ଗ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ନଗଦ ଅଭାବରୁ ସେମାନେ ଆୟ ହରାଇଥିଲେ। ସେହିପରି ନଗଦ ଅଭାବରୁ ଶିଳ୍ପସଂସ୍ଥା ଶ୍ରମିକଙ୍କ ପାରିଶ୍ରମିକ କମାଇବାରୁ ନିମ୍ନ ମଧ୍ୟବିତ୍ତଙ୍କ ଆୟ ହ୍ରାସ ପାଇଥିଲା। ଲୋକଙ୍କ କ୍ରୟଶକ୍ତି ହ୍ରାସ ହେବାରୁ କଞ୍ଜୁମର ଡ୍ୟୁରେବଲ୍ ବିକ୍ରି ବାଧାପ୍ରାପ୍ତ ହୋଇଥିଲା। ଏକ ସର୍ଭେ ଅନୁଯାୟୀ ୩୪ ପ୍ରତିଶତ ଲୋକ ଦୈନନ୍ଦିନ ଆବଶ୍ୟକତାର ଅର୍ଦ୍ଧେକ ନଗଦ ଅର୍ଥରେ କିଣିଥାନ୍ତି। ସେହିପରି ୩୧ ପ୍ରତିଶତ କର୍ମଚାରୀ ନଗଦ ଅର୍ଥରେ ଦରମା ପାଇଥାନ୍ତି ଓ ବିଲ୍ ପୈଠ କରିଥାନ୍ତି ବୋଲି ଜଣାପଡିଛି।

ବିମୁଦ୍ରୀକରଣ ଯୋଗୁ କିଛିଦିନ ପାଇଁ ବ୍ୟାଙ୍କଗୁଡ଼ିକରେ ନଗଦ ଜମା ବୃଦ୍ଧି ପାଇଥିଲେ ହେଁ ପରେ ଦୀର୍ଘମିଆଦୀ ଜମା ଯଥେଷ୍ଟ କମିଯାଇଥିଲା। ଫଳରେ ବ୍ୟାଙ୍କଗୁଡ଼ିକ ସୁଧ ହାର କମାଇଦେଇଥିଲେ। ବିମୁଦ୍ରୀକରଣର ମୁଖ୍ୟ ଲକ୍ଷ୍ୟ କଳାଧନ ରୋକିବା ହୋଇଥିଲେ ହେଁ ମାତ୍ର ଅଳ୍ପ ପରିମାଣର ଟଙ୍କା କଳାଧନ ଭାବରେ ଥିଲା। ଅଧିକାଂଶ କଳାଧନ ଜମି, ସୁନା ଓ ବିଲ୍ଡିଂ ଆଦି କିଣିବାରେ ବିନିଯୋଗ ହୋଇଥିଲା। ସରକାରଙ୍କ ବିମୁଦ୍ରୀକରଣ ନୀତିକୁ ଅନେକ ଅର୍ଥନୀତିଜ୍ଞ ସମାଲୋଚନା କରିଛନ୍ତି। ଏହା ସରକାରଙ୍କ ଅତ୍ୟାଚାରୀ କାର୍ଯ୍ୟ ଓ ବିଶ୍ୱାସ ଭଙ୍ଗ ବୋଲି ନୋବେଲ ବିଜୟୀ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ କହିଥିଲେ। ବିମୁଦ୍ରୀକରଣ ଯୋଗୁ ଦୁର୍ନୀତି, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଏବଂ ମୁଦ୍ରାସ୍ଫୀତି ହ୍ରାସ ଲକ୍ଷ୍ୟ ପୂରଣ ହେବନାହିଁ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ କୌଶିକ୍ ବସୁ କହିଥିଲେ। ଅର୍ଥନୀତିଜ୍ଞ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବିମୁଦ୍ରୀକରଣକୁ ସମାଲୋଚନା କରି ଏହା ଅଭିବୃଦ୍ଧିକୁ ୨ ପ୍ରତିଶତ କମାଇଦେବ ବୋଲି ସେତେବେଳେ କହିଥିଲେ।

# ଦେଢ଼ବର୍ଷ ପରେ ଶିଶୁ ଅଣ୍ଟାରୁ ବାହାରିଲା ଛୁଞ୍ଚି

**ଅନୁଗୋଳ ଅଫିସ, ୭।୧୧**

ଅନୁଗୋଳ ଜିଲା ତାଳଚେର ଥାନା ବାଲୁଙ୍ଗା ଗାଁର ୫ ବର୍ଷର ଶିଶୁ ଶାଲିନୀ ବେହେରାଙ୍କ ଅଣ୍ଟାରେ ଅଟକିଥିବା ଛୁଞ୍ଚିକୁ ଅସ୍ତ୍ରୋପଚାର କରି ବାହାର କରାଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ମଧ୍ୟାହ୍ନରେ ଛୁଞ୍ଚି କଢ଼ାଯାଇଥିବା ନେଇ ତାଙ୍କ ବାପା ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି। ଶିଶୁ ସୁସ୍ଥ ଅଛନ୍ତି ଏବଂ ସେ ଘରକୁ ଫେରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟରେ ଶାଲିନୀ କଣିହାଁ ଥାନା ଅନ୍ତର୍ଗତ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ସେତେବେଳେ ତାଙ୍କୁ ନିକଟସ୍ଥ ଏକ ଘରୋଇ କ୍ଲିନିକ୍‌କୁ ନିଆଯାଇଥିବାବେଳେ ଫାର୍ମାସିଷ୍ଟ ଇଞ୍ଜେକ୍ସନ ଦେଇଥିଲେ। ଏହି ସମୟରେ ସିରିଞ୍ଜ୍‌ରୁ ଛୁଞ୍ଚି ଭାଙ୍ଗି ଶିଶୁଙ୍କ ଶରୀରରେ ରହିଯାଇଥିଲା। ଅନୁଗୋଳର ଏକ ଘରୋଇ କ୍ଲିନିକ୍, ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର ବିଫଳ ହେବା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ମଧ ନିରାଶ ହୋଇ ନିରଞ୍ଜନ ଝିଅକୁ ଧରି ଅନୁଗୋଳ ଫେରିଥିଲେ। ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଏଭଳି ଅସ୍ତ୍ରୋପଚାର ହେଉଥିବା ଜଣେ ବନ୍ଧୁଙ୍କଠାରୁ ଜାଣିବା ପରେ ନିରଞ୍ଜନଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ଏହାପରେ ଝିଅକୁ ଧରି ସେ ଭୁବନେଶ୍ୱର ଯାଇଥିଲେ। ଶାଲିନୀଙ୍କ ଚିକିତ୍ସାରେ ସମସ୍ତ ସଞ୍ଚିତ ସମ୍ବଳ ଖର୍ଚ୍ଚ ହୋଇସାରିଛି। ସରକାର ସହଯୋଗର ହାତ ବଢ଼ାଇବାକୁ ନିରଞ୍ଜନ ନିବେଦନ କରିଛନ୍ତି।



# ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଚମକିଲେ ପ୍ରାଞ୍ଜଳ

**କୋଟପାଡ଼,୭।୧୧ (ଡି.ଏନ.ଏ.)**

### ରାଜ୍ୟ ପାଇଁ ଆଣିଲେ ଗୌରବ

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ପ୍ରାଞ୍ଜଳ ପାତ୍ର ଆନ୍ତଃ ରାଜ୍ୟସ୍ତରୀୟ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗତ କିଛିଦିନ ପୂର୍ବେ ପ୍ରଥମେ ଜିରୋନ ପ୍ରଡକ୍ସନର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମିଫାଇନାଲକୁ ଉନ୍ନୀତ ହୋଇ ଜିଲା ତଥା ରାଜ୍ୟ ପାଇଁ ସୁନାମ ଆଣିଥିଲେ। ଏବେ ଗତ ୨ ଓ ୩ ରେ ଗୋଆଠାରେ ଫ୍ୟାଶନ ଶୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩୦ ଜଣଙ୍କୁ ପଛରେ ପକାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଶ୍ରୀଲଙ୍କାର କଲମ୍ବୋଠାରେ ବିଙ୍ଗ୍‌ସ ପ୍ରଡକ୍ସନ ହାଉସ ପକ୍ଷରୁ ମିସ୍ ଇଣ୍ଟର ନ୍ୟାଶନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିରେ ଅଂଶଗ୍ରହଣ କରି ବିଜୟୀ ହେବା ଆଶା ରଖିଛନ୍ତି ପ୍ରାଞ୍ଜଳ। କୋଟପାଡ଼ ଅଞ୍ଚଳର ବରିଷ୍ଠ ଆଇନଜୀବୀ ପଙ୍କଜ ପାତ୍ର ଓ ପ୍ରତିମା ପାତ୍ରଙ୍କ ଝିଅ ପ୍ରାଞ୍ଜଳ ଯୁକ୍ତ୩ ରେ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଲାଭ କରୁଛନ୍ତି। ଫ୍ୟାଶନ ଓ କଳା କ୍ଷେତ୍ରରେ ରୁଚି ରଖି ଆଗକୁ ବଢୁଥିବା ପ୍ରାଞ୍ଜଳ ଆଗାମୀ ଦିନରେ ଫାଇନାଲରେ ଅଂଶଗ୍ରହଣ କରି କୋରାପୁଟ ତଥା ରାଜ୍ୟ ପାଇଁ ଗୌରବ ଆଣିବି ବୋଲି କହିଛନ୍ତି।

# ଠିକାଶ୍ରମିକଙ୍କ ମୃତ୍ୟୁ

## ନିଯୁକ୍ତି ଦାବିରେ ଆନ୍ଦୋଳନ

**କଣିହାଁ, ୭।୧୧(ଡି.ଏନ.ଏ.)**

କଣିହାଁ ସ୍ଥିତ ଏନ୍‌ଟିପିସି ପ୍ରକଳ୍ପରେ କାମ କରୁଥିବା ଠିକା ଶ୍ରମିକ ଦଣ୍ଡାସିଂହା ଗ୍ରାମର ସନ୍ତୋଷ କୁମାର ମହାନ୍ତି(୫୮)ଙ୍କ ଶୁକ୍ରବାର ମୃତ୍ୟୁ ଘଟଣାରେ ଶନିବାର ପ୍ରକଳ୍ପର ମୁଖ୍ୟଫାଟକ ନିକଟରେ ଆନ୍ଦୋଳନ କରାଯାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଜଣକୁ ନିଯୁକ୍ତି ଦାବିରେ ଏହି ଆନ୍ଦୋଳନ ହୋଇଥିଲା। ପରେ ପୋଲିସ, ପ୍ରଶାସନ, ପ୍ରକଳ୍ପ କର୍ତ୍ତୃପକ୍ଷ ପହଞ୍ଚି କ୍ଷତିପୂରଣ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡିଛି। ଏଥିସହ ଜଣଙ୍କୁ ନିଯୁକ୍ତି ଦାବି ନେଇ ଅପରାହ୍ନରେ କଣିହାଁ ତହସିଲ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଆଇଆଇସି ଦୀପିକା ଦେବୀରାୟ, କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୂତିଆଙ୍କ ସୂଚନା ମୁତାବକ, ପାଲଲହଡ଼ା ବିଧାୟକ ସମାଧାନ ପ୍ରସ୍ତାବ ଦେଇଥିଲେ। ଆଲୋଚନା ବୈଠକରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଦୁଃଶାସନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ୪ ଲକ୍ଷ ୫୦ ହଜାର ଟଙ୍କା ଓ ତାଙ୍କ ପୁଅଙ୍କୁ ଠିକାସଂସ୍ଥା ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି।






# ଓଡ଼ିଆ ଡାକ୍ତର ବିଶ୍ୱଦୀପ ଟପ୍ପର

### ଆଇସିଏଆର୍ ପିଏଚ୍‌ଡି ପ୍ରବେଶିକା ପରୀକ୍ଷା ର୍ୟାଙ୍କ୍ ପ୍ରକାଶ



**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ଭାରତୀୟ କୃଷି ଅନୁସନ୍ଧାନ ଓ ଗବେଷଣା ପରିଷଦ(ଆଇସିଏଆର) ପକ୍ଷରୁ ଅନୁଷ୍ଠିତ ପିଏଚ୍‌ଡି ପ୍ରବେଶିକା ପରୀକ୍ଷାର ର୍ୟାଙ୍କ୍ ପ୍ରକାଶ ପାଇଛି। ସାଧାରଣ ବର୍ଗରେ ଭୁବନେଶ୍ୱରର ଡା. ବିଶ୍ୱଦୀପ ଜେନା ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱଦୀପ ବର୍ତ୍ତମାନ ଓୟୁଏଟିସ୍ଥିତ ଭେଟେରିନାରି କଲେଜ ସର୍ଜରି ବିଭାଗର ସହକାରୀ ପ୍ରାଧାପକ ଭାବେ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ଆଇସିଏଆର ୟୁଜି, ପିଜି ଓ ପିଏଚ୍‌ଡି ପ୍ରବେଶିକା ପରୀକ୍ଷା ସେପ୍ଟେମ୍ବର ୧୬,୧୭, ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା। କରୋନା ଆକ୍ରାନ୍ତ ପରୀକ୍ଷାର୍ଥୀଙ୍କ ପାଇଁ ଅକ୍ଟୋବର ୧୨ରେ ପୁଣିଥରେ ପରୀକ୍ଷା ହୋଇଥିଲା। ୟୁଜିରେ ୫, ପିଜିରେ ୨୦ ଓ ପିଏଚ୍‌ଡିରେ ୭୩ ସିଟ୍ ପାଇଁ ମୋଟ ୨,୪୦,୭୪୭ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ କେବଳ ପିଏଚ୍‌ଡିରେ ୧୪,୦୮୦ ପରୀକ୍ଷାର୍ଥୀ ଥିଲେ। ଏଥିରେ ସାଧାରଣବର୍ଗରେ ବିଶ୍ୱଦୀପ ର୍ୟାଙ୍କ୍ ୧ ହାସଲ କରିଛନ୍ତି। ତେବେ ଏହି ସଫଳତାକୁ ନେଇ ବିଶ୍ୱଦୀପ କହିଛନ୍ତି, କରୋନା ସମୟରେ କଲେଜରେ ଅନ୍‌ଲାଇନ୍‌ରେ ପାଠ ପଢ଼ାଇବା ଭଳି ଜଟିଳ ସମସ୍ୟା ଭିତରେ ନିଜେ ପାଠ ପଢ଼ିବା କଷ୍ଟକର ହୋଇଥିଲା। ତଥାପି ଏହି ପରୀକ୍ଷା ପାଇଁ ମୁଁ ଦିନକୁ ପ୍ରାୟ ୫ଘଣ୍ଟା ସମୟ ଦେଉଥିଲି। ଆଶା କରିଥିଲି ଭଲ ରେଜଲ୍ଟ ହେବ। ଏବେ ଖୁସି ଲାଗୁଛି ଓ ଏହାର ସବୁ ଶ୍ରେୟ ମୋର ଶିକ୍ଷକ ଓ ପରିବାରବର୍ଗକୁ ଦେବାକୁ ଚାହିଁବି। ବିଶ୍ୱଦୀପ ବନ୍ୟପ୍ରାଣୀ ସର୍ଜରି ବିଶେଷକରି ସାପଙ୍କ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ତଥା ଦେଶରେ ବେଶ୍ ପରିଚିତ। ସେ ଦେଶରେ ପ୍ରଥମେ ସାପ ଆଦି ସରୀସୃପଙ୍କ ସିଟି ସ୍କାନ୍ କରି ନାଁ କରିଥିଲେ। ସେହିପରି ସାପଙ୍କ ସର୍ଜରି କ୍ଷେତ୍ରରେ ମଧ ସେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# 'ପାଣି ଛାଡ଼ିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦିଆଯାଉ'

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

### ମହାନଦୀ ଜଳ ବିବାଦ

- ଅଣ ମୌସୁମୀ ବେଳେ ୧.୭୪ ନିୟୁତ ଏକର ଫୁଟ୍ ପାଣି ଛାଡ଼ିବାକୁ ଓଡ଼ିଶାର ଦାବି
- ୫ରେ ପରବର୍ତ୍ତୀ ଶୁଣାଣି

ଅଣ ମୌସୁମୀ ସମୟ(ନଭେମ୍ବରରୁ ମେ) ପର୍ଯ୍ୟନ୍ତ ମହାନଦୀରେ ୧.୭୪ ନିୟୁତ ଏକର ଫୁଟ ପାଣି ପ୍ରବାହକୁ ଛତିଶଗଡ଼ ସୁନିଶ୍ଚିତ କରିବା ନେଇ ଅନ୍ତରୀଣ ନିର୍ଦ୍ଦେଶ ଦିଆଯିବାକୁ ଶନିବାର ଓଡ଼ିଶା ସରକାର ମହାନଦୀ ଟ୍ରିବ୍ୟୁନାଲ ନିକଟରେ ଦାବି କରିଛନ୍ତି। ଶୁଣାଣି ସମୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ମୁକୁଲ ରୋହତାଗୀ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିବାକୁ ଆବେଦନ କରିଥିଲେ। ଆବେଦନରେ ସେ ଦର୍ଶାଇଥିଲେ ଯେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ମୁତାବକ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ବିବାଦର ସମାଧାନ ହୋଇ ପାରି ନାହିଁ। ଏହି ମାମଲାକୁ ଦୁଇବର୍ଷ ବିତି ଯାଇଥିବାରୁ ଆସନ୍ତା ଶୁଣାଣି ବେଳେ ଏନେଇ ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ୍ ଖାନ୍‌ୱିଲକାରାଣ୍ଡ, ଜଷ୍ଟିସ ରବି ରଞ୍ଜନ ଏବଂ ଜଷ୍ଟିସ ଇନ୍ଦରମିତ କୌରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ମହାନଦୀ ବିବାଦ ମାମଲାକୁ ବିଳମ୍ବିତ ନ କରିବା ପାଇଁ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏନେଇ ତାରିଖ ବିଷୟରେ ଜଣାଇବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଏହି ମାମଲାକୁ ଅଧିକ ଦିନ ନେବାକୁ ଟ୍ରିବ୍ୟୁନାଲ ଚାହୁଁ ନାହାନ୍ତି। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୫କୁ ଟ୍ରିବ୍ୟୁନାଲ ଧାର୍ଯ୍ୟ କରିଛନ୍ତି।

ବିବାଦର ଶୁଣାଣି ପାଇଁ କମନ୍ ଫର୍ମାଟ୍ ଉପରେ ଓଡ଼ିଶା ଆପତ୍ତି ଉଠାଇଛି। ବରିଷ୍ଠ ଆଇନଜୀବୀ ମୋହନ କାଟାର୍କୀ କମନ୍ ଫର୍ମାଟ୍ ପ୍ରସ୍ତୁତ ଏକ ଭଲ ପ୍ରସ୍ତାବ ହୋଇଥିଲେ ମଧ ଓଡ଼ିଶା ସରକାର ଏହା ଉପରେ ଆପତ୍ତି ଉଠାଇଛନ୍ତି। ଛତିଶଗଡ଼ରେ ନିର୍ମାଣ ହୋଇଥିବା ବ୍ୟାରେଜଗୁଡିକର ଅଲଗା ଅଲଗା ସମୀକ୍ଷା କରାଯିବାକୁ ସେ ଟ୍ରିବ୍ୟୁନାଲ ନିକଟରେ ଦାବି କରିଛନ୍ତି। ସେହି ବ୍ୟାରେଜଗୁଡ଼ିକ ଉପଯୁକ୍ତ ଅନୁଧ୍ୟାନ ପରେ ନିର୍ମାଣ ହୋଇଛି କି ନାହିଁ ସେ ବିଷୟରେ ଟ୍ରିବ୍ୟୁନାଲକୁ ଅବଗତ କରାଯିବା ଆବଶ୍ୟକ। ଯଦି ଡ୍ୟାମ୍‌ଗୁଡିକ ଭାଙ୍ଗିଯିବ ତେବେ ଏହାର ପ୍ରଭାବ ହୀରାକୁଦ ଜଳଭଣ୍ଡାର ଉପରେ ପଡିବ, ଯାହାକି ରାଜ୍ୟରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି କହିଛନ୍ତି। ଯଦି ଓଡ଼ିଶା ପ୍ରସ୍ତାବରେ ଛତିଶଗଡ଼ ସରକାର ରାଜି ନ ହେବେ ତେବେ ରାଜ୍ୟ ସରକାର ସେଥିପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରି ପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଡ୍ୟାମ୍ ବ୍ରେକ୍ ସମୀକ୍ଷା କ୍ଷେତ୍ରସ୍ତରୀୟ ଏବଂ ଡ୍ୟାମ୍‌ଗୁଡିକ ଭାଙ୍ଗିଲେ ନଦୀର ନିମ୍ନ ଭାଗରେ କି ପ୍ରଭାବ ପଡିବ ତାହା କମ୍ପ୍ୟୁଟର ଅନୁଧ୍ୟାନ ତଥ୍ୟ ସଂଗ୍ରହ ଉପରେ ଆଧାରିତ। ଅଣ ମୌସୁମୀ ସମୟରେ ମହାନଦୀରେ ୧.୭୪ ନିୟୁତ ଏକର ଫୁଟ୍ ପାଣି ପ୍ରବାହିତ ନେଇ ଓଡ଼ିଶା ସରକାର ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି।

**ଆଜିର ମନ୍ତବ୍ୟ**

ସଶସ୍ତ୍ର ବଳ ହାଇବ୍ରିଡ୍ ବିପଦ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହେବା ଜରୁରୀ। **-ଏୟାର ଚିଫ୍ ମାର୍ଶଲ ରାକେଶ କୁମାର ସିଂ ଭଦୋରିଆ, ଆଇଏଏଫ୍ ମୁଖ୍ୟ**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସ୍ମରଣୀକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱାଭିମାନ ଅଞ୍ଚଳରେ ନଜର ରଖିଛି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର

**ଚିତ୍ରକୋଣ୍ଡା,୭।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ମାଓବାଦୀ ଦମନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମାଓବାଦୀଙ୍କ ଉପରେ ନଜର ରଖିବାକୁ ସ୍ୱାଭିମାନ ଅଞ୍ଚଳ ଆକାଶରେ ପଇଁତରା ମାରୁଛି ବାୟୁସେନାର ୨ଟି ହେଲିକପ୍ଟର। ମାଓବାଦୀଙ୍କୁ ଦମନ ପାଇଁ ପୋଲିସ ଏବେ ଏହି ନୂଆ ରଣନୀତି ପ୍ରସ୍ତୁତ କରିଛି। ଶୁକ୍ରବାର ବିଏସ୍‌ଏଫ୍ ଅଧିକାରୀଙ୍କ ସ୍ୱାଭିମାନ ଅଞ୍ଚଳର ଗେରାସେତୁଠାରେ ପ୍ରତିଷ୍ଠା ହୋଇଥିବା ବିଏସ୍‌ଏଫ୍ କ୍ୟାମ୍ପ ଗସ୍ତ ସମୟରେ ଡିଆଇଜି ଓ ଏସ୍‌ପିଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

# ଏକ୍‌ଜିଟ୍ ପୋଲ୍‌ରେ ...

- ବିହାରରେ ଭୁଶୁଡ଼ିବ ନୀତୀଶଙ୍କ ଦୁର୍ଗ
- ତେଜସ୍ୱୀ ହୋଇପାରନ୍ତି ମୁଖ୍ୟମନ୍ତ୍ରୀ
- ଚିରାଗ ପାଶ୍ୱାନଙ୍କ ସ୍ୱପ୍ନ ଚୂରମାର

ସାମିଲ ଥିବା ଏନ୍‌ଡିଏ ୧୧୦ ଆସନରେ ସୀମିତ ରହିପାରେ। କିଙ୍ଗ୍ ମେକର ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ପୂର୍ବରୁ କୁହାଯାଉଥିବା ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷଙ୍କୁ ଚିରାଗ ପାଶ୍ୱାନଙ୍କୁ ଆଶାନୁରୂପ ସଫଳତା ମିଳିବ ନାହିଁ। ଶନିବାର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହେବା ପରେ ବୁଥ୍ ଫେରନ୍ତା ଭୋଟରଙ୍କଠାରୁ ସଂଗୃହୀତ ମତକୁ ନେଇ ପ୍ରକାଶିତ ଏକ୍‌ଜିଟ୍ ପୋଲ୍‌ରୁ ଏହା ଅନୁମାନ କରାଯାଉଛି।

୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ଜୁହୁକ ସଂଖ୍ୟା ହେଉଛି ୧୨୨। ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ମୋଟ ୩ଟି ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ଅକ୍ଟୋବର ୨୮ରେ ପ୍ରଥମ ପର୍ଯ୍ୟାୟରେ ୭୧ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଲାଗି ନଭେମ୍ବର ୩ରେ ୯୪ ଆସନ ଓ ୭ ତାରିଖ ଶନିବାର ୭୮ ଆସନରେ ମତଦାନ ହୋଇଥିଲା। ବିହାର ନିର୍ବାଚନ ଜିତି ନିଜ ଗଡ଼ ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରାଣପଣେ ଉଦ୍ୟମ ଚଳାଇଥିଲେ। ଏପରି କି ଏହା ତାଙ୍କର ଶେଷ ନିର୍ବାଚନ ବୋଲି ସେ ଘୋଷଣା କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ଏକ ଡଜନରୁ ଊର୍ଦ୍ଧ୍ୱ କେନ୍ଦ୍ରମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଷ୍ଟାର୍ କ୍ୟାମ୍ପେନର ରୂପେ ତୋଫାନୀ ପ୍ରଚାର ଚଳାଇଥିଲେ। ଅନ୍ୟପକ୍ଷେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଜେଲ୍‌ରେ ଥିବାରୁ ୪୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପ୍ରଚାର ମଇଦାନରେ ଅନୁପସ୍ଥିତ ଥିଲେ। ତାଙ୍କ ପୁଅ ତେଜସ୍ୱୀ ଯାଦବ ୱାନ୍ ମ୍ୟାନ୍ ଆର୍ମି ଭାବେ ଶାସକ ମେଣ୍ଟର ମୁକାବିଲା କରିଥିଲେ। ବିରୋଧୀ ମହାମେଣ୍ଟର ଅଂଶୀଦାର କଂଗ୍ରେସ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ସ୍ଥିତିକୁ ମଜଭୁତ କରିଥିଲେ।

ଶନିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପରେ ଏକ୍‌ଜିଟ୍ ପୋଲ୍ ଉପରେ ଜାରି ନିର୍ବାଚନ କମିଶନଙ୍କ କଟକଣା ହଟିଥିଲା। ବିଭିନ୍ନ ଜାତୀୟ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତକୁ ନେଇ ସନ୍ଧ୍ୟାରେ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଥିଲା। ନ୍ୟୁଜ୍ ୨୪-ସି ଭୋଟର ପକ୍ଷରୁ କରାଯାଇଥିବା ସର୍ଭେରେ ମହାମେଣ୍ଟ ୧୨୦ ଏବଂ ଏନ୍‌ଡିଏ ୧୧୬ ଆସନ ପାଇବ ବୋଲି ଅନୁମାନ କରାଯାଇଛି। ସେହିପରି ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ୧ ଏବଂ ଅନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ୬ ଆସନରେ ସୀମିତ ରହିବେ ବୋଲି ଆକଳନ କରାଯାଇଛି। ରିପବ୍ଲିକ୍ ଟିଭି-ଜନ୍ କୀ ବାତ୍‌ର ପୂର୍ବାନୁମାନ ହେଉଛି ମହାମେଣ୍ଟ ୧୧୮-୧୩୮ ଆସନ ପାଇ ସରକାର ଗଠନ ଦିଗରେ ଅଗ୍ରସର ହେବ। ଏନ୍‌ଡିଏକୁ ୯୧ରୁ ୧୧୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଏଲ୍‌ଜେପି ୫ରୁ ୮ ଓ ସ୍ୱାଧୀନ ୩ରୁ ୬ ଆସନ ପାଇବେ। ଟାଇମ୍ସ ନାଓ ଏବଂ ସି ଭୋଟର ପକ୍ଷରୁ ମିଳିତ ଭାବେ କରାଯାଇଥିବା ସର୍ଭେରୁ ଭବିଷ୍ୟବାଣୀ କରାଯାଇଛି ଯେ, ଏନ୍‌ଡିଏ ୧୧୬ ଆସନରେ ସୀମିତ ରହିବ ଓ ମହାମେଣ୍ଟକୁ ୧୨୦ ଆସନ ମିଳିବ। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୬ ସିଟ୍ ଦଖଲ କରିବେ। ସିଏନ୍‌ଏନ୍ ନ୍ୟୁଜ୍ ୧୮-ଟୁଡେଜ୍ ଚାଣକ୍ୟର ଆକଳନ ମହାମେଣ୍ଟକୁ ସର୍ବାଧିକ ୧୮୦ ଆସନ ଦେଇଥିବାବେଳେ ଏନ୍‌ଡିଏ ମାତ୍ର ୫୫ ସିଟ୍ ପାଇବ ବୋଲି କହିଛି। ଦୈନିକ ଭାସ୍କର ଏନ୍‌ଡିଏକୁ ୧୨୦ରୁ ୧୨୭ ଆସନ ଦେଇଥିବାବେଳେ ମହାମେଣ୍ଟକୁ ୭୧ରୁ ୮୧କୁ ଖସାଇ ଦେଇଛି। ଏହାର ଆକଳନ ଅନୁସାରେ ଅନ୍ୟ ଦଳ ୧୨ରୁ ୨୩ ଆସନ ପାଇବେ। ସେହିପରି ନ୍ୟୁଜ୍-ଏକ୍ସ ଡିଭି ରିସର୍ଚ୍ଚ ଅନୁଯାୟୀ ଏନ୍‌ଡିଏ ୧୧୦-୧୧୭ ଓ ମହାମେଣ୍ଟ ୧୦୮-୧୨୩ ଆସନରେ ସଫଳତା ହାସଲ କରିବାକୁ ଥିବାବେଳେ ଅନ୍ୟ ଦଳ ୪ରୁ ୧୦ ଭିତରେ ସୀମିତ ରହିବେ। ତେବେ କାହା ଆକଳନ ସତ ହେଉଛି ତାହା ଆସନ୍ତା ୧୦ ତାରିଖରେ ଭୋଟ ଗଣତି ଶେଷ ହେବା ପରେ ସ୍ପଷ୍ଟ ହେବ। କାରଣ ଅନେକ ସମୟରେ ଏକ୍‌ଜିଟ୍ ପୋଲ୍ ଭୁଲ୍ ପ୍ରମାଣିତ ହୋଇଥାଏ।

# ବାଇଡେନ୍ ବିଜୟୀ

ବଢ଼ିପାରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଭୋଟ ଗଣତିରେ ଜାଲିଆତି ହୋଇଥିବା ମିଥ୍ୟା ଅଭିଯୋଗ କରି ଟ୍ରମ୍ପ୍ କେତେକ ରାଜ୍ୟରେ ଗଣତି ପ୍ରକ୍ରିୟାକୁ ବିଳମ୍ବ କରିଥିଲେ। କିନ୍ତୁ ବାଇଡେନ୍ ଉତ୍ତେଜନାକୁ ହ୍ରାସ କରିବା ପାଇଁ ଉଦ୍ୟମ କରିବା ସହ ଦେଶବ୍ୟାପୀ ଦେଖାଦେଇଥିବା ବିଶୃଙ୍ଖଳାକୁ ପ୍ରଶମିତ କରିବାରେ ସଫଳ ହୋଇଛନ୍ତି। ବିଜୟୀ ପ୍ରାର୍ଥୀ ଭାବେ ଶନିବାର ତାଙ୍କୁ ଦର୍ଶାଯିବା ପରେ ଦେଶର ରାଜନୀତିର ଉଦ୍ଦେଶ୍ୟକୁ ବୁଝିବା ଦରକାର ବୋଲି ସେ କହିଛନ୍ତି। ପ୍ରତ୍ୟେକ ନାଗରିକଙ୍କୁ ନ୍ୟାୟ ଦେବା ସହ ଦେଖାଦେଉଥିବା ସମସ୍ୟାକୁ ସମାଧାନ କରିବା ପାଇଁ ବାଇଡେନ୍ ଆହ୍ୱାନ ଦେଇଛନ୍ତି।

ଆମେରିକା ନିର୍ବାଚନରେ ଚଳିତ ଥର ଆଉ ଏକ ଇତିହାସ ସୃଷ୍ଟି ହୋଇଛି। ପ୍ରଥମ ଅଣଶ୍ୱେତାଙ୍ଗ ତଥା ଭାରତୀୟ ବଂଶୋଦ୍ଭବ ମହିଳା ଭାବେ କମଳା ହାରିସ୍ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ହିଲାରୀ କ୍ଲିଣ୍ଟନଙ୍କୁ ପରାସ୍ତ କରି ଟ୍ରମ୍ପ୍ ରାଷ୍ଟ୍ରପତି ହେବାର ୪ ବର୍ଷ ପରେ କାଲିଫର୍ନିଆ ସିନେଟର କମଳା ସରକାରରେ ସର୍ବୋଚ୍ଚ ପଦବୀରେ ଆସୀନ ହେବାରେ ନିଜର ସ୍ଥିତି ଜାହିର କରିଛନ୍ତି। ୧୯୯୨ରେ ରିପବ୍ଲିକାନ୍ ଏଚ୍.ଡବ୍ଲ୍ୟୁ. ବୁଶ୍‌ଙ୍କ ପରେ ରାଷ୍ଟ୍ରପତି ଥାଇ ପୁନଃନିର୍ବାଚନ ହାରିବାରେ ଟ୍ରମ୍ପ୍ ପ୍ରଥମ ବ୍ୟକ୍ତି ବୋଲି କୁହାଯାଉଛି।

ଚଳିତ ଥର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଇଥିଲା। ଏଥର ରେକର୍ଡ ସଂଖ୍ୟକ ୧୦.୩ କୋଟି ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରି ଅନ୍ୟତମ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି। କୋଭିଡ୍-୧୯ ମହାମାରୀ ଭଳି ଏକ ଅସ୍ୱାଭାବିକ ସ୍ଥିତି ଦେଖାଦେଇଥିବାବେଳେ ଜନସାଧାରଣ ବହୁସଂଖ୍ୟାରେ ଧାଡ଼ିରେ ଛିଡ଼ାହୋଇ ମତଦାନ କରିବା ଦେଖାଯାଇଥିଲା। ବାଇଡେନ୍‌ଙ୍କୁ ୭.୪ କୋଟିରୁ ଅଧିକ ଭୋଟ ମିଳିବା ମଧ୍ୟ ଏକ ରେକର୍ଡ।

# ବ୍ୟବସାୟୀଙ୍କଠାରୁ ସାଢ଼େ ୬ ଲକ୍ଷ ଲୁଟ

**ନବରଙ୍ଗପୁର,୭।୧୧(ବି.ପ୍ର.)**

ନବରଙ୍ଗପୁର ସହରରେ ଶନିବାର ଦିନଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କ ନିକଟରୁ ସାଢ଼େ ୬ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ ଜଗଦଲପୁରର ବ୍ୟବସାୟୀ ରମେଶ ପାରେଖ(୫୫) ବିଭିନ୍ନ ବ୍ୟବସାୟୀଙ୍କଠାରୁ ଆଦାୟ ହୋଇଥିବା ପ୍ରାୟ ସାଢ଼େ ୬ ଲକ୍ଷ ଟଙ୍କା ନେଇ ଅପରାହ୍ନରେ ସଞ୍ଜୟ ବଜାରରୁ ଏକ ସ୍କୁଟିରେ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିଲେ। ଏହି ସମୟରେ ତାଙ୍କ ମୋବାଇଲକୁ କଲ୍ ଆସିଥିଲା। ସେ ଫୋନରେ କଥା ହେବା ସମୟରେ ତାଙ୍କୁ ପିଛା କରୁଥିବା ଏକ ମୋଟର ସାଇକେଲ ତାଙ୍କ ନିକଟରେ ପହଞ୍ଚିଥିଲା। ସେ କିଛି ବୁଝିବା ଆଗରୁ ୨ ଦୁର୍ବୃତ୍ତ ତାଙ୍କ ନିକଟରୁ ଟଙ୍କା ବ୍ୟାଗ୍ ଛଡ଼ାଇ ବସ୍‌ଷ୍ଟାଣ୍ଡ ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ବିଭିନ୍ନ ଅଞ୍ଚଳକୁ ସିଲ୍ କରି ଯାଞ୍ଚ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସାମାଜିକ ସ୍ତରରେ ଅନ୍ୟମାନଙ୍କ ସକାଶେ ପରାମର୍ଶ ଦାତା ହୋଇ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ରାଜନୀତି ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ।

**ବୃଷ** ଭାବପ୍ରବଣତା ବୃଦ୍ଧି ପାଇବା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବ। କର୍ମକ୍ଷେତ୍ରରେ ଆକସ୍ମିକ ଭାବରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆହାର ବିହାରରେ ସଂଯମତା ରକ୍ଷା ନ କଲେ ସ୍ୱାସ୍ଥ୍ୟହାନି ଘଟିପାରେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମୟାନୁକ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାମାନ୍ୟ ଥଣ୍ଡାଜନିତ କାଶ, ଶ୍ୱାସଜନିତ ପୀଡ଼ା ସମସ୍ୟାର କାରଣ ହୋଇପାରେ । ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି ।

**କର୍କଟ** କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ର ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** ଅତ୍ୟଧିକ ଖର୍ଚ୍ଚ ବଢ଼ିଯାଇଥିବାରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପରୋକ୍ଷଭାବରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**କନ୍ୟା** ବୃଥା ଅନିଷ୍ଟ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁଁ ମଉଜ ମଜଲିସରେ ସମୟ ଅତିବାହିତ କରିବେ।

**ତୁଳା** ଆଜି ଏକ ଭିନ୍ନ ପରିବେଶରେ ଆପଣଙ୍କୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଏଜେନ୍ସି, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା ହେତୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଯେ କୌଣସି କାମରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଜ୍ୟେଷ୍ଠା ନକ୍ଷତ୍ର ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହୋଇପାରନ୍ତି ।

**ଧନୁ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ପାଖ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ସାମାଜିକ ସ୍ତରରେ ଖଳ ଲୋକ ମାନଙ୍କର କାନ କୁହା କଥା ଶୁଣନ୍ତୁ ନାହିଁ।

**ମକର** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା କାରଣରୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମସ୍ୟାମୂଳକ କାମରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ।

**କୁମ୍ଭ** ଆତ୍ମୀୟଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ସମୟ କଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ** କଠିନଶ୍ରମ ଓ କାର୍ଯ୍ୟବ୍ୟସ୍ତତା କାରଣରୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଅନ୍ୟମାନଙ୍କ ସହ ଆପଣଙ୍କର ଚୁପ୍‌ଚାପ କଥାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଧୀରସ୍ଥିର ମନ ଦେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରେ।

ଆଜି କାର୍ତ୍ତିକ କୃଷ୍ଣ ଅଷ୍ଟମୀ ରବିବାର, ନଭେମ୍ବର ୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୦୮.୪୪ମି. ଗତେ, ଅଶ୍ଳେଷା/କର୍କଟ, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୩୯ମି. ଗତେ ଘ.୦୮.୫୩ମି. ମଧ୍ୟେ, ଘ.୧୧.୫୨ମି. ଗତେ ଘ.୦୨.୫୧ମି. ମଧ୍ୟେ, ରାତ୍ରି ଘ.୦୭.୩୯ମି. ଗତେ ଘ.୦୯.୨୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୩୬ମି. ଗତେ ଘ.୦୪.୨୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୪୧ମି. ଗତେ ଘ.୦୫.୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

29 ବୟସ୍କ କରଣ 40,000 ଦରମା unmarried ପୁଅଙ୍କୁ any caste ଝିଅ ଦରକାର 7008080967. D-67961

ବ୍ରାହ୍ମଣ, କରଣ, ଖଣ୍ଡାୟତ ଜାତିର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। "AKANKSHYA MATRIMONY" 7978736177 D-68261

## GROOM WANTED

Beautiful divorcee girl 27+, RBI Finance Manager, "SUHAG": 9090486408, 9938199964. D-69453

46 ବର୍ଷର ବିଧବା ମହିଳା, Food & Safety Departmentରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 9078166327. D-68845

Brahmin girl (divorcee) 1984/ 5'3", B.Tech, Software, Bangalore 10 Lakhs, caste-no-bar 8249079431 D-69351

Age-30 divorcee Bhubaneswar ସ୍ଥିତ Railway Job କରୁଥିବା ସୁନ୍ଦର କରଣ ଝିଅଙ୍କ ପାଇଁ ପୁଅ ଦରକାର । Contact- 8114342603 D-18803




## SALE

Hyundai Santro Xing 2011 good condition Rs.2,50,000 for sale. Contact- 9078800134 D-59873

## HIRE

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734




## SALE

1500sqft. gharabari residential plot for sale at Raghunathpur, Patia, Bhubaneswar. Price-41 lakhs. Contact-8260595320 D-70015

**Ready to move Duplex for sale at DHPL Villa One Kalarahanga. Contact- 9937059891** D-18830

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

**Two Bedroom flat with Drawing, Dinning, Kitchen and two Bathroom with individual garage sale at Tankapani Road near Rajarani Temple. Bank finance available. Call : 9438109040 , 8144658008** D-18832

ଭୁବନେଶ୍ୱରରେ ସ୍ଥିତିବାନ୍ ଘରବାରି ପ୍ଲଟ NH-16ରେ ପିତାପଲ୍ଲୀ କଣ୍ଟାବାଡରେ BDA ପ୍ଲାନ୍ ଅନୁସାରେ developed ହୋଇ ମିଳୁଛି। 9777553622 D-69352

3BHK flat resale 1600sqft. Patia opposite RTO-2, 1km KIIT Square, 75 Lakh including parking. 7978584549 (Broker Excuse) D-70014

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**1500 sqft ( 12nos) per sqft 1700 main road side plot, infront Tata Areana, Ghatikia, Sankarpur, BBSR. 30' road, electricity supply water available. Gharabari plot – 8114744495, 8328943165** D-18838

**Puri, Studio 1/2BHK furnished flat with amenities just book at 2lakhs. 9078711724** D-18902

ମାଷ୍ଟରକ୍ୟାଣ୍ଟିନ୍‌ରୁ 12k.m କୁହା ମୌଜାରେ (ସୁନ୍ଦରପଦା) ୧୨୦୦ ବର୍ଗଫୁଟ ପ୍ଲଟକୁ ୧୧,୪୦,୦୦୦/- କିଣି ଆଜି ଘର କରନ୍ତୁ। 9853150290. D-69195

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ **50%** ଦେଇ **Registration** ନେଇ ବାକି କିସ୍ତିରେ ଦିଅନ୍ତୁ। **9556794241** D-69196

ଭୁବନେଶ୍ୱରରେ/ ନିକଟବର୍ତ୍ତୀ ଅଞ୍ଚଳରେ ନିଜର ଜମି, ଘର ବିକ୍ରି ହୋଇପାରୁନାହିଁ କି? ଉପଯୁକ୍ତ ମୂଲ୍ୟରେ ବିକ୍ରିପାଇଁ ମାଲିକ ଯୋଗାଯୋଗ କରନ୍ତୁ- 6370446556 D-70008

Sale plots of land at (a) Sunderpur Mouza, A yellow zone, 2000 sqft. in area, 2-3 km away from Mathematical Institute near Chandaka (boundary wall given) (under Chandaka R.I) (b) Rakat Mouza 1½ km from Patia Big Bazar, nearby Patia Railway Station- A maroon zone 2600 sqft. (approx) in area (under Billipada R.I) (boundary wall given) (2) Flat for sale- 2nd floor 3BHK flat area-1595 sqft. with lift and car parking in Gouri Enclave near Nuagaon Indian Oil Petrol Pump near Samantarapur, Bhubaneswar. Brokers are welcome to contact for these properties. Contact- 9938138185 D-69027

**Bhubaneswar** ହଂସପାଳ ଛକଠାରୁ **9k.m** ଦୂରତାରେ ଘରବାରି ପାଚେରି ଥାଇ ପ୍ଲଟ ବିକ୍ରିହେବ। **9438299931** D-18826

ମୋର ଘାଟିକିଆ, କଳିଙ୍ଗନଗର, ଘଙ୍ଗାପାଟଣା ଏବଂ **Amri Hospital** ପାଖରେ ପ୍ଲଟ ଅଛି କେବଳ କିଣିବା ଲୋକ କିମ୍ବା ବିଲଡର୍ସ ଯୋଗାଯୋଗ କରନ୍ତୁ। **Contact- 9438166196** D-18846

**Prime Land on sale at Cuttack: Prime land admeasuring 5227.20sqft. (0.120 Dec., Kisam-Gharabadi-2) opposite Samrat Cinema on road from NH-16 connecting Rajendra Nagar, fully developed area, corner plot, about 300ft. away from main road, 25ft. road in front of plot and completely surrounded by boundary wall for sale. Interested people to contact- 7044002170** D-69930

## PURCHASE

Required 3 Acres/ above land near Pitapalli by pass, clear approach road 9938895656 D-18767

Want to purchase by the side of main road between Chalisbatia, Dist.- Puri to Baliput, Dist.- Puri. 1 or 2 acres of clean land (high land preferable) and also near Sakhigopal by the side main road or near Sarangjodi, Dist.- Puri. Interested land owners contact- 9938138185 D-69028

**Land required in around Bhubaneswar for joint venture/ sharing basis plot, farm house plot, GA plot, BDA plot, individual (private) plot, interested land owner please contact- Deepak- 9937329999** D-69931

## GENERAL

## SALE

Two 1.5 Ton Carrier Window AC with V.Guard stabilizer good running condition sale Rs.30,000/- each. Contact- 6371303335 D-18843

Heavy-boned Rottweiler puppies Rs.35,000/-. Contact- 9778578738 (Dog trainer Rs.500/- per class) D-18812




**Godown space available near Puri bypass area 18000/-, open space 15000/-. 9938125254** D-18598

ଯାଁଳା ରାସ୍ତାକଡ଼େ ତିନିମହଲା ମାର୍ବଲଘର ଅଫିସ ପାଇଁ, ଗୋଦାମ ପାଇଁ, ସ୍କୁଲ ପାଇଁ, ରହିବାପାଇଁ- 9337065883, 7609836849 D-67762

## ACCOMMODATION

Paid accomodation for Senior Citizens & mentally ill persons. Contact- 9337160036, 7325991853, 8260840595 D-18827

Accomodation for working ladies hostel at prime location, Unit-IX area- 9437057789 D-69932




Swarna SPA newly open positively health benefits with expert therapist. 9556978408. D-70010

Refreshing your mind & body with best therapy at Lotus Spa. 8018234866 D-69577

Get refreshment body massage by expert therapist contact for 7205084157. D-70011

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

Newly open relaxing massage male/ female therapist. Contact- 9861193818, 8018656899 D-59970

Sanjibani Ayurvedic fullbody massage and backpain relax with expert Lady Therapist, Bhubaneswar. Contact: 7064223315. D-69640

Monalisa massage club : All types body massage with hiprofile smart lady rooms service available 9708545108. D-18831




୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

## AFFIDAVIT

ମୁଁ ହରପ୍ରିୟା ମହାନ୍ତି, ସ୍ୱା- ଗୋବିନ୍ଦ ମହାନ୍ତି, ସା- ଅନନ୍ତପୁର, ଥା- ପିପିଲି, ଜି- ପୁରୀ ଭୁଲ୍ ନାମ ହରଷମଣିରୁ ସଠିକ୍ ହରପ୍ରିୟା ମହାନ୍ତି ଆଇନତଃ ଘୋଷଣା କଲି। ଧ-୧୮୮୪୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୂଅରେ ପଡ଼ିଥିବା ବାର୍ହା ଉଦ୍ଧାର

ବାରଙ୍ଗ, (ଡି.ଏନ୍.ଏ)- ବାରଙ୍ଗ ସୀତାରାମ ବଜାର ନିକଟ ଲେବର କଲୋନୀରେ ଥିବା ଏକ କୂଅରେ ଶନିବାର ସକାଳେ ପଡ଼ିଯାଇଥିବା ଏକ ଜଙ୍ଗଲୀ ବାର୍ହାକୁ ଉଦ୍ଧାର କରାଯାଇଛି। କଲୋନୀର କେତେଜଣ ଲୋକ କୂଅକୁ ପାଣି ଆଣିବାକୁ ଯାଉଥିବା ବେଳେ ସେଥିରେ ବାର୍ହାଟି ପଡ଼ିଯାଇଥିବା ଦେଖିଥିଲେ। ତୁରନ୍ତ ସେମାନେ ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଉଭୟ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏକ ରଶି ଓ ଜାଲ ସାହାଯ୍ୟରେ ବାର୍ହାଟିକୁ ଉଦ୍ଧାର କରିଥିଲେ। ପରେ ବାର୍ହାକୁ ଚନ୍ଦକା ଜଙ୍ଗଲରେ ଛାଡ଼ିଦେଇଥିଲେ।



# ବଞ୍ଚିବା ପାଇଁ ଯାତ୍ରା କଳାକାରଙ୍କ ନିଆରା ପ୍ରୟାସ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

କରୋନା ମହାମାରୀ ଛଡ଼ାଇନେଇଛି କଳାକାରଙ୍କ ବୃତ୍ତି, ବେଉସା। ପେଟକୁ ଦାନା ମୁଠେ ଯୋଗାଡ଼ କରିବାକୁ ସେମାନେ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ନିକଟରେ ବଲିଉଡ୍‌ରେ ଭାଗ୍ୟ ପରୀକ୍ଷା କରୁଥିବା ଜଣେ ସିନେ କଳାକାର ଭୁବନେଶ୍ୱରରେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଅନ୍ୟ କଳାକାରମାନେ ମଧ୍ୟ ରୋଜଗାରର ଭିନ୍ନ ପନ୍ଥା ଅନ୍ୱେଷଣରେ ରହିଛନ୍ତି। ଏପରିସ୍ଥିତିରେ ସବୁଠାରୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ମଞ୍ଚ କଳାକାର। ଇତିମଧ୍ୟରେ କୋଭିଡ୍ ପାଇଁ ମଞ୍ଚ ବନ୍ଦ ହେବାର ଦୀର୍ଘମାସ ବିତିଗଲାଣି। ଧୀରେ ଧୀରେ ସବୁ କ୍ଷେତ୍ର ପୂର୍ବାବସ୍ଥାକୁ ଫେରୁଥିବାବେଳେ ଯାତ୍ରା ଓ ମଞ୍ଚ ନାଟକ ଦୁଆର କିନ୍ତୁ ଏପର୍ଯ୍ୟନ୍ତ ବନ୍ଦ ହୋଇରହିଛି। ଫଳରେ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ଯାତ୍ରା କଳାକାରମାନେ ସ୍ୱାଭିମାନର ସହ ବଞ୍ଚିବାକୁ ଏବେ ନିଆରା ପ୍ରୟାସ ଆପଣାଇଛନ୍ତି। ଘରେ ହାତ ତିଆରି ଜିନିଷ ତିଆରି କରି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ମଞ୍ଚରେ ଦର୍ଶକଙ୍କୁ ଅଭିନୟ ଯାଦୁରେ ବାନ୍ଧି ରଖୁଥିବା କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ଦେଶୀ ସାମଗ୍ରୀ ଲୋକଙ୍କ ମନ ଜିଣୁଛି।

କରୋନାର ଏହି ସଂକଟଜନକ ସ୍ଥିତିରେ କଳାକାରଙ୍କୁ ରୋଜଗାର ଦେବାକୁ ଯାତ୍ରା କଳାକାର କର୍ମଚାରୀ ସଂଘ ଅଣ୍ଟା ଭିଡିଛି। ଯୁବ କଳାକାରଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଘରେ ବସି ନ ରହି କିଛି ନା କିଛି ରୋଜଗାର କରୁଛନ୍ତି। ଗତ ଏକମାସ ହେଲା ନିଜ ଘରେ ହିଁ ହାତ ତିଆରି ସୋରିଷ ତେଲ, ଫିନାଇଲ୍, ବିରି ବଡ଼ି, ଧୂପକାଠି ଆଦି ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। 'ଜେକେ-୨' ବ୍ରାଣ୍ଡ୍ ନାମରେ ଏସବୁ ସାମଗ୍ରୀକୁ ଘରେ ଘରେ ପହଞ୍ଚାଉଛନ୍ତି।ଫଳରେ ଧୀରେ ଧୀରେ ଏହି ବ୍ରାଣ୍ଡ୍ ଲୋକପ୍ରିୟ ହେବାରେ ଲାଗିଛି।

ଏନେଇ ସଂଘ ପକ୍ଷରୁ କୁହାଯାଇଛି, ଲକ୍‌ଡାଉନ୍ ଯୋଗୁ ସବୁ ଆଶା ଅଧାରେ ରହିଯାଇଥିଲା। ସବୁକିଛି ଖୋଲିଯିବା ପରେ ପୂର୍ବାବସ୍ଥା ଫେରିଆସିବ ବୋଲି ଭାବିଥିଲୁ। ହେଲେ ଯାତ୍ରା କଳାକାରଙ୍କ ଭାଗ୍ୟରେ କିନ୍ତୁ ତାଲା ପଡିଯାଇଛି। ନିରୁପାୟ ହୋଇ ଏବେ ହାତତିଆରି ଦେଶୀ ସାମଗ୍ରୀ ବିକ୍ରି କରୁଛନ୍ତି। ରୋଜଗାରର କୌଣସି ପନ୍ଥା ନ ଥିବାରୁ ବାଧ ହୋଇ ଏହି ରାହା ଆପଣାଇଛନ୍ତି।




**କୋଭିଡ୍ ବଦଳାଇଦେଇଛି ବୃତ୍ତି**

- ମନ କିଣୁଛି 'ଜେକେ-୨' ବ୍ରାଣ୍ଡ୍
- ହାତ ତିଆରି ଦେଶୀ ସାମଗ୍ରୀକୁ ଘରେ ପହଞ୍ଚାଉଛନ୍ତି
- ସାମିଲ ଅଛନ୍ତି ଆଗଧାଡ଼ିର ବହୁ ବରିଷ୍ଠ କଳାକାର

ପରିସ୍ଥିତି ସୁଧୁରିଲା ପର୍ଯ୍ୟନ୍ତ ପେଟପାଟଣା ପାଇଁ ଏମିତି ପ୍ରୟାସ ଜାରିରହିବ। ବର୍ତ୍ତମାନ ସମ୍ପୂର୍ଣ୍ଣ ଦେଶୀ ସାମଗ୍ରୀ ବିକ୍ରି କରୁଛୁ। ଆଗକୁ ହଳଦୀ, ବେସନଠାରୁ ଆରମ୍ଭ କରି ଲୁଗାପଟା ମଧ୍ୟ ବିକ୍ରି କରିବାର ଯୋଜନା ରହିଛି। କୋଭିଡ୍ ଯୋଗୁ ରାଜ୍ୟରେ ପ୍ରାୟ ୧୦ହଜାର ଯାତ୍ରା କଳାକାର ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ବିଶେଷକରି ଛୋଟ ଛୋଟ କଳାକାର ଓ କର୍ମଚାରୀମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ସେହି କର୍ମଚାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଜିଲାପାଳଙ୍କୁ ଗୁହାରି କଲେ ମଞ୍ଚ କଳାକାର

**ପୁରୀ ଅଫିସ,୭।୧୧**

କୋଭିଡ୍ କଟକଣା ପାଳନ ପୂର୍ବକ ମଞ୍ଚ କଳାକାରଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅନୁମତି ଦେବାକୁ ପୁରୀ ଜିଲାର ମଞ୍ଚ କଳାକାରମାନେ ଶନିବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି। ସେମାନେ ଦେଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି, କରୋନା କଟକଣାକୁ କୋହଳ କରାଯାଇ ଅନ୍ୟବର୍ଗର ଲୋକଙ୍କ ଜୀବିକାକୁ ସ୍ୱାଭାବିକ କରାଗଲାଣି। ମାତ୍ର କଳାକାରମାନଙ୍କୁ ଏ ପର୍ଯ୍ୟନ୍ତ କଳା ପରିବେଷଣ ଲାଗି ଅନୁମତି ଦିଆଯାଇନାହିଁ। ପ୍ରାୟ ୮ ମାସ ହେବ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଅନେକ କଳାକାର ନିଜ କଳା ସାଧନରୁ ମୁହଁ ଫେରାଇ ଭିନ୍ନ ବୃତ୍ତିକୁ ଆପଣାଇଲେଣି। ଅଧିକ ବିଳମ୍ବ ହେଲେ ସେମାନେ କଳା ଓ ମଞ୍ଚ ପ୍ରତି ସମ୍ପୂର୍ଣ୍ଣ ବିମୁଖ ହୋଇପଡିବେ। ଫଳରେ ସଂସ୍କୃତି, ପରମ୍ପରା ଓ କଳାର ଅବକ୍ଷୟ ହେବା ସୁନିଶ୍ଚିତ ହୋଇଯିବ। କଳାକାରଙ୍କ ବ୍ୟଥା ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ବିଚାରକରି ସେମାନଙ୍କ ଦାବିକୁ ସ୍ୱୀକୃତି ପ୍ରଦାନ କରିବା ଲାଗି କଳାକାରମାନେ ଜିଲାପାଳଙ୍କୁ ଗୁହାରି କରିଛନ୍ତି।

### ସଂକ୍ଷେପରେ

## ଯୁବକଙ୍କୁ ହତ୍ୟା

**ନିରାକାରପୁର,୭।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା କମାଗୁରୁ ପଞ୍ଚାୟତ ଦୁଧିଆଝର ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କେଶବ ସେଠୀ ଓରଫ ବାପି(୨୮)। ଖବରପାଇ ସିକୋ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କେଶବଙ୍କ ବାପା ବିରଞ୍ଚି ସେଠୀଙ୍କ ଅଭିଯୋଗକ୍ରମେ ଶନିବାର ପୋଲିସ ଦଫା ୩୦୨, ୩୪ରେ ହତ୍ୟା ମାମଲା (ନଂ.୨୨୮/୨୦)ରୁଜୁକରି ତଦନ୍ତ ଚଳାଇଛି। ଦୁଧିଆଝର ଗ୍ରାମର ଜଣେ ଯୁବତୀଙ୍କୁ କେଶବ ବିବାହ କରିଥିଲେ। ପରେ କୌଣସି କାରଣକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଶନିବାର କେଶବଙ୍କ ମୃତଦେହ ଗ୍ରାମର ଏକ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟାଙ୍ଗୀ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ହରିବନ୍ଧୁ ଦାଶ କହିଛନ୍ତି।

## ସମୁଦ୍ରରୁ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ,୭।୧୧:** ପୁରୀ ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଉଥିବା ଜଣେ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ଝାଡ଼ଖଣ୍ଡ ଜାମ୍‌ସେଦପୁର ଅଞ୍ଚଳର କୁଶଳ ରାଜ୍ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶନିବାର ଅପରାହ୍ନରେ ପୁରୀ ହୋଟେଲ ସମ୍ମୁଖରେ ଗାଧୋଉଥିବାବେଳେ ସେ ବୁଡ଼ିଯାଇଥିଲେ। ଏହା ଦେଖି ସେଠାରେ ମୁତୟନ ଥିବା ଲାଇଫ୍‌ଗାର୍ଡ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ୭୦ ହଜାର ଲୁଟ୍

**ଡେଲାଙ୍ଗ,୭।୧୧(ଡି.ଏନ୍.ଏ.):** କିସ୍ତି ଟଙ୍କା ଆଦାୟ କରିବାକୁ ଆସିଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାର ଜଣେ କର୍ମଚାରୀଙ୍କୁ ଆକ୍ରମଣ କରି ୭୦ ହଜାର ଟଙ୍କା ଲୁଟି ନେଇଥିବା ଶନିବାର ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୯୨/୨୦ରେ ଏକ ମାମଲା ରୁଜୁ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖିଛି। ଭଦ୍ରକ ଜିଲା ବନସର ଗ୍ରାମର ସୌଭାଗ୍ୟରଞ୍ଜନ ଦାଶ ଖୋର୍ଦ୍ଧାସ୍ଥିତ ପିପୁଲସ୍ ଫୋରମ ସଂସ୍ଥାରେ କାମ କରନ୍ତି। ଶୁକ୍ରବାର ସୌଭାଗ୍ୟ ଋଣ ଲଗାଯାଇଥିବା ଟଙ୍କାର କିସ୍ତି ପାଇଁ ଡେଲାଙ୍ଗ ଆସିଥିଲେ। ଡେଲାଙ୍ଗ ବୋଳକଣା ଗ୍ରାମରୁ ୨ଟି ମହିଳା ଗୋଷ୍ଠୀ ଓ ହୁମର ଗ୍ରାମରୁ ୪ଟି ଗ୍ରୁପରୁ କିସ୍ତି ଟଙ୍କା ସଂଗ୍ରହ କରିଥିଲେ। ପ୍ରାୟ ୭୦ହଜାର ଟଙ୍କା ନେଇ ଡେଲାଙ୍ଗ-ଇନ୍ଦିପୁର ରାସ୍ତାରେ ବିଳାସପୁର ଗ୍ରାମ ଅଭିମୁଖେ ଯାଉଥିବାବେଳେ ମାଛପଡା -କୁଞ୍ଜର ଗ୍ରାମ ମଧ୍ୟରେ ଥିବା ନିଛାଟିଆ ରାସ୍ତାରେ ୩ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ପରେ ଭୁଜାଲିରେ ଆକ୍ରମଣ କରି ଉକ୍ତ ଟଙ୍କାକୁ ନେଇ ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ସୌଭାଗ୍ୟଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

## ଆହାର କେନ୍ଦ୍ର ବୁଲିଲେ ଜିଲାପାଳ

**ପୁରୀ ଅଫିସ,୭।୧୧:** ଜିଲାପାଳ ବଲୱନ୍ତ ସିଂ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେଠାରେ ଲୋକମାନଙ୍କୁ କିପରି ଖାଦ୍ୟ ଦିଆଯାଉଛି, ଖାଦ୍ୟର ଗୁଣବତ୍ତା ଓ ଉପଲବ୍ଧ ସେବା ସମ୍ପର୍କରେ ବୁଝିଥିଲେ। ଏହା ସହ ମୁଖ୍ୟ ଚିକିତ୍ସାଳୟର ସଫେଇ ଓ ପରିମଳ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ହସ୍ପିଟାଲରେ ନିରାମୟ ଏବଂ ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ବାର୍ଷିକ ମୃତ୍ତିକା ପ୍ରଦର୍ଶନୀରେ ଜଣେ ମହିଳା ମାଟିପାତ୍ରରେ ରଙ୍ଗ ଦେଉଛନ୍ତି।

## ହୋଟେଲରେ ଦେହ ବ୍ୟବସାୟ

**ପୁରୀ ଅଫିସ,୭।୧୧**

**ଶ୍ରୀକ୍ଷେତ୍ରରେ ଲଜ୍ଜା**

- ୩ ଗିରଫ, ୫ ବଙ୍ଗୀୟ ଯୁବତୀ ଅଟକ
- ଆପତ୍ତିଜନକ ସାମଗ୍ରୀ ଜବତ

କରୋନା କବଳରୁ ରକ୍ଷା ପାଇବା ଲାଗି ସମସ୍ତେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ହେଲେ ଏଭଳି ଏକ ଘଡିସନ୍ଧି ମୂହୂର୍ତ୍ତରେ ଶ୍ରୀକ୍ଷେତ୍ରରେ ଘଟିଛି ଲଜ୍ଜାଜନକ ଘଟଣା। ହୋଟେଲରେ ଦେହ ବ୍ୟବସାୟ ଚାଲୁଥିବାବେଳେ ବଳିଆପଣ୍ଡା ପୋଲିସ ଚଢାଉ କରି ୫ ବଙ୍ଗୀୟ ଯୁବତୀଙ୍କୁ ଅଟକ ରଖିଥିବାବେଳେ ୩ ଜଣ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏଥିସହ ଆପତ୍ତିଜନକ ସାମଗ୍ରୀ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ବଳିଆପଣ୍ଡା ଥାନା ଅଞ୍ଚଳର ଏକ ହୋଟେଲରେ ଦେହ ବ୍ୟବସାୟ ଚାଲୁଥିବା ନେଇ ପୋଲିସ ଖବର ପାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଉକ୍ତ ହୋଟେଲର ୧୦୨ ଓ ୧୦୩ ନମ୍ବର ରୁମ୍‌ରେ ଅଚାନକ ଚଢାଉ କରିଥିଲା। ଗୋଟିଏ କୋଠରିରେ ଅସଂଯତ ଅବସ୍ଥାରେ ୨ ଜଣ ଯୁବତୀ ଓ ଯୁବକ ଥିବାବେଳେ ଅନ୍ୟ କୋଠରିରେ ୩ ଜଣ ଯୁବତୀ ଥିଲେ। ଏହି ଘଟଣାରେ ପୋଲିସ ହୋଟେଲ ଲିଜ୍‌ରେ ନେଇଥିବା ପଶ୍ଚିମବଙ୍ଗର ସପନ ଦତ୍ତ, ନିମାପଡ଼ାର ଶୁଭନ୍ୱେଷ ସ୍ୱାଇଁ ଏବଂ ଜଗତ୍‌ସିଂହପୁର ଏରସମାର ଦେବୀପ୍ରସାଦ ମାଝିଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୪୨/୨୦)ରୁଜୁ ହୋଇଛି। ସୂଚନାଥାଉ କି, ଗତ ସେପ୍ଟେମ୍ବର ୧୪ ତାରିଖରେ ବଳିଆପଣ୍ଡା ପୋଲିସ ୨ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2020-21/26 ତା. 03.11.2020
(1) ଟେଣ୍ଡର ନଂ. 04205034, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପୋର୍ସେଲେନ୍ (Porcelain) ବ୍ରାକେଟ୍ ଇନସୁଲେଟର, ପରିମାଣ : 1124 ସଂଖ୍ୟକ।
(2) ଟେଣ୍ଡର ନଂ. 08201095A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଗ୍ରାଫାଇଟ୍ ଗ୍ରିଜ୍, ପରିମାଣ : T.S. ଅନୁଯାୟୀ।
(3) ଟେଣ୍ଡର ନଂ. 04195167A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : FEV ଓ GALV ୱିଲ୍, ପରିମାଣ : T.S. ଅନୁଯାୟୀ।
(4) ଟେଣ୍ଡର ନଂ. 03201930, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ୱାସର ସହିତ ନକଲ୍ ପାଇଭଟ୍ (Pivot) ପିନ୍, ପରିମାଣ : 19976 ସଂଖ୍ୟକ।
(5) ଟେଣ୍ଡର ନଂ. 02205431, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏଣ୍ଡ୍ ଫ୍ରେମ୍ ନନ୍ ଡ୍ରାଇଭିଙ୍ଗ୍ ଏଣ୍ଡ୍, ପରିମାଣ : 52 ସଂଖ୍ୟକ।
(6) ଟେଣ୍ଡର ନଂ. 04201074A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଇଣ୍ଟର ଭେଇକୁଲାର୍ କପଲର୍ ୟୁନିଟ୍, ପରିମାଣ : 31 ସଂଖ୍ୟକ।
(7) ଟେଣ୍ଡର ନଂ. 03202056A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପଲି ୟୁରିଥେନ୍ ସାଇଡ୍ ବିଅରର୍ ପ୍ୟାଡ୍, ପରିମାଣ : 482 ସଂଖ୍ୟକ।
ଟେଣ୍ଡର ଖୋଲାଯିବା ତାରିଖ : କ୍ର.ସଂ. 01 ପାଇଁ ତା 16.11.2020, କ୍ର.ସଂ.02 ପାଇଁ ତା 24.11.2020 ରିଖ, କ୍ର.ସଂ. 03 ପାଇଁ ତା 25.11.2020 ରିଖ, କ୍ର.ସଂ. 04 ଓ 05 ପାଇଁ ତା 01.12.2020 ରିଖ, କ୍ର.ସଂ. 06 ପାଇଁ ତା 07.12.2020 ରିଖ ଏବଂ କ୍ର.ସଂ. 07 ପାଇଁ ତା 08.12.2020 ରିଖ।
ବିଜ୍ଞପ୍ତିର ସବିଶେଷ ବିବରଣୀ, EMD, କ୍ରୟ କଟକଣା ଓ ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ସମ୍ବନ୍ଧରେ ଜାଣିବା ପାଇଁ ଦୟାକରି ୱେବ୍‌ସାଇଟ www.ireps.gov.in ଏବଂ www.eastcoastrail.indianrailways.gov.in ପରିଦର୍ଶନ କରନ୍ତୁ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ ଭୁବନେଶ୍ୱର
PR-339/L/20-21

## ସ୍ୱର୍ଗଦ୍ୱାର ସେବା ସମିତିକୁ ଦାୟିତ୍ୱ

**ପୁରୀ ଅଫିସ,୭।୧୧**

**ସ୍ୱର୍ଗଦ୍ୱାର ସୁପରିଚାଳନା**

ସ୍ୱର୍ଗଦ୍ୱାରକୁ ସୁପରିଚାଳନା କରିବା ଲାଗି ରାଜ୍ୟ ସରକାର ସ୍ୱର୍ଗଦ୍ୱାର ସେବା ସମିତିକୁ ଅନୁମତି ପ୍ରଦାନ କରିଛନ୍ତି। ଏ ନେଇ ଗତ ୨୭ ତାରିଖରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜିଲା ପ୍ରଶାସନକୁ ଅବଗତ କରାଇଛି। ସ୍ୱର୍ଗଦ୍ୱାର ସେବା ସମିତି ସୋସାଇଟି ରେଜିଷ୍ଟ୍ରେଶନ ଆଇନ ଅନୁଯାୟୀ କାର୍ଯ୍ୟ କରିବ। ଏହି ସମିତିରେ ମୋଟ୍ ୯ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ଜିଲାପାଳ ଅଧ୍ୟକ୍ଷ, ଉପଜିଲାପାଳ ଆବାହକ ସମ୍ପାଦକ ରହିବାକୁ ଥିବାବେଳେ ଜିଲା ଆରକ୍ଷୀ ଅଧୀକ୍ଷକ, ଜେନେରାଲ ମ୍ୟାନେଜର (ଓଡ଼ିଶା ବନ ଉନ୍ନୟନ), ପୌର ନିର୍ବାହୀ ଅଧିକାରୀ ସଦସ୍ୟ ରହିବେ। ଜିଲା ପ୍ରୋଟୋକଲ ଅଫିସର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ସମିତି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ସାମାଜିକ କାର୍ଯ୍ୟ ସହ ଜଡ଼ିତ ୩ଜଣ ଏହାର ସଦସ୍ୟ ରହିବେ। ସେମାନଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ। ସ୍ୱର୍ଗଦ୍ୱାର ବିକାଶ ପାଇଁ ରାଜ୍ୟ ସରକାର ୫କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହାର କାମ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ରୁତଗତିରେ ଚାଲିଛି। ମୃତଦେହକୁ ଉପଯୁକ୍ତ ସମ୍ମାନ ଏବଂ ପରିଜନଙ୍କୁ ଉତ୍ତମ ସେବା ସୁବିଧା ଦେବା ଲାଗି ସ୍ୱର୍ଗଦ୍ୱାର ସେବା କେନ୍ଦ୍ର କାର୍ଯ୍ୟ କରୁଛି। ଆଗାମୀ ଦିନରେ ଏହାର ପରିଚାଳନା ଦାୟିତ୍ୱ ସ୍ୱର୍ଗଦ୍ୱାର ସେବା ସମିତି ହାତରେ ରହିବ। ସମିତିକୁ ସ୍ୱର୍ଗଦ୍ୱାର ସୁପରିଚାଳନା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବାରୁ ଖୁବ୍‌ଶୀଘ୍ର ପୁରୀ ପୌରପାଳିକାଠାରୁ କାର୍ଯ୍ୟଭାର ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି।

## ପୁରୀ ଜିଲାର କରୋନା ସ୍ଥିତି ସମୀକ୍ଷା କଲେ ଆର୍‌ଡିସି

**ପୁରୀ ଅଫିସ,୭।୧୧**

ପୁରୀ ଜିଲାର କରୋନା ସ୍ଥିତି ସମୀକ୍ଷା କରିଛନ୍ତି କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନୀଲ କୁମାର ସାମଲ। ଶନିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ବଲୱନ୍ତ ସିଂ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ଆର୍‌ଡିସିଙ୍କୁ କୋଭିଡ୍ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ୍ ୧୨,୯୧୦ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। ଏମାନଙ୍କ ମଧ୍ୟରୁ ୧୨,୨୯୯ଜଣ ଆରୋଗ୍ୟ ଲାଭ କରିଥିବା ବେଳେ ୫୨୨ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। କରୋନାରେ ୮୭ ଜଣଙ୍କ ଜୀବନ ଯାଇଥିବାବେଳେ ୧,୩୯,୫୧୨ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ରହିଛି ୯୫.୧୫ ପ୍ରତିଶତ। ସେହିପରି ସହରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଥିବାବେଳେ ଗ୍ରାମାଞ୍ଚଳରେ କମିଥିଲେ ବି ଆହୁରି ସତର୍କ ହେବାକୁ ପଡିବ ବୋଲି କୁହାଯାଇଥିଲା। ଶୀତଦିନେ ସଂକ୍ରମଣ ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେଣୁ ଅଧିକ ସତର୍କ ହେବାକୁ ଆର୍‌ଡିସି ପରାମର୍ଶ ଦେଇଥିଲେ। ସେହିପରି ପ୍ଲାଜ୍‌ମା ଦାନ ଉପରେ ଆର୍‌ଡିସି ଗୁରୁତ୍ୱ ଦେଇଥିଲେ।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in**"

## ଘାସୁଆ ଜଙ୍ଗଲରେ ମୃତ ହାତୀକୁ ପୋତାଗଲା

**ଖୁଣ୍ଟୁଣୀ,୭।୧୧(ଡି.ଏନ୍.ଏ.)**



ଖୁଣ୍ଟୁଣୀ ବନାଞ୍ଚଳ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲର ଘାସୁଆ ଜଙ୍ଗଲରେ ପଡ଼ିଥିବା ମୃତ ହାତୀର ଶନିବାର ବ୍ୟବଚ୍ଛେଦ କରାଯାଇ ସେଠାରେ ପୋତାଯାଇଛି। ହାତୀଟିର ବୟସ ୫୫ ରୁ ୬୦ ବର୍ଷ ମଧ୍ୟରେ ହେବ ବୋଲି ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରୁ ସ୍ୱାଭାବିକ ତଥା ବୟସାଧିକ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ବୋଲି ବନ ବିଭାଗ କହିଛି। ହାତୀର ୨ଟି ଦାନ୍ତକୁ ବନବିଭାଗ ଆଣି ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟରେ ରଖିଛି। ଗୋଟିକର ଲମ୍ବା ୫୮ ଓ ଅନ୍ୟଟିର ୫୩ ସେ.ମି ଲମ୍ବା, ପ୍ରାୟ ୧୬ କେଜି ଓଜନର ବୋଲି ବନ ବିଭାଗ କହିଛି। ଏଠାରେ ଦନ୍ତା ହାତୀଟି ପଡ଼ିଥିବାବେଳେ ରକ୍ତ ଥିବା ଦେଖି ମୃତ୍ୟୁ ହୋଇଥିବା ଆଶଙ୍କା ନେଇ ସ୍ଥାନୀୟ ଲୋକେ ଶୁକ୍ରବାର ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କା, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ବେହେରା, ଡେପୁଟି ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ବେହେରା, ବ୍ଲକ ପ୍ରାଣୀ ଚିକିତ୍ସକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ଅବସ୍ଥା ଦେଖିବା ପରେ ହାତୀର ମୃତ୍ୟୁ ହୋଇଥିବା ଜାଣି ବ୍ୟବଚ୍ଛେଦ କରିଥିଲେ। ଜରାଜୀର୍ଣ୍ଣ ଅବସ୍ଥାରେ କେଉଁଆଡ଼େ ଯାଇ ନ ପାରି ଏବଂ ଖାଦ୍ୟ ନ ପାଇ ପ୍ରାୟ ୩ଦିନ ହେବ ପଡ଼ି ରହିବାରୁ ମୃତ୍ୟୁ ହୋଇଥିବା କୁହାଯାଉଛି।

**COLLECTORATE, SUNDARGARH**
**(ST & SC Dev. Section)**
No. 2948/SSD Dated: 06.11.2020
**SHORT CALL NOTICE**
Sealed quotations in plain paper/letter pads are invited from the intending Registered Firm/Authorized Distributors/ Dealers located at Sundargarh having valid TIN/SRIN with Registration Certificate under GST and Income Tax Clearance Certificate for supply of Stationery (Art Kit (Doms) & Chart Sheet. The details of tender are available in the district website i.e. **www.sundargarh.nic.in**.
Sd./- District Welfare Officer
Sundargarh

## ମାଆକୁ ଘରୁ ବାହାର କରିଦେଲେ ପୁଅ, ବୋହୂ

**ପୁରୀ ଅଫିସ,୭।୧୧**

ପାରିବାରିକ କଳହ ଏବେ ଭୟଙ୍କର ରୂପ ନେଉଛି। ଅନେକ ସମୟରେ ନିଜ ଜନ୍ମ କଲା ମାଆକୁ ବି ପୁଅ ହତାଦାର କରୁଛନ୍ତି। ଶନିବାର ପୁରୀରେ ଏମିତି ଏକ ଘଟଣା ନଜରକୁ ଆସିଛି। ବୃଦ୍ଧା ରୋଗଣା ମାଆକୁ ସ୍ତ୍ରୀ ସହିତ ମିଶି ଘରୁ ତଡ଼ିଦେଇଛି ପୁଅ।

ମିଳିଥିବା ସୂଚନା ଅନୁଯାୟୀ, ମାଟିଆପଡ଼ା ଅଞ୍ଚଳରେ ଜଣେ ୭୦ ବର୍ଷୀୟା ବୃଦ୍ଧା ଘରୋଇ ନିର୍ଯାତନାର ଶିକାର ହୋଇଛନ୍ତି। ମଧୁମେହ ଓ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଏହି ବୃଦ୍ଧାଙ୍କର ଦୁଇଝିଅ ଓ ପୁଅ ଅଛନ୍ତି। ଦୁଇଝିଅ ବିବାହ କରିସାରିଥିବାବେଳେ ସେ ନିଜ ଘରେ ସ୍ୱାମୀ ଓ ପୁଅବୋହୂଙ୍କ ସହ ରହୁଛନ୍ତି। ଅଭାବୀ ସଂସାର ଭିତରେ ପୁଅ କିପରି ଭଲରେ ରହିବ ସେଥିପାଇଁ ସବୁବେଳେ ମାଆ ଚେଷ୍ଟା କରିଆସୁଥିଲେ। ହେଲେ ଗତବର୍ଷ ପୁଅ ବାହା ହେଲା ପରେ ସମ୍ପୂର୍ଣ୍ଣ ବଦଳିଯାଇଥିଲେ। ମାଆକୁ ଠିକ୍ ଭାବେ ଖାଇବାକୁ ନ ଦେଇ ଘର ଛାଡି ଚାଲିଯିବାକୁ ପୁଅ କହୁଥିବାବେଳେ ମାଆର ଏପରି ଅବସ୍ଥା ଦେଖି ଦୁଇଝିଅ ଘରକୁ ଆସିଲେ ଭାଇ ଭାଉଜ ସେମାନଙ୍କୁ ବାରଣ କରୁଛନ୍ତି। ପ୍ରତିବାଦ କଲେ ମିଥ୍ୟା ମାମଲା କରିବାକୁ ପାଇଁ ଭାଉଜ ଧମକ ଦେଉଛନ୍ତି। ତେବେ ଶନିବାର ମାଆକୁ ପୁଅବୋହୂ ଧକ୍କା ମାରି ଘର ବାହାରକୁ ନେଇଯାଇଥିଲେ। ଖବର ପାଇ ଦୁଇଝିଅ ପହଞ୍ଚି ମାଆକୁ ଉଦ୍ଧାର କରିଥିଲେ।

## ମାନସିକ ନିର୍ଯାତନା ଦେଉଛି ପୋଲିସ

**ପୁରୀ ଅଫିସ,୭।୧୧**

**ଆତ୍ମହତ୍ୟା ଧମକ ଦେଲେ ମହିଳା**

ବକେୟା ଟଙ୍କା ମାଗିବାରୁ ତାଙ୍କ ସ୍ୱାମୀଙ୍କୁ ଟାଉନ ଥାନା ପୋଲିସ ଦାଦାବଟି ଏବଂ ଚୋରି ମାମଲା କରି ଜେଲ୍ ପଠାଉଛି। ବର୍ଷକ ମଧ୍ୟରେ ଏକାଧିକଥର ଏମିତି ଘଟଣା ଘଟିଲାଣି। ନ୍ୟାୟ ପାଇବା ପାଇଁ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମାଗିବା ଏବଂ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ତାଙ୍କ ଉପରେ ଭାରି ପଡିଲା ବୋଲି କହିଛନ୍ତି ପୁରୀ ବାଲିସାହିର ଜଣେ ମହିଳା। ଶନିବାର ଟାଉନ ଥାନାକୁ ଆସିଥିବା ସମୟରେ ଗଣମାଧ୍ୟମ ସମ୍ମୁଖରେ ସମ୍ପୃକ୍ତା ମହିଳା କହିଥିଲେ, ପୋଲିସ ମୋ ସ୍ୱାମୀଙ୍କୁ ମିଥ୍ୟା ମାମଲାରେ ଗିରଫ କରି ମୋତେ ମାନସିକ ନିର୍ଯାତନା ଦେଉଛି। ନ୍ୟାୟ ପାଇବା ପାଇଁ ବାରମ୍ବାର ଥାନାକୁ ଦୌଡୁଛି। ମାତ୍ର ଏଥିପାଇଁ ମୋତେ ନିରୋଳା ଜାଗାକୁ ଡକାଯାଉଛି। ଯଦି ମୋ ସ୍ୱାମୀଙ୍କୁ ନ୍ୟାୟ ନ ମିଳେ ତେବେ ଛୋଟ ଝିଅ ସହ ଆତ୍ମହତ୍ୟା କରିବି ବୋଲି ସେ କହିଛନ୍ତି।

ମହିଳାଙ୍କ ସୂଚନା ଅନୁଯାୟୀ, ତାଙ୍କ ସ୍ୱାମୀ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। କେବେହେଲେ ସେ କୌଣସି ଅପରାଧମୂଳକ ଘଟଣାରେ ଜଡ଼ିତ ନାହାନ୍ତି। ଏ ନେଇ ସେ ମାନବାଧିକାର ସହାୟିକାଙ୍କ ସହଯୋଗ ନେଇ ଟାଉନ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଗଣମାଧ୍ୟମ ସମ୍ମୁଖରେ ଉପରୋକ୍ତ ବୟାନ ରଖିଥିଲେ ସମ୍ପୃକ୍ତା ମହିଳା। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ତାଙ୍କ ସ୍ୱାମୀ ମାମଲାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ତଦନ୍ତ ଜାରି ରହିଛି।

**DISTRICT EDUCATION OFFICE, SAMBALPUR**
**(DISTRICT PROJECT MANAGEMENT UNIT, MID DAY MEAL)**
No. 8549/MDM Dt.07.11.2020
**SHORT TENDER CALL NOTICE**
Sealed tenders are invited in the prescribed format from the intending Individual/Firm/Transport Contractor(s)/Agents having agent's licence for transportation of foodstuff (rice) under MDM feeding programme from OSCSC RRC Godowns, Kuchinda, Rairakhol and A. Katapali of the district to different school points of Sambalpur district without transit for the period November - 2020 to March - 2021. The detailed tender papers and documents can be obtained from the District Project Management Unit, MDM, which is functioning in the Office of the District Education Officer, Sambalpur on payment of Rs.2,000/- (Rupees two thousand) only (non-refundable) in shape of Demand Draft in favour of the **"District Education Officer-cum-District Nodal Officer, District Project Management Unit, MDM, Sambalpur" payable at Sambalpur**. The details of the Tender Call Notice and other documents are available in office website **http://sambalpur.nic.in** of Sambalpur district.
Date of Commencement of Sale of Tender Document : Dt.09.11.2020
Last date of sale of Tender Document : Dt.23.11.2020
Last date & time of receipt of tender documents : Dt.26.11.2020 (5.00 P.M.)
Date & time of opening of tender documents : Will be informed later on
Notwithstanding anything contained to the contrary in the tender document, the undersigned reserves the right to cancel/ modify the "Invitation for Bids" or to reject any or all of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.
Sd./- District Education Officer, Sambalpur

ଏପରି କେବେ ଭାବିବ ନାହିଁ ଯେ ସତ୍ୟ ଓ ମିଥ୍ୟା–ଆଲୋକ ଏବଂ ଅନ୍ଧକାର–ଆତ୍ମଦାନ ଏବଂ ସ୍ୱାର୍ଥପରତା–ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତା'ର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ଆବଶ୍ୟକ। –ଶ୍ରୀଅରବିନ୍ଦ



# ସମ୍ପର୍କ ଚିନ୍ତା



ଆକାର ପଟେଲ

ଚେନ୍ନାଇରେ ଜନ୍ମିତ ଜଣେ ଆମେରିକୀୟ ଚଳିତ ସପ୍ତାହରେ ୟୁଏସ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସ୍ ପାଇଁ ପୁନଃ ନିର୍ବାଚିତ ହୋଇଛନ୍ତି। ସେ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ ପ୍ରମିଳା ଜୟପାଲ। ସେ ଏବେ କଂଗ୍ରେସନାଲ ପ୍ରୋଗେସିଭ କାଉକସ୍‌ର ମୁଖ୍ୟ ରହିଛନ୍ତି। କିଛି ମାସ ପୂର୍ବରୁ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଆମେରିକାର ହାଉସ ଫରେନ ଆଫେୟାର୍ସ କମିଟି ସହ ହେବାକୁ ଥିବା ଏକ ବୈଠକକୁ ରଦ୍ଦ କରିଥିଲେ। ଏହି କମିଟିରେ ରିପବ୍ଲିକାନ ଚେୟାରମ୍ୟାନ ଏବଂ ଡେମୋକ୍ରାଟିକ ସଦସ୍ୟମାନେ ରହିଛନ୍ତି। ପ୍ରମିଳା ଜୟପାଲ ଉକ୍ତ ଗ୍ରୁପରେ ଥିବାରୁ ଜୟଶଙ୍କର ସେମାନଙ୍କୁ ସାକ୍ଷାତ କରିବା ଲାଗି ମନା କରିଦେଇଥିଲେ। ଜୟପାଲ କଶ୍ମୀରରେ ବନ୍ଦ ହୋଇଥିବା ସଂଚାର ବ୍ୟବସ୍ଥା ଆରମ୍ଭ କରିବାକୁ ଏକ ପ୍ରସ୍ତାବ ଆଗତ କରି ଦାବି କରିବା ଯୋଗୁ ଜୟଶଙ୍କର ଏଭଳି ନିଷ୍ପତ୍ତି ନେଇଥିଲେ। ଯଦି ଜୟପାଲଙ୍କୁ ଗ୍ରୁପରୁ ବାଦ ଦିଆଯିବ ତେବେ ଆମେରିକୀୟମାନଙ୍କୁ ସାକ୍ଷାତ କରିବେ ବୋଲି ଜୟଶଙ୍କର କହିଥିଲେ। କିନ୍ତୁ ଆମେରିକୀୟମାନେ ଏହା କରିବାକୁ ମନା କରିଦେଇଥିଲେ। ବୈଠକରେ ହେବାକୁ ଥିବା ଜଟିଳ ଆଲୋଚନା କିମ୍ବା ମୁହାଁମୁହିଁ ହେବାର ପରିସ୍ଥିତିକୁ ଭୟକରି ଜୟଶଙ୍କର ସମ୍ଭବତଃ ତାହାକୁ ବନ୍ଦ କରିଦେବାକୁ ଚାହିଁଥିଲେ। ସେ ଏଥିରୁ ଓହରି ଯିବା ପରେ ସିନେଟ୍‌ର କମଳା ହାରିସ୍ ଟୁଇଟ୍ କରି ଜଣାଇଲେ ଯେ,ବୈଠକରେ କେଉଁ ସଦସ୍ୟମାନଙ୍କୁ ନିଆଯିବ ସେ ସମ୍ପର୍କରେ କୌଣସି ବିଦେଶ ସରକାର କଂଗ୍ରେସକୁ କହିବା ଭୁଲ। ମାନବାଧିକାରକୁ ଖାତିରି କରୁ ନ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁ ଜୟଶଙ୍କର ଏଭଳି କରିପାରିବେ ବୋଲି ଅନୁଭବ କରିଥିଲେ। ଡିସେମ୍ବର ୨୦୧୯ରେ ଜୟଶଙ୍କର ଯାହା କଲେ ତାହା ଏବେ କରିବା ସମ୍ଭବ ହେବ ନାହିଁ।

ଭାରତୀୟ ଜନତା ପାର୍ଟି (ଭାଜପା)ଆମେରିକା ନିର୍ବାଚନରେ ମୁଣ୍ଡଖେଳାଇ ଟ୍ରମ୍ପଙ୍କୁ ପୁଣି ଥରେ ନିର୍ବାଚିତ କରିବା ଲାଗି ଢେର ବ୍ୟୟ କରିଛି। ପୂର୍ବରୁ କୌଣସି ସରକାର ଏଭଳି କରି ନ ଥିଲେ। 'ଓଭରସିଜ୍ ଫ୍ରେଣ୍ଡସ୍ ଅଫ୍ ଦି ବିଜେପି'ନାମକ ଗ୍ରୁପକୁ ଫରେନ ଏଜେଣ୍ଟ ଭାବେ ଆମେରିକାରେ ସେପ୍ଟେମ୍ବରରେ ପଞ୍ଜୀକୃତ କରି ଟ୍ରମ୍ପଙ୍କୁ ସାହାଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଥିଲା। ଗତବର୍ଷ ସେପ୍ଟେମ୍ବରରେ ଆମେରିକାରେ ଆୟୋଜିତ ହାଉଡ଼ି ର୍‍ୟାଲିରେ ମୋଦି ଟ୍ରମ୍ପଙ୍କୁ ଭୋଟ ଦେବା ଲାଗି ଭାରତୀୟମାନଙ୍କୁ କହିଥିବା 'ଅବ କି ବାର୍ ଟ୍ରମ୍ପ ସରକାର'ସ୍ଲୋଗାନରୁ ସ୍ପଷ୍ଟ ହୋଇଥିଲା। ଟ୍ରମ୍ପ କ୍ଷମତା ହରାଇବା ରାସ୍ତାରେ ଥିବାବେଳେ ଏବେ କ'ଣ ଘଟିବ ? ଭାଜପା ଏବେ ପୁରୁଣା ବାହାନା ଆରମ୍ଭ କରିଦେଇଛି। ରାମମାଧବଙ୍କୁ ଦି ଇଣ୍ଡିଆନ ଏକ୍ସପ୍ରେସ୍‌ରେ ଲେଖିବା ପାଇଁ ପ୍ରବର୍ତ୍ତାଇଛି। ସେ ଲେଖିଛନ୍ତି ଯେ, ବାଇଡେନ –ହାରିସ ଆମେରିକା ଓ ଭାରତ ସମ୍ପର୍କକୁ ଖରାପ କରିପାରନ୍ତି ବୋଲି କେତେକ ଭାରତୀୟ ବିଶ୍ୱାସ କରୁଛନ୍ତି। ବାସ୍ତବରେ କେହି ଏକଥା ଭାବୁ ନାହାନ୍ତି। ମାଧବ ଭାରତ ଓ ଭାଜପାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କ ଦୃଢ ଏଥିରେ କୌଣସି ପ୍ରଶ୍ନ ନାହିଁ। ବେଳେବେଳେ ଦୁଇଦେଶ ମଧ୍ୟରେ ସାମାଜିକ ସମ୍ପର୍କ ରହଥିବା ଲକ୍ଷ୍ୟ କରାଯାଏ । ହେଲେ ସଭଳି ସମୟ ଏବେ ନାହିଁ। ଭାରତ ଏହାର ନାଗରିକମାନଙ୍କ ମନରେ ଭୟ ସୃଷ୍ଟି କରୁଛି ସେମାନଙ୍କୁ ନରାଶ କରୁଛି। ଏହା ଏଭଳି କରୁଛି ଯେ ସାରା ବିଶ୍ୱରେ ଏହା ଚିନ୍ତାର କାରଣ ପାଲଟିଛି।

ପ୍ରମିଳା ଜୟପାଲ ଏବଂ କମଳା ହାରିସ ଘଟଣା ସମ୍ପର୍କରେ ଯାହା ଭାବିଥିଲେ ସଂଯୋଗବଶତଃ ତାହାକୁ ସେମାନେ ସେଭଳି ନେଇ ନ ଥିଲେ। କିନ୍ତୁ ସେମାନେ ଏବେ ତାହା ଉପସ୍ଥାପନ କରିବାକୁ ପଛାଇବେ ନାହିଁ। ଆମେରିକାରେ ବିଭିନ୍ନ କାର୍ଯ୍ୟକ୍ରମ ସେଠାରେ ଏହି ସବୁ ନେତାମାନଙ୍କୁ ଦୃଢ କରିଛି ଯେଉଁମାନେ ଭାରତର ଭଲ ଚାହୁଁଛନ୍ତି। କିନ୍ତୁ ଭାରତୀୟମାନଙ୍କୁ ଏକାଠି କରି ଭାରତର ଭଲ ଚିନ୍ତା କରିବା ଦରକାର। ଯଦି ଭାରତୀୟମାନେ ଅସମ୍ମାନିତ ହେବେ ସେମାନେ ବିରୋଧ କରିବେ। ଡେମୋକ୍ରାଟ ଦଳର ପ୍ରାର୍ଥୀମାନେ ଏକ ଲିବରାଲ ପ୍ଲାଟଫର୍ମରେ ଏହି ନିର୍ବାଚନ ଲଢି ମାନବାଧିକାର ପ୍ରଶ୍ନ ଉପରେ ସେମାନେ ବ୍ଲାକ ଲାଇଭସ ମ୍ୟାଟର ସହ ମିଶି ଏକ ଦୃଢ ବାର୍ତ୍ତା ମଧ୍ୟ ଦେଇଥିଲେ। ମାନବିକ ଅଧିକାରର ବାର୍ତ୍ତା ଦେଇ ସଫଳ ହୋଇଥିବାରୁ ଡେମୋକ୍ରାଟିକ ପାର୍ଟିର ଏମାନେ ( ଯେଉଁଥିରେ ଜୟପାଲ ରହିଛନ୍ତି)ଅଧିକ ଶକ୍ତିଶାଳୀ ହୋଇଛନ୍ତି। ଏପ୍ରିଲରେ ୟୁନାଇଟେଡ୍ ଷ୍ଟେଟସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମ'(ୟୁଏସସିଆଇଆର୍‌ଏଫ୍)ଦ୍ୱାରା ଭାରତକୁ କଣ୍ଟ୍ରି ଅଫ୍ ପର୍ଟିକୁଲାର କନସର୍ନ(ସାମ୍ପ୍ରଦାୟିକ ସ୍ୱାଧୀନତାରେ ହସ୍ତକ୍ଷେପ ବା ହିଂସାର ଦେଶ)ଭାବେ ବିବେଚନା କରାଯିବା ହୁଏତ ଭାରତୀୟମାନେ ଜାଣି ନ ଥିବେ। ୨୦୧୯ରେ ସାମ୍ପ୍ରଦାୟିକ ସ୍ୱାଧୀନତା ତଥା ମାନବାଧିକାର ତୀବ୍ର ଭାବେ ନିମ୍ନଗାମୀ ହୋଇଥିଲା ବୋଲି ଏହାହାର ରିପୋର୍ଟରେ କୁହାଯାଇଥିଲା । ମୋଦି ସରକାର ଭାରତରେ ମୁଖ୍ୟତଃ ମୁସଲମାନଙ୍କ ପାଇଁ ସାମ୍ପ୍ରଦାୟିକ ସ୍ୱାଧୀନତା ଭଙ୍ଗ କରୁଥିବା ନୀତିଗୁଡିକୁ ଲାଗୁ କରିବା ଦ୍ୱାରା ଏଭଳି ହୋଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଆମେରିକା ପ୍ରଶାସନ ଏହା ଉପରେ ପଦକ୍ଷେପ ନେବା ସହ ବିଭିନ୍ନ କ୍ଷେତ୍ରରେ କଟକଣା ଲାଗୁ କରିବା ଲାଗି ସୁପାରିସ କରିଥିଲା।

ଟ୍ରମ୍ପ ଆମେରିକା ଶାସନ ଚଳାଇବା ସହ ଏକାକୀ ନିଷ୍ପତ୍ତି ନେଉଥିବାରୁ ଭାରତ ଏହାକୁ ଅଣଦେଖା କରୁଥିଲା ଓ ଏବେ ବି କରୁଛି। ଭାରତ ମଧ୍ୟ ଏକ ମନ୍ତବ୍ୟ ଜାରି କରିଥିଲା। ୟୁଏସସିଆଇଆର୍‌ଏଫ୍‌ର ବାର୍ଷିକ ରିପୋର୍ଟରେ ଭାରତ ଉପରେ ଯାହା ଆକଳନ କରାଯାଇଛି ତାହାକୁ ଆମେ ଅସ୍ୱୀକାର କରୁ ବୋଲି କହିଥିଲା। ଏହାର ପକ୍ଷପାତିତା ତଥା ବିବାଦୀୟ ଭାରତ ବିରୋଧୀ ମନ୍ତବ୍ୟ ନୂଆ ନୁହେଁ। କିନ୍ତୁ ଏହାର ମିଥ୍ୟା ମନ୍ତବ୍ୟ ଏକ ନୂଆ ସ୍ତରରେ ପହଞ୍ଚିଛି ବୋଲି କହିଥିଲା । ଏଥିରୁ ଦୂରେଇ ରହିବାର ଏହା ଏକ ଉପାୟ ଥିଲା। ଯଦି ତୁମେ ଆମେରିକାକୁ ବନ୍ଧୁ ବୋଲି ଭାବୁଛ ତେବେ ସେମାନଙ୍କୁ ବୁଝାଇବାକୁ ପଡିବ ଯେ, ସେମାନଙ୍କ ସିଦ୍ଧାନ୍ତ ଭୁଲ। ସେମାନଙ୍କ ସହ ବୈଠକ ବାତିଲ କରି ଦୂରେଇ ରହିବା ବା ମିଶି କାମ କରିବା ପାଇଁ ମନା କରିବା ସମାଧାନର ବାଟ ନୁହେଁ।

Email:aakar.patel@gmail.com

# ଲାଉଙ୍ଗିମାନଙ୍କ ସଂକଳ୍ପ ଓ ଜଳସେଚନ



ବିଚିତ୍ର ବିଶ୍ୱାଳ

ମଣିଷର ନିଷ୍ଠା ଓ ସଂକଳ୍ପ ସାମ୍ନାରେ ପାହାଡ଼ର ଦର୍ପ ବି ଚୂନା ହୋଇଯାଏ, ଏକଥା ପ୍ରମାଣ କରିଥିଲେ ବିହାରର ଦାଶରଥି ମାନ୍‌ଝି ; ଯାହାକୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଥିଲା ଓ ତାଙ୍କ ଉପରେ ଗୋଟେ ବଲିଉଡ୍ ଚଳଚ୍ଚିତ୍ର ବି ନିର୍ମାଣ ହୋଇଥିଲା। ଚିକିତ୍ସା ଅଭାବରୁ ନିଜ ସ୍ତ୍ରୀର ଦେହାନ୍ତ ହୋଇଯିବାରୁ ତାଙ୍କ ଗାଁ ଓ ସହର ମଝିରେ ଥିବା ପାହାଡ଼କୁ ସେ ଏକାକୀ କାଟି ତିଆରି କରିଦେଇଥିଲେ ଗୋଟେ ରାସ୍ତା। ଏବେ ପୁଣି ଥରେ ସେମିତି ଏକ ପ୍ରେରଣାଦାୟୀ ଘଟଣା ଦେଖିବାକୁ ମିଳିଛି ବିହାରର ଗୟା ଜିଲାରେ। ଗୟା ଜିଲାର ଲାଥୁଆ ଅଞ୍ଚଳର କୋଠିଲାୱା ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଲାଉଙ୍ଗି ଭୂୟାଁ ୩୦ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ଦୀର୍ଘ ୩ କିଲୋମିଟରର ଏକ କେନାଲ ଖୋଳି ପାହାଡ଼ ଉପରୁ ଝରିଯାଉଥିବା ବର୍ଷା ପାଣିକୁ ନିଜ ଗାଁ ଜମିକୁ ଆଣିବାରେ ସକ୍ଷମ ହୋଇଛନ୍ତି।

କଳା ମଚମଚ ରଙ୍ଗ ଓ କ୍ଷୀଣକାୟ ଶରୀରର ୭୦ ବର୍ଷୀୟ ବୃଦ୍ଧ ଲାଉଙ୍ଗି ଭୂୟାଁ। କାନ୍ଧରେ ଥାଏ ଅହରହ ଏକ କୋଦାଳ। ଆଣ୍ଠୁ ଉପରକୁ ପଡୁଥିବା ଏକ ମସିଆ ଧୋତି। ବେଶି ପାଠ ପଢ଼ିନାହାନ୍ତି କି ଆଜିକାଲି ମଣିଷମାନଙ୍କ ପରି ସେ ଆଧୁନିକ ନୁହନ୍ତି। କିନ୍ତୁ ତାଙ୍କ ପାଖରେ ଥିଲା ଅସମ୍ଭବକୁ ସମ୍ଭବ କରିବାର ଦୃଢ଼ ସଂକଳ୍ପ। ଯେତେବେଳେ ସାରା ଗାଁର ଲୋକମାନେ ରୋଜଗାର ପାଇଁ ସହରକୁ ଯିବାକୁ ଆରମ୍ଭ କରୁଥିଲେ, ସେ କିନ୍ତୁ ସେହି ରାସ୍ତାରେ ନ ଯାଇ ଅଲଗା ରାସ୍ତା ବାଛିଥିଲେ। ସେ ହାତରେ କୋଦାଳ ଧରି ବାହାରି ଯାଇଥିଲେ ପାହାଡ଼ ପାଖକୁ। କୋଠିଲାୱା ଗାଁର ଅନ୍ୟମାନଙ୍କ ପରି ତାଙ୍କର ବି କୌଳିକ ବୃତ୍ତି ଥିଲା ଚାଷ କରିବା ଓ ପଶୁପାଳନ କରିବା। ପ୍ରତିଦିନ ସେ ଛେଳି ଚରେଇବାକୁ ଗାଁ ପାଖ ଜଙ୍ଗଲକୁ ଯାଆନ୍ତି ଓ ଛେଳିଙ୍କୁ ଚରେଇବାକୁ ଛାଡ଼ି ଦେଇ କେନାଲ ଖୋଳା କାମରେ ଲାଗିଯାଆନ୍ତି। ତାଙ୍କ ପାଖରେ ଥିଲା ତାଙ୍କର ଏକମାତ୍ର ସାଧନ ଗୋଟେ କୋଦାଳ ଓ ଗୋଟେ ମାଟି ବୁହା ଝୁଡ଼ି। ନିଜେ ମାଟି ଖୋଳନ୍ତି ଓ ଝୁଡ଼ିରେ ଭରି ବନ୍ଧରେ ପକାନ୍ତି। ଏ କାମରେ ତାଙ୍କୁ କେହି ଜଣେ ସାହାଯ୍ୟ କରିନାହାନ୍ତି। ସାହାଯ୍ୟ କରିବା ତ ଦୂରର କଥା, ଏହି କାମ କରିବା ପାଇଁ ସେ କାହାଠାରୁ ବି ଉତ୍ସାହ ପାଇନାହାନ୍ତି। ଓଲଟି ଗାଁ ଲୋକମାନେ ତାଙ୍କୁ ଅନେକ ସମୟରେ ନିରୁତ୍ସାହିତ କରନ୍ତି, ଏଭଳି ଏକ ଅସମ୍ଭବ କାମରେ ସେ ହାତ ଦେଇଥିବାରୁ। ଏପରି କି ତାଙ୍କ ନିଜ ସ୍ତ୍ରୀ, ପୁଅ, ବୋହୂ ତାଙ୍କୁ ପ୍ରଥମେ ପ୍ରଥମେ ବହୁତ ନିରୁତ୍ସାହିତ କରିଛନ୍ତି ଓ କେନାଲ ଖୋଳା କାମ ଛାଡ଼ି ଦେବା ପାଇଁ ତାଙ୍କୁ ବୁଝାଇଛନ୍ତି। କିନ୍ତୁ ଲାଉଙ୍ଗି ଯେମିତି ପଣ କରିଥିଲେ, କେହି ସାହାଯ୍ୟ କରନ୍ତୁ କି ନ କରନ୍ତୁ, ସେ କେନାଲ ଖୋଳିବେ ଓ ତାଙ୍କ ଗାଁକୁ ପାଣି କଢ଼େଇ ଆଣିବେ। ଆଜି ସେ ଏହି କାମରେ ସଫଳ ହୋଇଛନ୍ତି। ପାହାଡ଼ ପାଖରୁ ନିଜ ଗାଁର ଜମି ପର୍ଯ୍ୟନ୍ତ ଦୀର୍ଘ ୩ କିଲୋମିଟରର କେନାଲ ସେ ଏକା ଖୋଳି ସାରା ଅଞ୍ଚଳରେ ଚହଳ ପକେଇ ଦେଇଛନ୍ତି। ଏହି କାମ କରିବା ପାଇଁ ତାଙ୍କୁ ଦୀର୍ଘ ୩୦ ବର୍ଷ ସମୟ ଲାଗିଛି। ତାଙ୍କୁ ଯେତେବେଳେ ୪୦ ବର୍ଷ ହୋଇଥିଲା ସେ ଏକୁଟିଆ ସେହି କେନାଲ ଖୋଳା କାମ ଆରମ୍ଭ କରିଥିଲେ। ଆଜି ସେ ୭୦ ବର୍ଷ ବୟସରେ ପହଞ୍ଚିଥିବା ବେଳେ କେନାଲରେ ପାଣି ଆସି ତାଙ୍କ ଗାଁରେ ପହଞ୍ଚିଛି। ତିଆରି କରିଥିବା କେନାଲ ଯୋଗୁ ଏବେ ସେ ଏକା ଲାଭ ପାଉନାହାନ୍ତି କି କେବଳ ତାଙ୍କ ଜମିକୁ ପାଣି ମାଡୁନି। ଗାଁର ସବୁ ପରିବାର ପାଣି ପାଉଛନ୍ତି। ପ୍ରାୟ ୩ ହଜାର ଲୋକ ତାଙ୍କର ଏହି କେନାଲ ଯୋଗୁ ଉପକୃତ ହେଉଛନ୍ତି। ସେ ପ୍ରଥମେ ଦେଖିଥିଲେ ପ୍ରତିବର୍ଷ ବର୍ଷା ଦିନେ ପାହାଡ଼ ଉପରୁ ପାଣି ସବୁ ଇଆଡ଼େ ସିଆଡ଼େ ନଷ୍ଟ ହୋଇଯାଉଛି। କିନ୍ତୁ ଗାଁ ଜମିଗୁଡ଼ିକ ପାଣି ନ ପାଇ ଶୁଖିଲା ରହୁଛି। ତେଣୁ ସେ ଭାବିଲେ, ଯଦି ପାହାଡ଼ର ପାଣିକୁ କେନାଲ କରି ଜମି ପର୍ଯ୍ୟନ୍ତ ଅଣାଯାଇପାରନ୍ତା ତେବେ ଜମିରେ ଭଲ ଚାଷ ହୁଅନ୍ତା। ସେ କେବଳ ଭାବିଲେ ନାହିଁ, ତାକୁ କାମରେ ଲଗେଇଲେ ଓ ଲୋକମାନଙ୍କ ହଜାରେ ନିରୁତ୍ସାହ ପରେ ବି ସଂକଳ୍ପର ସହିତ ନିଜ କାମରେ ଲାଗିରହିଲେ ଓ ଆଜି ତା'ର ପରିଣାମ ହୋଇଛି, ୩ କିଲୋମିଟରର ଦୀର୍ଘ ଏକ କେନାଲ।

ଟିଭି କ୍ୟାମେରା ସାମ୍ନାରେ ନିଜ କଥା କହିବା ବେଳେ ଦାନ୍ତ ପଡ଼ିଯାଇଥିବା ପାକୁଆ ପାଟିରେ ଲାଜ ଲାଜ ହୋଇ ଲାଉଙ୍ଗି କୁହନ୍ତି ଯେ, ୩୦ ବର୍ଷ ହେଲା ମୁଁ ଖୋଳୁଛି। ପ୍ରଥମେ ପ୍ରଥମେ ଖୋଳିବା ବେଳେ ବହୁତ ଲୋକ ଉପହାସ କରୁଥିଲେ, କିନ୍ତୁ ମୁଁ କାହା କଥା ଶୁଣିଲି ନାହିଁ। ମୋ ମନରେ ଗୋଟିଏ ନିଶା ଥିଲା ମୁଁ ପାହାଡ଼ର ପାଣିକୁ ଜମିକୁ ଆଣିବି। ସେ ଆହୁରି କୁହନ୍ତି ଯେ, ଆମେ ଚାଷ କରି ବଞ୍ଚିବା ଲୋକ। ଦିନେ ଛେଳି ଚରେଇବା ବେଳେ ଭାବିଲି, ଯଦି ଏହି ପାହାଡ଼ର ପାଣି ଆମ ଜମିକୁ ଆସିବା ତେବେ ଆମେ ସହରରେ ମୂଲ ନ ଲାଗି ନିଜ ଜମିରେ ନିଜେ ଚାଷ କରିବୁ। ଲାଉଙ୍ଗିଙ୍କର ୩୦ବର୍ଷର ସେହି ଶ୍ରମ ଆଜି ସଫଳ ହୋଇଛି। ସେ ଖୋଳିଥିବା କେନାଲରେ ପାଣି ଗାଁକୁ ଆସୁଛି। ଲାଉଙ୍ଗି ଆଜି ସେହି କୋଠିଲାୱା ଗାଁର ଜଣେ ସାଧାରଣ ମଣିଷ ହୋଇନାହାନ୍ତି, ସେ ସାରା ଦେଶ ପାଇଁ ଗୋଟିଏ ଜୀବନ୍ତ ଉଦାହରଣ ପାଲଟି ଯାଇଛନ୍ତି। ଏହା ଅବଶ୍ୟ ଭିନ୍ନ କଥା ଯେ, ବର୍ତ୍ତମାନର ଗଣମାଧ୍ୟମଙ୍କ ପାଖରେ ସରକାର ବାହାଦୁରଙ୍କୁ ଖୁସି କରିବାରୁ ଫୁର୍‌ସତ୍ ମିଳୁ ନ ଥିବାରୁ ଲାଉଙ୍ଗିଙ୍କ କାହାଣୀ ଆଲୋଚନାକୁ ଆସିପାରିନାହିଁ। ନ ହେଲେ ଏମିତି ଏକ ଘଟଣା ସାରା ଦେଶର ଆଖି ଖୋଲିଦେବା ପରି।

ସତରେ ଲାଉଙ୍ଗିଙ୍କର ନିଷ୍ଠା ବା ସଂକଳ୍ପର ଯଦି ଗୋଟିଏ ପ୍ରତିଶତ ସରକାରଙ୍କ ପାଖରେ ଥାଆନ୍ତା, ତେବେ ଆଜି ଜଳସେଚନ ଅଭାବରେ ଆମ ଦେଶର ଲକ୍ଷ ଲକ୍ଷ ଏକର ଚାଷଜମି ମରୁଡ଼ିର ଶିକାର ହୁଅନ୍ତା ନାହିଁ। ଏହି ପ୍ରବନ୍ଧର ଉଦ୍ଦେଶ୍ୟ କେବଳ ନୁହେଁ, ଲାଉଙ୍ଗିଙ୍କର ନିଷ୍ଠା ଓ ସଂକଳ୍ପକୁ ମହିମା ମଣ୍ଡିତ କରିବା। ଲାଉଙ୍ଗି ତ ପ୍ରଶଂସାର ଯୋଗ୍ୟ। କିନ୍ତୁ ଏଭଳି ଲାଉଙ୍ଗିମାନଙ୍କ ପାଇଁ ଓ ତାଙ୍କ ଚାଷ ଜମି ଲାଗି ସରକାରଙ୍କର କର୍ତ୍ତବ୍ୟ କ'ଣ କିଛି ନାହିଁ। ସରକାର ଯେତେବେଳେ ୫ ବର୍ଷରେ ଚାଷୀଙ୍କ ରୋଜଗାରକୁ ଦୁଇଗୁଣ କରିବା କଥା କହୁଛନ୍ତି, ସେତେବେଳେ ଆମ ଦେଶର ଜଳସେଚନର ଅବସ୍ଥାକୁ ଆଖି ପକେଇଲେ ସରକାରଙ୍କ ଚାଷୀଙ୍କ ପ୍ରତି ଅସଲ ଦରଦ ବୁଝିହେବ।

ସରକାରଙ୍କ ତଥ୍ୟ ଅନୁସାରେ ଆମ ଦେଶରେ ଆଜି ପର୍ଯ୍ୟନ୍ତ ମାତ୍ର ୪୮.୮% ଜମିକୁ ଜଳସେଚନ ସୁବିଧା ହୋଇଅଛି। ଏବେ ମଧ୍ୟ ଅଧାରୁ ଅଧିକ ଜମି ଅଣଜଳସେଚିତ। ସେଠାକୁ ଆଜି ପର୍ଯ୍ୟନ୍ତ ପାଣି ପହଞ୍ଚେଇବାରେ ସରକାର ସଫଳ ହୋଇନାହାନ୍ତି। ଅସଲରେ ସରକାର ପ୍ରଦାନ କରୁଥିବା ଜଳସେଚିତ ଜମିର ତଥ୍ୟଠାରୁ ପ୍ରକୃତ ଜଳସେଚିତ ଜମିର ପରିମାଣ ଆହୁରି କମ୍। ସିଧା କଥାରେ କହିଲେ ସରକାର କେବଳ ଚାଷ ଓ ଚାଷୀର ବିକାଶର ମିଛ ଭାଷଣ ମାରୁଛନ୍ତି। ନିର୍ବାଚନ ପ୍ରତିଶ୍ରୁତିରେ ପ୍ରତି ଥର ରାଜନୈତିକ ଦଳମାନେ ଜଳସେଚନର କଥା କହୁଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସରକାର ଜଳସେଚନ ହୋଇଥିବାର ମିଛ ପରିସଂଖ୍ୟାନ ଦେଉଛନ୍ତି। ଗଣମାଧ୍ୟମରେ ବିବୃତି ଦେଉଛନ୍ତି। କିନ୍ତୁ ଅସଲରେ ଅଧିକାଂଶ ଚାଷ ଜମି ଏବେ ବି ବର୍ଷା ଜଳ ଉପରେ ନିର୍ଭରଶୀଳ। ଚାଷୀମାନଙ୍କ ଭାଗ୍ୟ ଏବେ ବି ବର୍ଷା ଉପରେ ନିର୍ଭରଶୀଳ। ସରକାର କେବଳ ମିଛ ଭାଷଣ ମାରି କୁହାମୁଣ୍ଡା କପିଳା ସାଜିଥିବା ବେଳେ, ପାଣି ନ ପାଇଁ ଚାଷ ଜମି ସବୁ ମରୁଡ଼ିର ଶିକାର ହେଉଛି। ପରିଣାମ ସ୍ୱରୂପ ଚାଷୀଙ୍କ ଫସଲ ଉଜୁଡ଼ି ଯାଉଛି। କୃଷିପ୍ରଧାନ ଦେଶ ଭାରତରେ ଯଦି ଏବେ ବି ସ୍ୱାଧୀନତାର ୭୨ ବର୍ଷ ପରେ ବି ଚାଷୀଙ୍କ ଜମିକୁ ପାଣି ପହଞ୍ଚି ପାରିନାହିଁ ବା ଲାଉଙ୍ଗିଙ୍କ ପରି ୭୦ ବର୍ଷୀୟ ବୃଦ୍ଧଙ୍କୁ ୩୦ ବର୍ଷ କାଳ ସମୟ ନେଇ ୩ କିଲୋମିଟର ଲମ୍ବର କେନାଲକୁ ନିଜ ହାତରେ କୋଡ଼ି କୋଦାଳ ଧରି ଖୋଳିବାକୁ ପଡୁଛି, ତା'ହେଲେ ଏ ସରକାର ଓ ତାଙ୍କ ମିଛ ଭାଷଣର ମୂଲ୍ୟ କ'ଣ ? ଜଣେ ବୁଢ଼ା ଲୋକ ତିରିଶ ବର୍ଷ କାଳ ଯଦି ଗୋଟେ କେନାଲ ଖୋଳିଲେ, ସେତେବେଳେ ସେ ରାଜ୍ୟ ସରକାର ଓ ତାଙ୍କର କୁଢ଼ କୁଢ଼ ମନ୍ତ୍ରୀ ଓ ଅମଲା କରୁଥିଲେ କ'ଣ ? ତେଣୁ ଆଜି କେବଳ ଲାଉଙ୍ଗିଙ୍କର ସଫଳତାରେ ଖୁସି ହେବାର ସମୟ ଏ ନୁହେଁ, ଲାଉଙ୍ଗିମାନଙ୍କୁ ବୁଢ଼ା ବୟସରେ ବି ଏପରି କଠିନ କାମ କରିବାକୁ ବାଧ୍ୟ କରୁଥିବା ସରକାରଙ୍କୁ ପ୍ରଶ୍ନ କରିବାର ବି ସମୟ ଆସିଛି। ସରକାର କେବଳ କୁହାମୁଣ୍ଡା କପିଳା ହେବେ ନା ଲାଉଙ୍ଗିଙ୍କ ପରି ନିଷ୍ଠା ଓ ସଂକଳ୍ପର ପରିଚୟ ଦେଇ ଚାଷୀ ଓ ଚାଷୀ ପାଇଁ ଅସଲରେ କିଛି କରିବେ। ଲାଉଙ୍ଗି ଆଜି ତାଙ୍କ କାମରେ ସରକାରଙ୍କ ମସୃଣ ଗାଲରେ ଏକ ଶକ୍ତ ଚଟକଣା ଦେଇଛନ୍ତି ଓ କହିଛନ୍ତି, ହେ ସରକାର ବାହାଦୁର, ଏଥର ଟିକେ ଚେତ, ଜାଗ, ଚନ୍ଦ୍ରକୁ ତ ଯାନ ପଠେଇବ, ଅତ୍ୟାଧୁନିକ ଯୁଦ୍ଧ ବିମାନ କିଣିବ, ସବୁ ଠିକ୍ ଅଛି। କିନ୍ତୁ ଆମ ଜମିକୁ ବି ଟିକେ ପାଣି ପହଞ୍ଚାଅ। କେବଳ ପ୍ରତିଶ୍ରୁତି କି ମିଛ ଭାଷଣରେ ନୁହେଁ, ସତରେ ଆମ ଜମିକୁ ଜଳସେଚନ କରାଅ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ–୯୪୩୮୪୬୮୪୭୪

# ସୂଚନା ମୁଖ୍ୟ

ଭାରତରେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ସୂଚନା ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଇଆସୁଛି। ବିଧିବଦ୍ଧ ଭାବେ ୨୦୦୫ରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଆସିଥିଲା। ସେହି ଅନୁଯାୟୀ ୧୨ ଅକ୍ଟୋବର ୨୦୦୫ରେ କେନ୍ଦ୍ରୀୟ ସୂଚନା କମିଶନ ଗଠନ କରାଯାଇଥିଲା। ଏଥିରେ ଜଣେ ମୁଖ୍ୟ ସୂଚନା କମିଶନର (ସିଆଇସି) ଏବଂ ଅତି ବେଶିରେ ୧୦ ଜଣ ସୂଚନା କମିଶନର ରହିବାର ବ୍ୟବସ୍ଥା କରାଯାଇଛି। ଏମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାଆନ୍ତି। କେନ୍ଦ୍ରୀୟ ସୂଚନା କମିଶନ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ ଏଥିରେ ନିଯୁକ୍ତ ବ୍ୟକ୍ତିଙ୍କୁ ବାଛିବା ସକାଶେ ଏକ କମିଟି ରହିଛି। ପ୍ରଧାନମନ୍ତ୍ରୀ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ଲୋକ ସଭାର ବିରୋଧୀ ଦଳ ନେତା ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ରୀୟ ସୂଚନା କମିଶନ ଲାଗି ଯୋଗ୍ୟ ବ୍ୟକ୍ତିଙ୍କୁ ବାଛିଥାଆନ୍ତି। ଏହି ପଦବୀଧାରୀମାନଙ୍କ ସମୟସୀମା ୫ ବର୍ଷ କିମ୍ବା ସେମାନଙ୍କୁ ୬୫ ବର୍ଷ ହେବା ଯାଏ ରହିବାର ବ୍ୟବସ୍ଥା ରହିଛି। ତେବେ ୨୬ ଅଗଷ୍ଟରେ ବିମଲ ଜୁଲ୍‌କା ସିଆଇସି ଭାବେ କାର୍ଯ୍ୟକାଳ ଶେଷ କରିବା ପରେ ଦୁଇ ମାସ ହେବ ଏହି ପଦବୀ ଖାଲିପଡ଼ିଥିଲା। ୭ ନଭେମ୍ବରରେ ଯଶବର୍ଦ୍ଧନ କୁମାର ସିହ୍ନାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଆଇସି ଭାବେ ନିଯୁକ୍ତି ଦେଇଛନ୍ତି। ରାଷ୍ଟ୍ରପତି ଭବନରେ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କୋବିନ୍ଦ ନୂଆ ସିଆଇସିଙ୍କୁ ଶପଥପାଠ କରାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେ ସୂଚନା କମିଶନର ଭାବେ ୧ ଜାନୁୟାରୀ ୨୦୧୯ରେ ଶପଥ ନେଇଥିଲେ।

**ବ୍ୟକ୍ତିତ୍ୱ**



ଯଶବର୍ଦ୍ଧନ କୁମାର ସିହ୍ନା

ଯଶବର୍ଦ୍ଧନ ବିହାର ବାସିନ୍ଦା। ୪ ଅକ୍ଟୋବର ୧୯୫୮ରେ ଏକ କାୟସ୍ଥ ପରିବାରରେ ତାଙ୍କ ଜନ୍ମ। ପାଟନାସ୍ଥିତ ଛେଶାମ ଓ ସେଣ୍ଟ ଷ୍ଟିଫେନ୍ସ ସ୍କୁଲରୁ ସେ ଶିକ୍ଷା ଗ୍ରହଣ କରିଥିଲେ। ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜରୁ ଇତିହାସରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଜଣେ ମେଧାବୀ ଛାତ୍ର ଭାବେ ସେ ତାଙ୍କ ପରାକାଷ୍ଠା ଭାରତୀୟ ସିଭିଲ୍ ସର୍ଭିସ୍‌ରେ ଦେଖାଇ ପାରିଥିଲେ। ୧୯୮୧ ବ୍ୟାଚର ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍)ରେ ଯୋଗଦେବା ପରେ ଯଶବର୍ଦ୍ଧନଙ୍କ କର୍ମମୟ ଜୀବନ ଗତି କରିଥିଲା। ବ୍ରିଟେନରେ ଭାରତର ହାଇକମିଶନର ହେବାର ଗୌରବ ଅର୍ଜନ କରିଥିବା ଯଶବର୍ଦ୍ଧନ ହେଉଛନ୍ତି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଶ୍ରୀନିବାସ କୁମାର ସିହ୍ନାଙ୍କ ପୁତ୍ର। ପରମ ବିଶିଷ୍ଟ ସେବା ମେଡାଲ (ପିଭିଏସ୍‌ଏମ୍) ପାଇଥିବା ଶ୍ରୀନିବାସ ଭାରତୀୟ ସେନାରେ ଭାଇସ୍ ଚିଫ୍ ଥିଲେ। କେବଳ ସେତିକି ନୁହେଁ, ଶ୍ରୀନିବାସ ଜମ୍ମୁ ଓ କଶ୍ମୀର ଏବଂ ଆସାମର ରାଜ୍ୟପାଳ ରହିଥିଲେ। ସେ ମଧ୍ୟ ନେପାଳରେ ଭାରତର ରାଷ୍ଟ୍ରଦୂତ ହୋଇଥିଲେ। ଏଭଳି ଜଣେ ବ୍ୟକ୍ତିଙ୍କ ପୁଅ ଭାବେ ଯଶବର୍ଦ୍ଧନ ଭାରତୀୟ ବୈଦେଶିକ ସେବାରେ ନିୟୋଜିତ ହେବା ନିଶ୍ଚିତ ରୂପେ ଜଣେ ପିତାଙ୍କ ପାଇଁ ଗର୍ବର ବିଷୟ ବୋଲି କୁହାଯାଇପାରେ। ସହଧର୍ମିଣୀ ଗିରିଜା ଓ ଦୁଇ ପୁଅଙ୍କୁ ନେଇ ଯଶବର୍ଦ୍ଧନଙ୍କ ସଂସାର।

୨୦୧୯ରେ ସୂଚନା ଅଧିକାର ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହେବା ପରେ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳ ଏହାକୁ ବିରୋଧ କରିଥିଲେ। ମୁଖ୍ୟ ସୂଚନା କମିଶନରଙ୍କ ନିଯୁକ୍ତି ସଂକ୍ରାନ୍ତ କେତେକ ଧାରାରେ ପରିବର୍ତ୍ତନ କରାଯିବା ପରେ ଆର୍‌ଟିଆଇର ମୂଳ ସ୍ୱରୂପ ବଦଳିଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ରାଜନୈତିକ କ୍ଷମତା ପ୍ରୟୋଗ କରି ସିଆଇସି ଓ ସୂଚନା କମିଶନରଙ୍କୁ ଧମକ ଦେଇ କିମ୍ବା ଲୋଭ ଦେଖାଇ ପ୍ରଭାବିତ କରିବା ଭଳି ବିବାଦୀୟ କଥା ଜଡ଼ିତ ଥିବା କୁହାଯାଉଛି। ତେବେ ଆଜିର ସୂଚନା ସର୍ବସ୍ୱ ଯୁଗରେ ନାଗରିକଙ୍କୁ କିଭଳି ଠିକ୍ ଭାବେ ସେବା ମିଳିପାରିବ ତାହାର ଦାୟିତ୍ୱ ଯଶବର୍ଦ୍ଧନଙ୍କ ଉପରେ ନ୍ୟସ୍ତ କରାଯାଇଛି। ସମସ୍ତେ ତାଙ୍କଠାରୁ ନ୍ୟାୟ ପାଇବେ ବୋଲି ଆଶା ରହିବା ସ୍ୱାଭାବିକ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଚଉଁରା ମୂଳେ ଦୀପାବଳିରେ ସାରାଦିନ ମାଟି ଦୀପଟିଏ ଯଦି ଜାଳିବାକୁ ଚହୁଁଛନ୍ତି ତେବେ ଛତିଶଗଡ଼ର କୁମ୍ଭକାର ଅଶୋକ ଚକ୍ରଧାରୀଙ୍କ ଦୀପ ଆଣନ୍ତୁ। ଏହି ସ୍ୱତନ୍ତ୍ର ଦୀପଟି ଆପଣାଛାଏଁ ତେଲ ଭରି ଅତିକମ୍‌ରେ ୨୪ ଘଣ୍ଟା ଜଳୁଛି। ଅଶୋକଙ୍କ ବୟସ ୬୨। ରହୁଛନ୍ତି ବସ୍ତର ଜିଲା କୋଣ୍ଡା ଗାଁରେ। ଦୀପର ନାମ ରଖିଛନ୍ତି 'ମ୍ୟାଜିକ ଲ୍ୟାମ୍ପ'। ଦୀପର ଉପରି ଭାଗରେ ତେଲ ଓ ତଳେ ରହିଛି ଦୀପ। ତେଲ ଭଣ୍ଡାରରୁ ଦୀପକୁ ଏକ ସରୁ ପାଇପ ଯୋଗେ ସଂଯୋଗ କରାଯାଇଛି। ନିଜସ୍ୱ ଜ୍ଞାନକୌଶଳରେ ପ୍ରଥମ ଦୀପଟିକୁ ଗଢିବା ଲାଗି ଅଶୋକଙ୍କୁ ୫ରୁ ୬ ସପ୍ତାହ ଲାଗିଯାଇଥିଲା। ପରେ ଏହା ସହଜ ହୋଇଥିଲା। ଏବେସୁଦ୍ଧା ସେ ୧୦୦ଟି ଦୀପ ବିକ୍ରି କରିସାରିଛନ୍ତି। ପ୍ରତ୍ୟେକଟିରେ ଦାମ ରଖିଛନ୍ତି ୨୦୦ଟଙ୍କା। ଏହି ଦୀପର ଭିଡିଓ ଫେସ୍‌ବୁକରେ ଶେୟାର କରିବା ପରେ ତାଙ୍କ ପାଖକୁ ଶହ ଶହ କଲ୍ ଆସୁଛି। ଲୋକମାନେ ଏହି ଦୀପ ନେବାକୁ ହଜାର ହଜାର ସଂଖ୍ୟାରେ ଅର୍ଡର ଦେଉଛନ୍ତି। କିନ୍ତୁ ସୁବିଧା ନ ଥିବାରୁ ସେ ତାହାକୁ ଦେଶର ବିଭିନ୍ନ ସ୍ଥାନକୁ ପଠାଇ ପାରୁନାହାନ୍ତି। ସେ ମାଟିର କଫି ମଗ୍ ଓ ଡିନରସେଟ୍ ମଧ୍ୟ ତିଆରି କରୁଛନ୍ତି। ଏଗୁଡିକର ବି ଚାହିଦା ରହିଛି।

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି–ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | | | 7 | | C | | | | | | 5 |
| | | | 5 | | | | | 6 | 8 | | 9 | | | E |
| | | 0 | | | | D | 1 | | | 5 | | 8 | 2 | |
| D | 2 | 8 | | | C | | 0 | | 1 | | | | | |
| | 7 | | B | 1 | | | 8 | | D | 4 | | | 6 | |
| | | | | | | | | | 4 | | 2 | 5 | A | |
| | 1 | B | | | | | | 2 | | | | | | |
| | | A | | 2 | | | 9 | D | 6 | C | | | 1 | |
| E | | 3 | | 7 | A | 4 | | | | B | | | 8 | |
| | | C | | 4 | 3 | | | A | | | E | 9 | | |
| | 3 | | | C | | | | 9 | | | | | | |
| | | E | | | 2 | 3 | | | | | 1 | | | |
| | | 9 | | | | | | | 7 | | | 6 | | |
| | C | | | | 9 | | | B | | 6 | 0 | E | | |
| | 4 | | 8 | 5 | | 1 | 6 | | 9 | | B | 2 | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 2 | 7 | C | A | 9 | 3 | 6 | E | 4 | 0 | 1 | D | 5 | B |
| B | 4 | 9 | 6 | E | 0 | A | D | 1 | 5 | 3 | 7 | 2 | C | 8 |
| C | E | 5 | D | 1 | 3 | 4 | 0 | 2 | 8 | B | A | 7 | 9 | 6 |
| 6 | 0 | 3 | B | 7 | 4 | C | 5 | 8 | 2 | D | 9 | A | E | 1 |
| A | D | 1 | 8 | 5 | 2 | B | 9 | 7 | C | 6 | E | 4 | 3 | 0 |
| 9 | 1 | 6 | E | D | 5 | 8 | 7 | 3 | A | 2 | 4 | B | 0 | C |
| E | 5 | 0 | 9 | 2 | 8 | 1 | A | B | 3 | 7 | C | 6 | 4 | D |
| 4 | 3 | B | 7 | 6 | 1 | D | 2 | C | 9 | E | 0 | 5 | 8 | A |
| 2 | A | 8 | 4 | B | C | 9 | E | 0 | 6 | 5 | D | 1 | 7 | 3 |
| 7 | C | D | 0 | 3 | A | 5 | 4 | 6 | 1 | 8 | B | E | 2 | 9 |
| 3 | B | E | 5 | 9 | 6 | 0 | C | A | 7 | 1 | 2 | 8 | D | 4 |
| 5 | 6 | 4 | A | 0 | E | 7 | 8 | D | B | C | 3 | 9 | 1 | 2 |
| 1 | 7 | C | 2 | 8 | D | 6 | B | 4 | 0 | 9 | 5 | 3 | A | E |
| 0 | 8 | 2 | 1 | 4 | 7 | E | 3 | 9 | D | A | 6 | C | B | 5 |
| D | 9 | A | 3 | C | B | 2 | 1 | 5 | E | 4 | 8 | 0 | 6 | 7 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଦିଆଯାଉ

ମହାଶୟ,

ଦେଶକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବୀର ଯବାନମାନେ ସୀମାରେ ଜାଗ୍ରତ ପହରା ଦେଉଛନ୍ତି। କିଛି ଖଳ ପ୍ରକୃତିର ପଡୋଶୀ ରାଷ୍ଟ୍ରନେତାମାନେ ଭାରତରେ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଆତଙ୍କବାଦୀଙ୍କୁ ନିୟୋଜିତ କରିଛନ୍ତି। ଏହି ଆତଙ୍କବାଦୀମାନେ ଭାରତରେ ନରସଂହାର ଓ ରାଷ୍ଟ୍ର ବିରୋଧୀ କାର୍ଯ୍ୟ ଘଟାଇ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛନ୍ତି। ଏହି ଅବସରରେ ଆମ ଦେଶର ବୀର ଯବାନମାନେ ସେହି ସଂଗଠନକୁ ଦୃଢ଼ ହସ୍ତରେ ଦମନ କରି ଚାଲିଛନ୍ତି। ମାତ୍ର ବେଳେବେଳେ ସେମାନେ ଲୁଚିଛପି ଅତର୍କିତ ଗୁଳି ଚଳାଇବା ଫଳରେ ଯବାନମାନେ ଆଘାତପ୍ରାପ୍ତ ହେଉଛନ୍ତି। କେତେକ ସ୍ଥଳରେ ଶହୀଦ ମଧ୍ୟ ହେଉଛନ୍ତି। ସେହିଭଳି ଚୋର ଡକାୟତମାନେ ଦେଶରେ ରାହାଜାନି, ଚୋରି, ଡକାୟତି, ଲୁଣ୍ଠନ ଓ ନରସଂହାର ଆଦି କାର୍ଯ୍ୟରେ ନିୟୋଜିତ ହୋଇ ନାନାଦି ଅପରାଧ ଘଟାଉଛନ୍ତି। ସେମାନଙ୍କୁ ଧରିବା ପାଇଁ କେନ୍ଦ୍ର ଓ ରାଜ୍ୟ ପୋଲିସ ପ୍ରଚେଷ୍ଟା ଜାରି ରଖିଛନ୍ତି। ଗ୍ୟାଙ୍ଗଷ୍ଟର,ଚୋର, ଡକାୟତ ଓ ଦାଗୀଙ୍କୁ ଧରିବା ପାଇଁ ସୁରକ୍ଷା ବାହିନୀ ଓ ପୋଲିସ ବାହିନୀ କାର୍ଯ୍ୟରତ ଥିବା ସମୟରେ ମଧ୍ୟ ଜୀବନ ହରାଉଛନ୍ତି। କାରଣ ପ୍ରାଣରକ୍ଷା ପାଇଁ ଅପରାଧୀମାନେ ଆଖିବୁଜା ଗୁଳି ଚାଳନା କରୁଛନ୍ତି। ତଥାପି ଆତଙ୍କବାଦୀ, ନକ୍ସଲ ଓ ଅପରାଧୀମାନଙ୍କୁ ସାବାଡ କରିବା ପାଇଁ ବୀର ଯବାନ ଓ ପୋଲିସ ବାହିନୀ କାର୍ଯ୍ୟରତ ଅଛନ୍ତି। ହେଲେ ଆମେ ସେମାନଙ୍କ ସୁରକ୍ଷା ପାଇଁ କିଛି ନୂଆ ଚିନ୍ତା କରିନାହୁଁ। ସେମାନଙ୍କ ସୁରକ୍ଷା ପାଇଁ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପ୍ରଦାନ କରିବା କଥା। କାରଣ କୌଣସି ଦମନମୂଳକ କାର୍ଯ୍ୟ କିମ୍ବା ଗିରଫଦାରି ସମୟରେ ସେମାନେ ଏହା ପରିଧାନ କରିଥିଲେ କୌଣସି କ୍ଷୟକ୍ଷତି ହୋଇ ନ ପାରେ। ପ୍ରକୃତ ପକ୍ଷେ ବିଦେଶୀ ଶତ୍ରୁ କିମ୍ବା ଅପରାଧୀଙ୍କୁ ଦୁର୍ବଳ ଭାବିବା ଠିକ୍ ନୁହେଁ। ଉକ୍ତ ପରିପ୍ରେକ୍ଷୀରେ ବୀର ଯବାନ ଓ ସୁରକ୍ଷା ବାହିନୀଙ୍କୁ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଯୋଗାଇ ଦେବା ପାଇଁ ପ୍ରତିରକ୍ଷା ବିଭାଗ ଓ ରାଜ୍ୟ ଗୃହ ବିଭାଗ ବିଚାରବିମର୍ଶ କରିବାକୁ ଅନୁରୋଧ ; ଯଦ୍ଦ୍ୱାରା କି ଆମ ଯବାନମାନେ ଶତ୍ରୁପକ୍ଷର ଗୁଳିକୁ ପ୍ରତିରୋଧ କରିବାକୁ ସକ୍ଷମ ହୋଇପାରିବେ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶୀତ ପଡ଼ିଲା: ସୋନପୁରରେ ୧୧.୮ ଡିଗ୍ରୀ

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ ଶୀତ ଆରମ୍ଭ ହୋଇଛି। ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ତାପମାତ୍ରା ତଳକୁ ଖସିଛି। ଆଗାମୀ ଦିନରେ ଏହା ଆହୁରି ତଳକୁ ଖସିବା ସମ୍ଭାବନା ରହିଛି। ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆଞ୍ଚଳିକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଶନିବାର ସୋନପୁରରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୧.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନୁଗୋଳ ୧୨.୬, ଦାରିଙ୍ଗବାଡି ୧୪, ଝାରସୁଗୁଡ଼ା ୧୪.୧, ତାଳଚେର ୧୪.୪, କେନ୍ଦୁଝର ୧୫, ବଲାଙ୍ଗୀର ୧୬, କୋରାପୁଟ ୧୫.୬, ବାରିପଦା ୧୫.୬, ଭୁବନେଶ୍ୱର ୨୦.୬, କଟକରେ ୧୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

**ସଂକ୍ଷେପରେ**

## ରୌପ୍ୟ ମୁଦ୍ରାରେ ମା'ସମଲେଇ



**ସମ୍ବଲପୁର, ୭।୧୧ (ବ୍ୟୁରୋ):** ସମ୍ବଲପୁରର ଇଷ୍ଟଦେବୀ ସମଲେଇ। ସମଲେଇ ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ପ୍ରଚାରପ୍ରସାର ଲାଗି ଭକ୍ତମାନେ ଅଭିନବ ପ୍ରୟାସ ଜାରି ରଖିଛନ୍ତି। ସମ୍ବଲପୁର ସେଙ୍କି ଜ୍ୱେଏଲରୀ ସତ୍ତ୍ୱାଧିକାରୀ ସେଙ୍କି ସମ୍ବଲପୁରିଆ ରୌପ୍ୟ ମୁଦ୍ରାରେ (ସିଲଭର୍ କଏନ୍) ଦେବୀ ସମଲେଇଙ୍କ ପ୍ରତିକୃତି ସ୍ଥାନିତ କରିଛନ୍ତି। ଖାଣ୍ଟି ୧୦ ଗ୍ରାମ ରୌପ୍ୟ ମୁଦ୍ରାରେ ଏହି ପ୍ରତିକୃତୀ ଦିଲ୍ଲୀର ଏକ କମ୍ପାନୀ ତିଆରି କରିଛି। ଏହି ମୁଦ୍ରାରେ ଦେବୀଙ୍କ ରଙ୍ଗୀନ ଛବି ରହି ଓଡିଆ ଭାଷାରେ ଜୟ ମାଁ ସମଲେଇ ଲେଖାହୋଇଛି। ପ୍ରଥମ ପର୍ଯ୍ୟାୟରେ ୨ଶହ ଭକ୍ତଙ୍କ ସକାଶେ ମୁଦ୍ରା ଉପଲବ୍ଧ ରହିଛି। ଆଗକୁ ୧ଲକ୍ଷ ମୁଦ୍ରା ତିଆରି କରାଯିବ ବୋଲି ସେଙ୍କି ଜ୍ୱେଏଲରୀର ଅନ୍ୟତମ ସତ୍ତ୍ୱାଧିକାରୀ ତନୁ ବାଙ୍କା ସୂଚନା ଦେଇଛନ୍ତି।

# ଚାଲିଛି ଟିକସ ଫାଙ୍କି ଖଣିଜ କାରବାର

■ ଉଚ୍ଚ ଲୌହାଂଶକୁ ନିମ୍ନମାନର ଦର୍ଶାଇ ବିଦେଶକୁ ରପ୍ତାନି ବେଳେ ଧରାପଡ଼ିଲା
■ ୮କୋଟି ଟଙ୍କାର ଜରିମାନା ଲଗାଇଲା ଏକ୍ସାଇଜ୍ ଆଣ୍ଡ କଷ୍ଟମ ବିଭାଗ
■ ଅଧିକାରୀଙ୍କ ସହ ସଲାସୁତୁରାରେ ଚାଲିଛି କାରବାର

ଭୁବନେଶ୍ୱର (ବ୍ୟୁରୋ)/ ଯୋଡ଼ା (ଡି.ଏନ.ଏ.), ୭।୧୧



୨୦୧୦-୧୧ରେ ଓଡ଼ିଶାର ଖଣି ଦୁର୍ନୀତି ସାରା ଦେଶରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏମ୍.ବି. ଶାହ କମିଶନ ଓ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କେନ୍ଦ୍ରୀୟ କ୍ଷମତା ସମ୍ପନ୍ନ କମିଟି(ସିଇସି) ଉକ୍ତ ଖଣି ଦୁର୍ନୀତିର ତଦନ୍ତ କରିଥିଲେ। ତଦନ୍ତ ସମୟରେ ବିପୁଳ ପରିମାଣରେ ବେଆଇନ ଖଣି ଉତ୍ତୋଳନ କରାଯାଇଥିବା ଜଣାପଡ଼ିଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଖଣି ଖନନ କରିଥିବା ଲିଜ୍‌ଧାରୀମାନେ ଏଯାବତ୍ ରାଜ୍ୟ ସରକାରଙ୍କ ନିକଟରେ ୧୯ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ପଇଠ କଲେଣି। ଏହା ସତ୍ତ୍ୱେ ଖଣି କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥ ଚୋରି କରିବାରୁ ନିବୃତ୍ତ ହୋଇପାରୁ ନାହାନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା କରି ରାଜସ୍ୱ ଫାଙ୍କିବା ଉଦ୍ଦେଶ୍ୟରେ ଉଚ୍ଚ ଲୌହାଂଶ ଥିବା ପଥରକୁ ନିମ୍ନ ମାନର ଦର୍ଶାଇ ଚାରା ଚାଲାଣ କରାଯାଉଛି। କେବଳ ରାଜ୍ୟ କି ଦେଶ ମଧରେ ନୁହେଁ, ଏବେ ଏହି ଚୋରା କାରବାର ବିଦେଶକୁ ଲମ୍ବିଥିବା ଜଣାପଡ଼ିଛି।

ଗତ ୨୯ତାରିଖରେ ପାରାଦୀପ ବନ୍ଦରଠାରେ ଏକ୍ସାଇଜ ଓ କଷ୍ଟମ ବିଭାଗ ଏକ ରପ୍ତାନିକାରୀ ସଂସ୍ଥା ଉପରେ ଚଢ଼ାଉ କରି ୮.୦୭କୋଟି ଟଙ୍କାର ଜରିମାନା ଲାଗୁ କରିବା ପରେ କିପରି ଟିକସ ଫାଙ୍କି କରାଯାଇ ଖଣିଜ ପଥର ବିଦେଶକୁ ଚାଲାଣ ହେଉଛି ତାହାର ପର୍ଦ୍ଦାଫାଶ ହୋଇଛି।

ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପାରାଦୀପ ବନ୍ଦରଠାରେ ଏମ୍‌ଭି ମ୍ୟାଗନନ୍ ଫର୍ଚ୍ଚୁନ୍ ନାମକ ଏକ ଜାହାଜରେ ପ୍ରାୟ ୫୨ହଜାର ୦୫୧ମେଟ୍ରିକ୍ ଟନ୍ ଲୁହାପଥର ଗୁଣ୍ଡ ବୋଝେଇ ହୋଇଥିଲା। ଏହି ଲୁହାପଥରକୁ ବି.ଏସ୍. ମିନେରାଲ ନାମକ ଏକ ସଂସ୍ଥା ପକ୍ଷରୁ ରପ୍ତାନି କରାଯାଉଥିଲା। ଖବରପାଇ ଏକ୍ସାଇଜ୍ ଏବଂ କଷ୍ଟମ୍ସ ବିଭାଗ ପକ୍ଷରୁ ରପ୍ତାନିକାରୀ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଉକ୍ତ ଜାହାଜରେ ବୋଝେଇ ହୋଇଥିବା ଲୁହାପଥର ଗୁଣ୍ଡର ଟିକସ ଫାଙ୍କି ଘଟଣା ବିଭାଗ ଜାଣିବାକୁ ପାଇଥିଲା। ବିଭାଗ ପକ୍ଷରୁ ବୋଝେଇ ହୋଇଥିବା ଖଣିଜକୁ ଜବତ କରାଯିବା ସହ ୮,୦୭,୨୬,୩୧୪ ଟଙ୍କାର ଜରିମାନା ଏବଂ ୧ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଲାଗୁ କରାଯାଇଥିଲା। ପରେ ୫କୋଟି ୪୦ ଲକ୍ଷ ଟଙ୍କାର ବଣ୍ଡ ପାଇବା ପରେ ଉକ୍ତ ଜାହାଜକୁ ଗନ୍ତବ୍ୟସ୍ଥଳ ଅଭିମୁଖେ ଯିବା ପାଇଁ ଅନୁମତି ଦିଆଯାଇଥିଲା। ଏହି ଲୁହାପଥର ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳ ଓ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରୁ ପରିବହନ ହୋଇ ବିଦେଶ ରପ୍ତାନି ପାଇଁ ପାରାଦୀପ ବନ୍ଦରକୁ ଯାଇଥିଲା। ନିୟମ ଅନୁସାରେ ୫୭ ପ୍ରତିଶତରୁ ନିମ୍ନରେ ଥିବା ଲୌହାଂଶ ଖଣିଜକୁ ବିଦେଶକୁ ରପ୍ତାନିରେ କର ବା ଟିକସ ଲାଗୁ ହୋଇ ନ ଥାଏ। ୫୮ପ୍ରତିଶତରୁ ଉର୍ଦ୍ଧ୍ୱ ଲୌହାଂଶ ଯୁକ୍ତ ଖଣିଜ ରପ୍ତାନିରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ନିର୍ଦ୍ଧାରିତ ଖଣିଜ ମୂଲ୍ୟର ୩୦ ପ୍ରତିଶତ ରପ୍ତାନି କର ଦେବାକୁ ପଡ଼ିଥାଏ। ହେଲେ ଏଠାରେ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଉଚ୍ଚମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ବିଭିନ୍ନ ଖଣିରୁ ରପ୍ତାନି ହେଉଥିଲା ବୋଲି ଯାଞ୍ଚ ସମୟରେ ଜଣାପଡ଼ିଥିଲା। ତେବେ ବିଭିନ୍ନ ଖଣି ମଣ୍ଡଳରେ ଅବସ୍ଥାପିତ ଖଣି ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଖଣି ଅଧିକାରୀ, ଖଣି ନିରୀକ୍ଷକଙ୍କ ଅଗୋଚରରେ ଏଭଳି ଚଞ୍ଚକତା କିପରି ହେଉଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଖଣି ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ସନ୍ଦେହ ଘେରରେ ରଖିଛି। ଏନେଇ ଯୋଡ଼ାସ୍ଥିତ ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ପଚାରିବାରେ ସେ ଏହି ଘଟଣା ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ବେଆଇନ ଖଣିଜ କାରବାରର ଚେର କେନ୍ଦୁଝର ଠାରୁ ଉପାନ୍ତ ଅଞ୍ଚଳ ବଡବିଲ ପର୍ଯ୍ୟନ୍ତ ଲମ୍ବିଛି। ବଡବିଲରେ ଜଣେ ଅଣ ଓଡ଼ିଆ ବ୍ୟବସାୟୀ ଏଥିରେ ସମ୍ପୃକ୍ତ ଥିବା ନେଇ ଚର୍ଚ୍ଚା ହେଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବେଆଇନ ଖଣିଜ କାରବାରରେ ସମ୍ପୃକ୍ତ ଅଧିକାରୀଙ୍କ ମୁଖା ଖୋଲିବ ବୋଲି କୁହାଯାଉଛି।

## ଇୟରଫୋନ୍‌ରେ ଗୀତ ଶୁଣିବା ହେଲା କାଳ

### ଟ୍ରେନ୍ ଧକ୍କାରେ ଯୁବତୀଙ୍କ ମୃତ୍ୟୁ

ବିଷମକଟକ,୭।୧୧

ଇୟରଫୋନ୍‌ରେ ଗୀତ ଶୁଣିବା ହେଲା କାଳ। କାନରେ ଇୟରଫୋନ୍ ଲଗାଇ ରେଳ ଧାରଣାରେ ଚାଲି ଚାଲି ଯାଉଥିବା ଜଣେ ଯୁବତୀଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ସାନ ମଟକବାଡ଼ି ଗ୍ରାମରେ। ମୃତ ଯୁବତୀ ହେଲେ ସେହି ଗ୍ରାମର କୁମାରୀ ଗାଣ୍ଟା(୨୫)। କୁମାରୀ ଶୁକ୍ରବାର ସନ୍ଧ୍ୟାରେ ନିକଟସ୍ଥ ଲଟାଗୁଡ଼ା ଗ୍ରାମରୁ ନିଜ ଗାଁକୁ ଫେରୁଥିଲେ। ଗାଁ ନିକଟ ଦେଇ ଯାଇଥିବା ରେଳ ଧାରଣାରେ ସେ ଚାଲି ଚାଲି ଆସୁଥିଲେ। ହେଲେ କାନରେ ଇୟରଫୋନ୍ ଲଗାଇ ସେ ଗୀତ ଶୁଣି ଆସୁଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରେନ୍ ଯୁବତୀଙ୍କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଯୁବତୀଙ୍କ ମୃତଦେହ ରେଳଧାରଣା କଡ଼ରେ ପଡ଼ିଥିବା ଦେଖିଥିଲେ। ଖବର ପାଇ ଜିଆର୍‌ପି ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ୩ ଲକ୍ଷ ଟପିଲା ସଂକ୍ରମଣ

### ଦିନକରେ ୧,୩୭୨ ଆକ୍ରାନ୍ତ, ୧୭ ମୃତ

**ଭୁବନେଶ୍ୱର, ୭।୧୧(ବ୍ୟୁରୋ):** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ଟପିଯାଇଛି। ଗତ ୨୪ ଘଣ୍ଟାରେ ଆଉ ୧,୩୭୨ ପଜିଟିଭ୍ ଚିହ୍ନଟ ହେବାପରେ ସଂକ୍ରମଣ ୩,୦୦,୧୪୦ରେ ପହଞ୍ଚିଛି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୯,୭୪୩ଜଣ ଆକ୍ରାନ୍ତ ଥିବାବେଳେ କଟକ ୨୬,୭୪୫, ଗଞ୍ଜାମ ୨୧,୩୭୩, ପୁରୀ ୧୨,୯୧୦, ମୟୂରଭଞ୍ଜ ୧୧,୯୦୭, ସୁନ୍ଦରଗଡ଼ ୧୧,୬୮୨, ଯାଜପୁର ୧୧,୧୦୨ ଓ ବାଲେଶ୍ୱରରେ ୧୦,୬୭୮ ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ହଜାର ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୧,୧୦୪ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୧୪୫ଜଣ ଥିବାବେଳେ କଟକରୁ ୧୨୧ ଓ ନୂଆପଡ଼ାରୁ ୧୦୮ ଜଣ ରହିଥିବାବେଳେ ବୌଦ୍ଧ ଜିଲାରେ ସର୍ବନିମ୍ନ ୨ଜଣ ରହିଛନ୍ତି। ରାଜ୍ୟରେ ଏଯାବତ୍ ୪୮,୮୮,୫୦୯ ନମୁନା ପରୀକ୍ଷା ହୋଇଛି ସେଥିମଧ୍ୟରୁ ୬.୧୪% ପଜିଟିଭ୍ ବାହାରିଛି। ଶେଷ ଦିନକରେ ମଧ ୫୦,୩୮୫ ନମୁନା ପରୀକ୍ଷା ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ଅପରପକ୍ଷରେ କରୋନା ମୃତ୍ୟୁ ସଂଖ୍ୟା ପୁଣି ବଢ଼ିବାରେ ଲାଗିଛି। ରାଜ୍ୟରେ ଆଉ ୧୭ଜଣଙ୍କ ମୃତ୍ୟୁ ପରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୪୧୦କୁ ବୃଦ୍ଧି ପାଇଛି। ନୂଆ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩ଜଣ ଥିବାବେଳେ କଟକ, ମୟୂରଭଞ୍ଜ, ବରଗଡ଼ ଓ ସମ୍ବଲପୁରରୁ ୨ଜଣ ଲେଖାଏ, ପୁରୀ, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି, କୋରାପୁଟ, କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ୨୪୫ ମୃତ୍ୟୁ ସହ ଖୋର୍ଦ୍ଧା ଜିଲା ଶୀର୍ଷରେ ଥିବାବେଳେ ଦ୍ୱିତୀୟରେ ଥିବା ଗଞ୍ଜାମରେ ୨୩୧, ତୃତୀୟରେ କଟକ ୧୧୮ ଓ ଦେବଗଡ଼ରେ ସର୍ବନିମ୍ନ ୨ଜଣଙ୍କ ମୃତ୍ୟୁ ହୋଇଛି।

# ଆନନ୍ଦପୁରରେ ଜଳବିଦ୍ୟୁତ୍ ପ୍ରକଳ୍ପ ଲୋକାର୍ପିତ



ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନନ୍ଦପୁର ସିଂହନାଳୀରେ ବୈତରଣୀ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି।

■ ରାଜ୍ୟ ଗ୍ରୀଡ୍‌କୁ ବର୍ଷକୁ ୧୦୦ ନିୟୁତ ୟୁନିଟ୍ ବିଦ୍ୟୁତ୍ ମିଳିବ
■ ଜିଲା ଖଣିଜ ପାଣ୍ଠି କେବଳ ଲୋକଙ୍କ ପାଇଁ ଖର୍ଚ୍ଚ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ବ୍ୟୁରୋ)/ କେନ୍ଦୁଝର (ଡି.ଏନ୍.ଏ./ସ୍ୱ.ପ୍ର.), ୭।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଶନିବାର କେନ୍ଦୁଝର ଜିଲା ଆନନ୍ଦପୁର ସିଂହନାଳୀରେ ୧୨ ମେଗାୱାଟ୍‌ର ବୈତରଣୀ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲା ଖଣିଜ ପାଣ୍ଠିର ଟଙ୍କା ହେଉଛି ଲୋକଙ୍କର। ଏସବୁ ଟଙ୍କା କେବଳ ଲୋକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବ। କେନ୍ଦୁଝର ଜିଲାର ଉଭୟ ଦେଶ ଓ ରାଜ୍ୟ ଅର୍ଥନୀତିରେ ବିଶେଷ ଅବଦାନ ରହିଛି। କେନ୍ଦୁଝରରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଜିଲାର ସବୁ ରାସ୍ତାର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ମେଗା ପାନୀୟ ଜଳ ପ୍ରକଳ୍ପରେ ଜିଲାର ସବୁ ଘର, ଗାଁ ଓ ସହର ଅଞ୍ଚଳରେ ପାଇପ ପାଣି ଯୋଗାଇ ଦେବା ଲାଗି କାମ ଚାଲିଛି। ଲୋୟର ବୈତରଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହେଉଛି ସବୁଜ ଓ ପୁନଃ ବ୍ୟବହାରକ୍ଷମ ଶକ୍ତି କ୍ଷେତ୍ରର ଏକ ମାଇଲ ଖୁଣ୍ଟ। ଏହା ପରିବେଶ ଅନୁକୂଳ ଏବଂ ଏହି ପ୍ରକଳ୍ପରେ କେହି ଜଣେ ବି ବିସ୍ଥାପିତ ହୋଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏଭଳି ଅନେକ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ଓଡ଼ିଶା ପରିବେଶ ପରିବର୍ତ୍ତନ ଆହ୍ୱାନକୁ ଠିକ୍ ଭାବରେ ମୁକାବିଲା କରି ପାରିବ।

ବୈତରଣୀ ନଦୀ ଉପରେ ନିର୍ମିତ ଏହି ପ୍ରକଳ୍ପ ହାଇଦ୍ରବାଦସ୍ଥିତ ବୈତରଣୀ ପାୱାର ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱାରା ସ୍ଥାପନ କରାଯାଇଛି। ଏଥିରୁ ରାଜ୍ୟ ଗ୍ରୀଡ୍ ବର୍ଷକୁ ୧୦୦ ନିୟୁତ ୟୁନିଟ୍ ବିଜୁଳି ପାଇ ପାରିବ। ଏହାଦ୍ୱାରା ଆନନ୍ଦପୁର ଅଞ୍ଚଳର ଲୋକମାନେ ଉନ୍ନତମାନର ବିଜୁଳି ସୁବିଧା ପାଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟର କ୍ଷମତା ବଢ଼ିଛି। ଏହାଦ୍ୱାରା କେନ୍ଦୁଝର ଓ ସମଗ୍ର ଓଡ଼ିଶା ଉପକୃତ ହେବ। ଭବାନୀପାଟଣାରେ ଉପସ୍ଥିତ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ, ପିକ୍ ସମୟରେ ଗ୍ରୀଡ୍‌କୁ ଶକ୍ତି ଯୋଗାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ କେନ୍ଦୁରରେ ଉପସ୍ଥିତ କେନ୍ଦୁଝର ଏମ୍‌ପି, ଘସିପୁରା ବିଧାୟକ ଏବଂ ଆନନ୍ଦପୁର ବିଧାୟକ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଲୋୟର ବୈତରଣୀ ପାୱାର ପ୍ରକଳ୍ପର ପରିଚାଳନା ନିର୍ଦ୍ଦେଶକ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦୁଝର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ।

## ଯୁବକଙ୍କୁ ହତ୍ୟା, ସାବତ ମା' ଅଟକ

ରଣପୁର,୭।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଗୁଣ୍ଡୁରାବାଡ଼ି ନିକଟ ସାତଭାୟା ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ଅଧାପୋଡ଼ା ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯୁବକଙ୍କୁ କେହି ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିବା ସ୍ପଷ୍ଟ ହେଉଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ବଳଭଦ୍ର ବଳିଆରସିଂ (୨୮), ଘର ଇଟାମାଟି ଥାନା ଭୂତଡିହି ଗାଁରେ। ଖବର ପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଛିଟା ନମୁନା ସଂଗ୍ରହ ସହ ଏକ ଖାଲି ବୋତଲ ଓ ଚପଲ ଜବତ କରିଛି। ବଳଭଦ୍ରଙ୍କ ମାମୁ ତ୍ରିଲୋଚନ ପ୍ରଧାନଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୩୦୨, ୨୦୧ରେ ଏକ ମାମଲା (ନଂ.୩୦୯/୨୦) ରୁଜୁ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ତାଙ୍କ ସାବତ ମା'ଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛି। ସୂଚନା ଅନୁସାରେ ଭୂତଡିହି ଗାଁର ବଳଭଦ୍ର ଭୁବନେଶ୍ୱରରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ଗୁରୁବାର ଗାଁକୁ ଆସି ଫେରିଯାଇଥିଲେ। ତାଙ୍କ ସାବତ ମା' ବସ୍ ନିକଟକୁ ଛାଡ଼ିବାକୁ ଯାଇଥିଲେ। ହେଲେ ପରେ ବଳଭଦ୍ର ଭୁବନେଶ୍ୱରରେ ପହଞ୍ଚି ନ ଥିବା ଜଣାପଡିଥିଲା। ତାଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ହତ୍ୟାକାଣ୍ଡରେ ସାବତ ମା' ଓ ତାଙ୍କ ପ୍ରେମିକଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

# ବାଲେଶ୍ୱରରୁ କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ

■ ହୋଟେଲ ନିକଟରେ ଚାଲିଥିଲା ଡିଲ୍
■ ୩ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍, ଜେଲ୍ ଗଲେ

ଭୁବନେଶ୍ୱର,୭।୧୧(ବ୍ୟୁରୋ)/ ବାଲେଶ୍ୱର ଅଫିସ

ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଛି ବାଲେଶ୍ୱର ଜିଲା। ଏଠାରୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ବ୍ରାଉନସୁଗାର ଚୋରା ଚାଲାଣ ହେଉଥିବାରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବେ ବାଲେଶ୍ୱରର ବ୍ୟବସାୟୀଙ୍କୁ ଟାର୍ଗେଟ କରିଛି। ଶୁକ୍ରବାର ମଧ୍ୟରାତିରେ ସହଦେବଖୁଣ୍ଟାସ୍ଥିତ ଏକ ହୋଟେଲ ନିକଟରେ ଚଢ଼ାଉ କରି ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସହଦେବଖୁଣ୍ଟା ଅଞ୍ଚଳର ସେକ୍ ଜମ୍ବିର, ପ୍ରଭାତ ସେଠୀ ଓ ଯଶବନ୍ତ ବାଗ୍। ସେମାନଙ୍କଠାରୁ ୧କେଜି ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ୮୫ହଜାର ଟଙ୍କା, ଏଟିଏମ୍ କାର୍ଡ, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡିଛି।

ପୋଲିସ ସୂଚନା ମୁତାବକ, ସହଦେବଖୁଣ୍ଟାର ଏକ ହୋଟେଲରେ ବ୍ରାଉନସୁଗାର କାରବାର ଚାଲିଥିବାନେଇ ଏସ୍‌ଟିଏଫ୍ ନିକଟରେ ଗୋଇନ୍ଦା ଖବର ପହଞ୍ଚିଥିଲା। ହୋଟେଲ କଡ଼ରେ ବ୍ରାଉନ୍‌ସୁଗାର ଡିଲ୍ ଚାଲିଥିବାବେଳେ ଏସ୍‌ଟିଏଫ୍ ଓ ବାଲେଶ୍ୱର ପୋଲିସ ଟିମ୍ ଚଢାଉ କରିଥିଲା। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ. ୨୮/୨୦୨୦) ରୁଜୁ ହେବା ସହ ଗିରଫ ୩ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ବାଲେଶ୍ୱର ଜିଲା ଦୌରା ଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବାଂଲାଦେଶରୁ କୋଲକାତା ଓ ଜଳପଥ ଦେଇ ଓଡ଼ିଶାକୁ ବ୍ରାଉନସୁଗାର ଆସୁଛି। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ବ୍ରାଉନସୁଗାର ମାଫିଆମାନେ ବାଲେଶ୍ୱରରେ ଆଡ୍ଡା ଜମାଇ ଖୁଲମ୍‌ଖୁଲା ଏହାର ଡିଲରଶିପ୍ କରୁଛନ୍ତି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବାଲେଶ୍ୱରଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ବାରମ୍ବାର ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଜବତ କରିବା ସହ ଡିଲର, ଏଜେଣ୍ଟ ଓ ବ୍ୟବସାୟୀଙ୍କୁ ଗିରଫ କରିଛି। ଚଳିତ ବର୍ଷ କ୍ରାଇମବ୍ରାଞ୍ଚରେ ୨୫ଟି ମାମଲା ରୁଜୁ ହୋଇଥିବାବେଳେ ୪୭ ଜଣ ଗିରଫ ହୋଇଛନ୍ତି ଓ ୨୩ କେଜି ୨୭୩ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏହା ସତ୍ତ୍ୱେ ବ୍ରାଉନସୁଗାର ଚୋରା ଚାଲାଣକୁ ରୋକାଯାଇପାରୁନାହିଁ ଓ ମାଫିଆମାନେ ସ୍ଥାନୀୟ ପୋଲିସର ସହଯୋଗରେ ଚତୁରତାର ସହ ଏହି ବେଆଇନ ବ୍ୟବସାୟ ଜାରି ରଖିଛନ୍ତି।

# ପଶ୍ଚିମବଙ୍ଗର ସୀମା ଦଖଲ ଉଦ୍ୟମ

ଭୋଗରାଇ,୭।୧୧(ଡି.ଏନ.ଏ.)


ଓଡ଼ିଶା ସୀମାନ୍ତ ସାହାବାଜିପୁର ଗାଁ ଅନୁଧ୍ୟାନ କଲେ ବିଧାୟକ ଓ ପ୍ରଶାସନ।

■ ଦୁଇ ରାଜ୍ୟ ସୀମାନ୍ତବାସୀ ମୁହାଁମୁହିଁ
■ ୮ ଥର ସୀମା ଲଙ୍ଘିଛି ପଶ୍ଚିମବଙ୍ଗ

ଦୀର୍ଘ ଅଢେଇବର୍ଷ ନୀରବତା ପରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ ପୁଣି ମୁଣ୍ଡ ଟେକିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଗ୍ରାମ ସାହାବାଜିପୁର ଗ୍ରାମ୍ୟ ଜଙ୍ଗଲକୁ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଶୁକ୍ରବାର ରାତିଅଧିଆ ବେଆଇନ ଭାବେ ଦଖଲ କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ସେମାନେ ଜେସିବି ଲଗାଇ ମୂଲ୍ୟବାନ ଗଛକୁ ଓପାଡି ପକାଇଛନ୍ତି। ଶନିବାର ସାହାବାଜିପୁର ଗ୍ରାମବାସୀ ଏ ସମ୍ପର୍କରେ ପ୍ରଶାସନକୁ ଜଣାଇବା ପରେ ଜେସିବି ମେଶିନ ନେଇ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଶନିବାର ଭୋଗରାଇ ବିଧାୟକ ଅନନ୍ତ ଦାସ, ତହସିଲଦାର କମଳାକାନ୍ତ ପଣ୍ଡା, ତାଳସାରୀ ମେରାଇନ ଥାନା ଅଧିକାରୀ ହେମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ତପନ କୁମାର ପଣ୍ଡା, ଅରୁଣ କୁମାର ଗିରି, ଜିଲାପରିଷଦ ସଦସ୍ୟ ଦେବାଶିଷ ଚାନ୍ଦ ପ୍ରମୁଖ ଘଟଣାସ୍ଥଳ ଅନୁଧ୍ୟାନ କରି ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

୨୦୨୧ ମାର୍ଚ୍ଚରେ ପଶ୍ଚିମବଙ୍ଗରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ସୁଶ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ ସରକାର ସୀମାନ୍ତରେ ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ଓଡ଼ିଶା ମାଟିକୁ କୌଶଳକ୍ରମେ ଦଖଲ କରିବାକୁ ପ୍ରୟାସ କରିଛନ୍ତି। ୨୦୧୮ ଅଗଷ୍ଟ ୨୮ରେ ଉଦୟପୁରଠାରେ ପଶ୍ଚିମବଙ୍ଗ ସରକାରଙ୍କ ସେଚବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ହୋର୍ଡିଂକୁ ବାଲେଶ୍ୱର ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରି ଜେସିବି ଲଗାଇ ଭାଙ୍ଗି ଚୁରମାର୍ କରିଦେଇଥିଲା। ଦୀର୍ଘବର୍ଷ ପରେ ପୁଣି ପଶ୍ଚିମବଙ୍ଗ ପ୍ରଶାସନ ପୁଣି ଉଦ୍ୟମ ଆରମ୍ଭ କରିଛି। ୧୯୭୮ରୁ ଅଦ୍ୟାବଧି ୮ଥର ପଶ୍ଚିମବଙ୍ଗ ସରକାର ଓଡ଼ିଶା ସୀମାକୁ ଲଙ୍ଘନ କରିଆସିଛି। ଏ ସମ୍ପର୍କରେ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାସ କହିଛନ୍ତି, ସାହାବାଜିପୁର ଗ୍ରାମ ଓଡ଼ିଶାର ଥିଲା, ଅଛି ଓ ରହିବ ମଧ୍ୟ। ଓଡ଼ିଶାର ଇଞ୍ଚେ ମାଟି ଅକ୍ତିଆର କରିବାକୁ କାହାକୁ ଦେବୁ ନାହିଁ। ଏଥିପାଇଁ ପ୍ରଶାସନିକ କଳ ସତର୍କ ରହିଛି। ଯଦି କେହି ଏପରି କରିବାକୁ ଚେଷ୍ଟା କରନ୍ତି ପ୍ରଶାସନ ଓ ସୀମାନ୍ତବାସୀ କଡ଼ା ଜବାବ ଦେବାକୁ ବାଧ ହେବେ। ଏ ବିଷୟରେ ସେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

# ୭୦ଲକ୍ଷର ବାଣ ଜବତ, ୩ ଗିରଫ

## ବେଆଇନ ବାଣ କାରଖାନାରେ ଚଢ଼ାଉ

ଆସିକା,୭।୧୧(ଡି.ଏନ୍.ଏ.)


ଗ୍ରାମରୁ ଜବତ ବାଣ ଓ ବାରୁଦ।

ଆସିକା-ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥ ପାର୍ଶ୍ୱ ନଳବଣ୍ଟା ଗ୍ରାମରେ ଚାଲିଥିବା ବେଆଇନ ବାଣ କାରଖାନା ଉପରେ ଶନିବାର ଆସିକା ପୋଲିସ ଚଢ଼ାଉ କରିଥିଲା। ସେଠାରୁ ବିକ୍ରି ଲାଗି ଥିବା ବହୁ ପରିମାଣର ବାଣ ଓ ବାଣ ତିଆରି ସରଞ୍ଜାମ ଜବତ କରାଯାଇଛି। ଜବତ ବାଣ ଓ ବାଣତିଆରି ସାମଗ୍ରୀର ମୂଲ୍ୟ ପ୍ରାୟ ୭୦ଲକ୍ଷ ଟଙ୍କା ହେବବୋଲି ଆକଳନ କରାଯାଇଛି। ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବେଆଇନ ବାଣ କାରଖାନା ଚାଲିଥିବାବେଳେ ଗାଁ ଭିତର ଗୋଦାମରେ ଗଚ୍ଛିତ ରଖାଯାଇଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୨ଜଣ ଫେରାର ହୋଇଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫମାନେ ହେଲେ ଲବ ବେହେରା, ଜିତୁ ପ୍ରଧାନ ଓ ରଞ୍ଜନ ପ୍ରଧାନ। ଜବତ ବାଣ ମଧ୍ୟରେ ଉଚ୍ଚଶବ୍ଦ ସୃଷ୍ଟିକାରୀ ବମ୍ ଓ ତାଳଫୋଟକା ସହ କୁମ୍ଭି, ମଥାପି, ଚକ୍ରି, ମରକୁରି ଟର୍ଚ୍ଚ, ଝରି, ଟେଙ୍ଗା ଏବଂ ଆକାଶ ଦୀପ ରହିଛି। ବାଣ ପ୍ରସ୍ତୁତି ସରଞ୍ଜାମ ମଧ୍ୟରେ ଗନ୍‌ପାଉଡର, ନାଇଟ୍ରୋଜେନ ପାଉଡର, ସଲ୍‌ଫର ପାଉଡର, କୋଇଲା, ଲୁହାପାଇପ, ତାଳପତ୍ର ଓ ବିସ୍ଫୋରକ ସାମଗ୍ରୀ ରହିଛି। ଜବତ ସାମଗ୍ରୀକୁ ୮ଟି ମିନିଟ୍ରକରେ ଆଣି ଆସିକା ଥାନାରେ ରଖାଯାଇଛି। ଥାନାରେ ପ୍ରଶିକ୍ଷଣରେ ଥିବା ଆଇପିଏସ୍ ଅଧିକାରୀ ରାଘବେନ୍ଦ୍ର ଗୁଣ୍ଡାଲାଙ୍କ ନେତୃତ୍ୱରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ସଦାନନ୍ଦ ସେଠୀ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଚଢାଉରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ, ଉଚ୍ଚଶବ୍ଦ ସୃଷ୍ଟିକାରୀ ଓ ରଙ୍ଗବେରଙ୍ଗର ବାଣ ପ୍ରସ୍ତୁତି ଲାଗି ନଳବଣ୍ଟାର ସ୍ୱତନ୍ତ୍ର ପରିଚୟ ରହିଛି। ଗ୍ରାମରେ ପୁରୁଷାନୁକ୍ରମେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ବାଣ ପ୍ରସ୍ତୁତ କରିଥାନ୍ତି। ବର୍ଷସାରା ବିଭିନ୍ନ ପୂଜାପାର୍ବଣ, ବାହାଘର ଓ ଯାତ୍ରା ଲାଗି ଜିଲାର ବିଭିନ୍ନ ସ୍ଥାନ ଓ ଜିଲା ବାହାରକୁ ନଳବଣ୍ଟାରୁ ବାଣ ଯାଇଥାଏ। ଦୀପାବଳି ବେଳେ ଚାହିଦା ଅଧିକ ଥିବାରୁ ଘର ବାରିପଟ ପରିତ୍ୟକ୍ତ ସ୍ଥଳ ଓ ଋଷିକୁଲ୍ୟା ନଦୀପଠାରେ ଅସ୍ଥାୟୀ କୁଡିଆ କରି ବାଣ ପ୍ରସ୍ତୁତ ହୋଇଥାଏ। ବିଭିନ୍ନ ସମୟରେ ବାଣ ପ୍ରସ୍ତୁତି ବେଳେ ଏଠାରେ ବିସ୍ଫୋରଣ ଘଟି ଧନଜୀବନ ମଧ୍ୟ ହାନି ହୋଇଛି। ପୋଲିସ ପ୍ରତ୍ୟେକ ବର୍ଷ ଦୀପାବଳି ପୂର୍ବରୁ ଏହି ବାଣ କାରଖାନା ଉପରେ ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରି ଆସୁଥିଲେ ମଧ୍ୟ ଏହା ଉପରେ ଅଙ୍କୁଶ ଲାଗିପାରୁନାହିଁ।

## ବଟି ମାଗି ଜଣେ ଗିରଫ

ଡେଲାଙ୍ଗ(ଡି.ଏନ୍.ଏ.): ଦାଦାବଟି ମାଗିବା ଘଟଣାରେ ଡେଲାଙ୍ଗ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ହରିରାଜପୁର ଗ୍ରାମର ବିଶ୍ୱଜିତ ସାମାନ୍ତରାୟ। ହରିପୁର ରେଳ ଷ୍ଟେଶନ ନିକଟରେ ଜଣେ ଠିକାଦାର ଲୋକ ଲଗାଇ କାମ କରୁଥିବା ବେଳେ ବିଶ୍ୱଜିତ ପହଞ୍ଚି ତାଙ୍କୁ ୧୦ହଜାର ବଟି ମାଗିଥିଲେ। ବଟି ନ ଦେଲେ କାମ ବନ୍ଦ କରିବା ପାଇଁ ଧମକ ଦେଇଥିଲେ। ଏ ନେଇ ଠିକାଦାର ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୧୯୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### କଣାସ ସମିତି ଅଧକ୍ଷ ହେଲେ ସାଗର ବେହେରା

**କଣାସ,୭।୧୧(ଡି.ଏନ୍.ଏ./ସ୍ୱ.ପ୍ର.):** କଣାସ ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ଶୁକ୍ରବାର ଉପନିର୍ବାଚନ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ବିଜେଡି ସମର୍ଥିତ ପ୍ରାଥୀ ବଡ଼ାସ ପଞ୍ଚାୟତ ସମିତିସଭ୍ୟ ସାଗର ବେହେରା ଅଧକ୍ଷ ପଦ ପାଇଁ ଏକମାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ନିର୍ବାଚନ ଅଧିକାରୀ ତଥା କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ବିଡିଓ ଲୋଚନ ଦାସ, ଅତିରିକ୍ତ ତହସିଲଦାର ସହଦେବ ସାହୁ, କଣାସ ଥାନାଧିକାରୀ ତପନ ରାଉତ ନିର୍ବାଚନ ଅଧିକାରୀ ଭାବେ ସହଯୋଗ କରିଥିବାବେଳେ ଡେଲାଙ୍ଗ ଅତିରିକ୍ତ ତହସିଲଦାର ରଞ୍ଜନ ନାୟକ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସେଠୀଙ୍କ ଇସ୍ତଫା ଦେବା ପରେ ଏହି ଉପନିର୍ବାଚନ ହୋଇଥିଲା। ତେବେ ବିଜୟୀ ପରେ ସାଗର ପଦଯାତ୍ରାରେ କୁଶେଶ୍ୱରୀ ଓ ପଞ୍ଚମୁଖୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ।

### ୩୦ ଖବରଦାତା ସମ୍ବର୍ଦ୍ଧିତ

**ପୁରୁଣାଭୁବନେଶ୍ୱର,୭।୧୧(ଡି.ଏନ୍.ଏ.):** କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କୋରାପୁଟ ଭବନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଏଥିରେ ଲୁଲୁସେନା ସଭାପତି ରାଜେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଲୁଲୁଙ୍କ ସ୍ମୃତିଚାରଣ କରିଥିଲେ। ପରେ ୩୦ଜଣ ଖବରଦାତାଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ କରୋନା ଯୋଦ୍ଧାଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଜପା ନେତା ଅମିୟ ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଯୁବ କଂଗ୍ରେସ ନେତା ମନ୍ମଥ ରାଉତରାୟ ଉପସ୍ଥିତ ଥିଲେ। ସତ୍ୟଜିତ୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ସତ୍ୟ ନାରାୟଣ ମିଶ୍ର ଜାତୀୟ ଅଭିଲେଖାଗାର ଆଞ୍ଚଳିକ ଶାଖା ମୁଖ୍ୟ

**ଭୁବନେଶ୍ୱର,୭।୧୧(ବ୍ୟୁରୋ):** କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ନୂଆଦିଲ୍ଲୀସ୍ଥିତ ଜାତୀୟ ଅଭିଲେଖାଗାରର ଭୁବନେଶ୍ୱର(ପୂର୍ବଭାଗ) ଶାଖାର ମୁଖ୍ୟଭାବେ ଡ. ସତ୍ୟ ନାରାୟଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ଏଠାରେ ଅଭିଲେଖ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ଡ. ମିଶ୍ର ଏବେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବ ଭାରତର ୧୨ ରାଜ୍ୟର ଅଭିଲେଖ ସମ୍ବନ୍ଧୀୟ କାର୍ଯ୍ୟ ଏହି ଶାଖା ବହନ କରୁଥିବାବେଳେ ମିଶ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

### ଭର୍ଚୁଆଲ ଫେଷ୍ଟ ଜିଭମ-୨୦୨୦ ଉଦ୍‌ଘାଟିତ

ଭୁବନେଶ୍ୱର,୭।୧୧: କଲେଜ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ବାୟୋ-ଟେକ୍ନୋଲୋଜି ବିଭାଗ ଓ ବାୟୋଜ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଭର୍ଚୁଆଲ ଫେଷ୍ଟ ଜିଭମ-୨୦୨୦ ଗତ ଗୁରୁବାର ଉଦ୍‌ଘାଟିତ ହୋଇଛି। ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ଡ. ରଞ୍ଜନ କୁମାର ପ୍ରଧାନ ଏବଂ ବାୟୋଜ କ୍ଲବ୍‌ର ପରାମର୍ଶଦାତା ପ୍ରଫେସର ଡ. ସୁରଜ କୁମାର ନାୟକଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯାଇଥିଲା। ଅଧାପକ ବିଘ୍ନେଶ୍ୱର ବଳିୟାରସିଂ ଓ ଅଧାପିକା ସୋନାଲି ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏଭଳି ଏକ ଫେଷ୍ଟର ଆୟୋଜନକୁ ପୁରାତନ ଛାତ୍ର ସଂସଦ ସଭାପତି ଶିବପ୍ରସାଦ ପଣ୍ଡା ପ୍ରଶଂସା କରିଥିଲେ। ଛାତ୍ରୀ ରିଶିକ୍ରିଷ୍ଣା ପରିଚାଳନା କରିଥିଲେ। ଫେଷ୍ଟ ଉପଦେଷ୍ଟା ମୃତ୍ୟୁଞ୍ଜୟ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଗଣଶିକ୍ଷା ମନ୍ତ୍ରୀଙ୍କ ବିଦ୍ୟାଳୟ ପରିଦର୍ଶନ

**ବାଲିପାଟଣା,୭।୧୧(ଡି.ଏନ୍.ଏ.):** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ବାଲିପାଟଣା ବ୍ଲକ ଅନ୍ତର୍ଗତ ଧାନହରା, କୁଶଭଦ୍ରା ଓ ଅଠାନ୍ତର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଦାଶ ପୋଷଣ ଉଦ୍ୟାନ ସ୍ଥିତି ବୁଲି ଦେଖିବା ସହ ଚାରା ରୋପଣ କରିଥିଲେ। ସ୍ଥାନୀୟ ବିଧାୟକ ଅରବିନ୍ଦ ଢାଲି, ପଞ୍ଚାୟତ ସମିତି ଅଧକ୍ଷ ମନୀଷା ଚୌଧୁରୀ, ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଏବିଓ ଅଜୟ କୁମାର ସାହୁ, ପ୍ରତାପ ପ୍ରଧାନ, ଶିକ୍ଷକ ସଂଘ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

# ମାସେ ପରେ ବି ଆସୁନି ସତ

## ପେଟ୍ରୋଲ ପମ୍ପ ବିସ୍ଫୋରଣ



ଭୁବନେଶ୍ୱର,୭।୧୧ (ବ୍ୟୁରୋ)

ରାଜଭବନ ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାକୁ ଇତିମଧ୍ୟରେ ମାସେ ପୂରିଛି। ହେଲେ ଏଯାଏ ଏହି ଲୋମଟାଙ୍କୁରା ଘଟଣାର କାରଣ ଅସ୍ପଷ୍ଟ ରହିଥିବାବେଳେ ଚାଲିଥିବା ତଦନ୍ତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଅକ୍ଟୋବର ୭ ମଧ୍ୟାହ୍ନରେ ପେଟ୍ରୋଲ ପମ୍ପର ସିଏନ୍‌ଜି ୟୁନିଟ୍‌ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏଥିସହ ଉକ୍ତ ୟୁନିଟ୍ ଧ୍ୱଂସ ହୋଇଯାଇଥିବାବେଳେ ସମେତ ପେଟ୍ରୋଲ ପମ୍ପ, ସେଠାରେ ଥିବା ଗାଡ଼ି, ଆଖପାଖ ଘର ଓ ଦୋକାନ କ୍ଷତିଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳ ଓ ଚାରିପାଖରେ ମାଂସ, ହାଡ ଛିନ୍ନଛତର ହୋଇପଡିଥିବାରୁ ଏଥିରେ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିଲା। ପ୍ରଥମେ ଚିକିତ୍ସାଧୀନ ଅବସ୍ଥାରେ ଜଣେ କର୍ମଚାରୀଙ୍କର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଜବତ ମାଂସ ଓ ହାଡ଼ କାର୍ଯ୍ୟରତ କର୍ମଚାରୀ ତଥା ଇଞ୍ଜିନିୟର ସୀମାଞ୍ଚଳ ପରିଡ଼ାଙ୍କର ବୋଲି ଡିଏନ୍ଏ ଟେଷ୍ଟରୁ ଜଣାପଡିଥିଲା। ତେବେ କେଉଁ କାରଣରୁ ଓ କାହାର ଅବହେଳାରୁ ଏପରି ଭୟଙ୍କର ବିସ୍ଫୋରଣ ଘଟି ଏକାଧିକ ଜୀବନ ଗଲା ଏବଂ ଘଟଣାସ୍ଥଳରେ କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ ତାହା ଏଯାଏ ପଦାକୁ ଆସିଲା ନାହିଁ। ଘଟଣା ସମୟର ସମସ୍ତ ତଥ୍ୟ ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡଡିସ୍କରେ ରହିଛି। ଏହାର କପି ବରିଷ୍ଠ ପୋଲିସ ଅଧିକାରୀଙ୍କ ପାଖକୁ ପଠାଯାଇଛି। ସାଇଣ୍ଟିଫିକ ଟିମ୍ ଓ ଏକ୍ସପ୍ଲୋସିଭ ଡିପାର୍ଟମେଣ୍ଟ ପକ୍ଷରୁ ମିଳିଥିବା ତଥ୍ୟ ଆଧାରରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା ଦେଉଥିବାରୁ ଏହାକୁ ସହରବାସୀ ସହଜରେ ଗ୍ରହଣ କରୁନାହାନ୍ତି। ତେଣୁ କେତେକ ସଂଗଠନ ଘଟଣାର ସିବିଆଇ ତଦନ୍ତ ଦାବି କରୁଛନ୍ତି। ତେଣୁ ଖାକିରୁ ଦାଗ ହଟାଇବା ପାଇଁ କମିଶନରେଟ ପୋଲିସ ଉକ୍ତ ବିସ୍ଫୋରଣର ସତ୍ୟ ସାମ୍ନାକୁ ଆଣି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ବନ୍ଧୁକ ଯୋଗାଣକାରୀ ଗିରଫ

## ରାଜଧାନୀରେ ବ୍ୟାଙ୍କ୍ ଲୁଟ ଘଟଣା

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଓ ଇନ୍‌ଫୋସିଟି ଥାନା ନନ୍ଦନବିହାରସ୍ଥିତ ବ୍ୟାଙ୍କରୁ ବନ୍ଧୁକ ମୁନରେ ଟଙ୍କା ଲୁଟିଥିଲେ ସୌମ୍ୟ ରଞ୍ଜନ। ପୂର୍ବରୁ ପୋଲିସ ସୌମ୍ୟ ରଞ୍ଜନଙ୍କୁ ଗିରଫ କରିଥିବାବେଳେ ତାଙ୍କୁ ବନ୍ଧୁକ ଯୋଗାଇଥିବା ଅଭିଯୁକ୍ତ ଶୁକ୍ରବାର ଗିରଫ ହୋଇଛନ୍ତି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଟାଙ୍ଗୀବନ୍ଧ ଅଞ୍ଚଳର ରଞ୍ଜନ ଭୋଇ ଓରଫ ରାନ୍ଦୁ। ପୋଲିସ ତାଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ପ୍ରଥମେ ସେପ୍ଟେମ୍ବର ୭ରେ ଅଭିଯୁକ୍ତ ସୌମ୍ୟ ରଞ୍ଜନ ଇନ୍‌ଫୋସିଟି ଥାନା ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ପଶି କର୍ମଚାରୀଙ୍କ ମୁଣ୍ଡରେ ଏୟାର ଗନ୍ ଲଗାଇ ୨ଲକ୍ଷ ୮୦ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଲୁଟ୍‌ରେ ସଫଳ ହେବା ପରେ ସୌମ୍ୟ ରଞ୍ଜନ ଦ୍ୱିତୀୟ ଲୁଟ କରିବା ପାଇଁ ସ୍ଥିର କରିଥିଲେ। ସେ ବରିମୁଣ୍ଡ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଲୁଟ୍ ପାଇଁ ଯୋଜନା କରିଥିଲେ। ପ୍ରଥମ ବ୍ୟାଙ୍କ୍ ଲୁଟ୍ ଟଙ୍କାରୁ ସେ ୭୧ ହଜାର ଦେଇ ଅସଲି ବନ୍ଧୁକ କିଣିଥିଲେ। ପରେ ଗୋଟିଏ ହାତରେ ଅସଲି ଓ ଅନ୍ୟ ହାତରେ ନକଲି ବନ୍ଧୁକ ଧରି ୧୦ ଲକ୍ଷ ଲୁଟି ନେଇଥିଲେ। ତେବେ ସୌମ୍ୟ ରଞ୍ଜନ ଗିରଫ ହେବା ପରେ ସେ ମଞ୍ଚେଶ୍ୱରର ରଞ୍ଜନଙ୍କଠାରୁ ବନ୍ଧୁକ କିଣିଥିବା ପୋଲିସକୁ କହିଥିଲେ। ତେବେ ରଞ୍ଜନଙ୍କୁ ପୋଲିସ ଗିରଫ କରିବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କ ଉପରେ କଡ଼ା ନଜର ରଖିଥିବାବେଳେ ଶୁକ୍ରବାର ଆଉ ଖସି ପାରି ନ ଥିଲେ।

# ଜମି ବିବାଦ: ଥାନା ଆଗରେ ଧାରଣା

ବାରଙ୍ଗ,୭।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ରଘୁନାଥପୁର ଅଞ୍ଚଳରେ ଏକ ଜମିବାଡ଼ି ବିବାଦ ନେଇ ସ୍ଥାନୀୟ ସରପଞ୍ଚ ଗ୍ରାମର ମିଳି ରାଉତ ଓ ତାଙ୍କ ବଡ଼ ଭଉଣୀ ସସ୍ମିତା ଦାସଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଉଭୟେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶନିବାର ମିଳି ଓ ତାଙ୍କ ବଡ଼ ଭଉଣୀ ଶତାଧିକ ମହିଳାଙ୍କୁ ନେଇ ଥାନା ଆଗରେ ଧାରଣା ଦେଇଥିଲେ। ପ୍ରାୟ ୨ଘଣ୍ଟା ପରେ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ସରପଞ୍ଚଙ୍କ ନାଁରେ ମାମଲା ରୁଜୁ କରି ଏଫଆଇଆର କପି ଦେବା ପରେ ଧାରଣାରୁ ଓହରିଥିଲେ। ଏ ନେଇ ପୋଲିସ ନଂ.୮୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରଘୁନାଥପୁର ମୌଜାରେ ଥିବା ଏକ ଜାଗାକୁ ମିଳି ଓ ତାଙ୍କ ଭଉଣୀର ସତ୍ୱ ଥିବା ଦର୍ଶାଇ କୋର୍ଟରୁ ରହିତାଦେଶ ଆଣିଛନ୍ତି। କିନ୍ତୁ ଏ ଜାଗାକୁ କିଣିଥିବା ବ୍ୟକ୍ତି ସେଠାରେ କାମ ଆରମ୍ଭ କରୁଥିବା ବେଳେ ବିବାଦ ଉପୁଜିଥିଲା। ଏ ସଂକ୍ରାନ୍ତରେ ଦୁଇ ଭଉଣୀ ଗତ ୨ ତାରିଖରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ ହେଉଥିବା କାର୍ଯ୍ୟକୁ ବନ୍ଦ କରି ନ ଥିଲା। ଗତ ୬ତାରିଖ ଦ୍ୱିପ୍ରହରରେ ମିଳି ଉକ୍ତ ଜାଗାକୁ ଦେଖିବାକୁ ଯାଇଥିବା ବେଳେ ସରପଞ୍ଚ ତାଙ୍କୁ ଦୁର୍ବ୍ୟବହାର କରିଥିବାରୁ ପୁଣି ଅଭିଯୋଗ କରିଥିଲେ। କିନ୍ତୁ ଥାନାଧିକାରୀ ମାମଲା ରୁଜୁ ନ କରିବା ସହ ଅଭିଯୋଗ ପତ୍ରର ନକଲ ମଧ୍ୟ ଦେଇ ନ ଥିଲେ। ଫଳରେ ଶନିବାର ୨ ଭଉଣୀ ଥାନା ଘେରାଉ କରିବା ସହ ସରପଞ୍ଚଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଦାବି କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

# ପାପନାସିନୀ କୁଣ୍ଡ ନିକଟରୁ ଉଚ୍ଛେଦ ଆରମ୍ଭ

ପୁରୁଣା ଭୁବନେଶ୍ୱର, ୭।୧୧(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ବିକାଶ କାର୍ଯ୍ୟ ଜାରି ରହିଥିବାବେଳେ ଶନିବାର ପାପନାସିନୀ କୁଣ୍ଡର ପୂର୍ବ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣକୁ ବିଏମ୍‌ସି ଓ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେଠାରେ ଥିବା ଏକ ଗୃହକୁ ଭାଙ୍ଗିବା ପୂର୍ବରୁ ଜନ୍ମେଜୟ କରଙ୍କ ପରିବାର ବିରୋଧ କରିଥିଲେ। ଏକାମ୍ର ଜନଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଅନେକ ଲୋକେ ଉପସ୍ଥିତ ଥିଲେ। ଏଠାରେ ୬୨ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ରହୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଶାସନ ଥଇଥାନ ନ କରି ଏବଂ କ୍ଷତିପୂରଣ ନ ଦେଇ ଘର ଭାଙ୍ଗୁଥିବାରୁ ଉତ୍ତେଜନା ଦେଖାଦେଇଥିଲା। ପରେ ଭୁବନେଶ୍ୱର ଏଡିଏମ୍, ପୋଲିସ ପ୍ରଶାସନିକ ଉଚ୍ଚ ଅଧିକାରୀ, ମିଳିତ ଉଚ୍ଛେଦ ଟିମ୍‌ର ଅଧିକାରୀମାନେ ପହଞ୍ଚି କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା।



ପୁରୁଣା ଭୁବନେଶ୍ୱରସ୍ଥିତ ପାପନାସିନୀ କୁଣ୍ଡର ପୂର୍ବ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣକୁ ଶନିବାର ଉଚ୍ଛେଦ କରାଯାଉଛି।

# ୩ ଦିନରେ ୭.୪୦ ଲକ୍ଷ ଜରିମାନା ଆଦାୟ

## ବେଆଇନ ଖଣିରେ ଚଢ଼ାଉ

ଖୋର୍ଦ୍ଧା ଅଫିସ,୭।୧୧

ଖୋର୍ଦ୍ଧା ଜିଲାରେ ବେଆଇନ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଚଢ଼ାଉ ଜୋରଦାର ଚାଲିଛି। ୩ଦିନ ମଧ୍ୟରେ ଟ୍ରକ୍, ଟ୍ରାକ୍ଟର ଜବତ କରାଯିବା ସହ ୭ ଲକ୍ଷ ୪୦ହଜାର ୧୪୦ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଶନିବାର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ପଟ୍ଟନାୟକ ଓ ଉପଜିଲାପାଳ ବେହୁରିଆଙ୍କ ନେତୃତ୍ୱରେ ବିଭିନ୍ନ ତହସିଲ ଅଞ୍ଚଳରେ ଚଢ଼ାଉ କରାଯାଇ ୫ଟି ଟ୍ରକ୍ ଜବତ କରାଯିବାସହ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଶୁକ୍ରବାର ୮ଟି ଟ୍ରକ, ୩ ଟ୍ରାକ୍ଟର ବାଲି, ମୋରମ, ମାଙ୍କଡା ପଥର ଜବତ ହୋଇଛି। ଏହା ସହିତ ୩ଲକ୍ଷ ୯୭ହଜାର ୧୪୦ଟଙ୍କା ଜରିମାନା ଆଦାୟ ହୋଇଛି। ଗୁରୁବାର ୮ଟି ଟ୍ରକ ଓ ୭ ଟ୍ରାକ୍ଟର ଜବତ କରାଯିବା ସହ ୨ଲକ୍ଷ ୪୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଚାନ୍ଦୁଆ କାର୍ଯ୍ୟ ଦେଖିଲେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର

ପିପିଲି,୭।୧୧(ଡି.ଏନ୍.ଏ.)

ଚାନ୍ଦୁଆ କାର୍ଯ୍ୟ ଦେଖିବା ପାଇଁ ଶନିବାର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ପିପିଲି ପରିଦର୍ଶନରେ ଆସିଥିଲେ। ସାଇସାରଣ ଆପ୍ଲିକ ସେଣ୍ଟରଠାରେ ରମେଶ ମହାପାତ୍ର, ଜବାର ଖାଁଙ୍କ ସମେତ ଉପସ୍ଥିତ ଥିବା ସମସ୍ତ କାରିଗରଙ୍କ ସହ ଚାନ୍ଦୁଆ ଶିଳ୍ପର ଉନ୍ନତି ଏବଂ ପ୍ରଚାର ପ୍ରସାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ମାନ୍ଦା ଅବସ୍ଥାର କିପରି ସ୍ଥାୟୀ ସମାଧାନ ହେବ ସେ ଦିଗରେ ଖୁବଶୀଘ୍ର ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦେଶ ବିଦେଶରେ ସମ୍ମାନିତ ହୋଇଥିବା ସୁରେଶ ମହାପାତ୍ରଙ୍କ ସୂକ୍ଷ୍ମ ହାତ ସିଲେଇରେ ତିଆରି ଚାନ୍ଦୁଆ କାରୁକାର୍ଯ୍ୟ ଦେଖି ପ୍ରଶଂସା କରିଥିଲେ। ପୁରୀ ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଉପସଭାପତି ଜନ୍ମେଜୟ ଜେନା ଏବଂ ସୁକାନ୍ତ ଭଟ ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା

## ରୋଟାରୀ କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ମହିଳାଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ସ୍ତନ କର୍କଟର ଲକ୍ଷଣ ବଢ଼ିବାରେ ଲାଗିଛି। ଏହିରୋଗ ପ୍ରତିବର୍ଷ ୨.୧ ନିୟୁତ ମହିଳାଙ୍କୁ ପ୍ରଭାବିତ କରୁଛି ଓ ପ୍ରାୟ ୧୫% ମହିଳା ଏହି କର୍କଟ ଜନିତ ମୃତ୍ୟୁର ଶିକାର ହେଉଛନ୍ତି। ଏଭଳିସ୍ଥଳେ ରୋଗପ୍ରତି ଅଧିକ ସଚେତନତାର ଆବଶ୍ୟକତା ରହିଛି। ଶୀଘ୍ର ଚିହ୍ନଟ ଦ୍ୱାରା ସ୍ତନ କର୍କଟ ଭଳି ମାରାତ୍ମକ ରୋଗ କବଳରୁ ରକ୍ଷା ପାଇହେବ ବୋଲି ଏଠାରେ ମତପ୍ରକାଶ ପାଇଛି। ଅନ୍ତର୍ଜାତୀୟ ରୋଟାରୀ କ୍ଲବ୍ ୩୨୬୨ ଜିଲା ଏବଂ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର (ଆର୍‌ସିବି) ସ୍ମାଇଲ୍ ପକ୍ଷରୁ ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ରୋଟାରୀ କ୍ଲବ୍ ୩୨୬୨ ଡିଷ୍ଟ୍ରିକ୍ଟ ଗଭର୍ନର ସୌମ୍ୟ ରଞ୍ଜନ ମିଶ୍ର ଓ ଆର୍‌ସିବି ସ୍ମାଇଲ୍ କ୍ଲବ୍ ସଭାପତି ଲଳିତେନ୍ଦୁ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଦ୍ମଜା କନ୍‌ଭେନ୍‌ଶନ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ସ୍ମାଇଲ ସଦସ୍ୟ ସୌମ୍ୟ ମହାନ୍ତିଙ୍କ ଦ୍ୱାରା ଲିଖିତ 'ଷ୍ଟେଜ୍-୪: ପ୍ରେମ, ଆଘାତ ଓ ମୁକ୍ତି' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ତର୍ଜାତୀୟ ରୋଟାରୀ କ୍ଲବ୍‌ର ଆଗାମୀ ବର୍ଷ ପାଇଁ ନିର୍ବାଚିତ ସଭାପତି ଶେଖର୍ ମେହେଟ୍ଟା ଓ ଅନ୍ତର୍ଜାତୀୟ ରୋଟାରୀ କ୍ଲବ୍‌ର ନିର୍ବାଚିତ ନିର୍ଦ୍ଦେଶକ ଡ. ମହେଶ କୋଟ୍‌ବାଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ବେଙ୍ଗାଲୁରୁ ଫୋର୍ଟିଜ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଡ. ନୀତି ରାଇଯାଦା, ସମ୍ମାନିତ ଅତିଥି ଭାବେ ବଲିଉଡ୍ ନିର୍ଦ୍ଦେଶକ ମଣି ଶଙ୍କର ଏବଂ ଓଡିଆ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ରୋଟାରୀ କ୍ଲବ୍‌ର ୭ଟି କାର୍ଯ୍ୟ କ୍ଷେତ୍ରରୁ ସ୍ତନ କର୍କଟ ବିଷୟରେ ସଚେତନତା ସୃଷ୍ଟି କରି ରୋଗ ନିରାକଣଣ କରିବା ହେଉଛି ଏକ ମୁଖ୍ୟ କାର୍ଯ୍ୟ ବୋଲି ପୁସ୍ତକର ଲେଖକ ସୌମ୍ୟ ମହାନ୍ତି କହିଥିଲେ।

# ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ତମାଣ୍ଡୋ ଥାନା ଓ ଖାରବେଳ ଥାନା ଅଞ୍ଚଳରୁ ଶନିବାର ପୋଲିସ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ତମାଣ୍ଡୋ ଥାନା ଉଦ୍ଧାର କରିଥିବା ମୃତକ ହେଲେ ମଙ୍ଗଳପୁରର ଦୁବେନ୍ଦୁ ଶେଖର ଦାସ। ଏଠାରେ ସେ ବିଆଇଜି କଳିଙ୍ଗବିହାର କେ-୬ରେ ଘର ଭଡ଼ା ନେଇ ରହୁଥିଲେ। ସେହିଭଳି ଖାରବେଳନଗର ଥାନା ପୋଲିସ ଉଦ୍ଧାର କରିଥିବା ମୃତକ ହେଲେ କଟକ ଜିଲା ମଙ୍ଗଳାବାଗ୍ ଥାନା ଅଞ୍ଚଳର ଜି ରବି ନାଇଡୁ। ତାଙ୍କୁ ସ୍ଥାନୀୟ ଭଗବତୀ ବସ୍ତିର ଏକ ଘର ଭିତରୁ ଉଦ୍ଧାର କରାଯାଇଛି। ଏଠାରେ ସେ ଘରଭଡ଼ା ନେଇ ରହିବା ସହ ଏକ ଜୁଏଲେରି ଦୋକାନରେ କ୍ୟାସିୟର ଭାବେ କାମ କରୁଥିଲେ। ୨ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଉଭୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏ ନେଇ ଉଭୟ ଥାନା ପୋଲିସ ୨ଟି ମାମଲା ରୁଜୁ କରି ଦନ୍ତ ଚଳାଇଛି।

# କାର୍ ସହ ୨୫କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ତମାଣ୍ଡୋ ଥାନା ଅଞ୍ଚଳରେ ସ୍ପେଶାଲ ସ୍କ୍ୱାଡ୍ ସହ ସ୍ଥାନୀୟ ପୋଲିସ ଚଢ଼ାଉ କରି ଏକ କାର୍‌ରୁ ୨୫ କେଜି ଗଞ୍ଜେଇ ଜବତ କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ରଣପୁରର ରବୀନ୍ଦ୍ର ପ୍ରଧାନ ଓ ଗଞ୍ଜାମର ସୋନୁ ଓରଫ୍ ସୋନୁ ଡାକୁଆ। ଏ ନେଇ ପୋଲିସ ନଂ.୧୫୧/୨୦ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଉକ୍ତ କାର୍ ସହ ୩ ମୋବାଇଲ୍ ଓ ୪୭୦୦ ଟଙ୍କା ଜବତ କରିଛି। ଶନିବାର ୨ ଅଭିଯୁକ୍ତ କାର୍‌କୁ ଭଡ଼ାରେ ଆଣି ଗଞ୍ଜେଇ ଧରି ନୟାଗଡ଼ରୁ ଭୁବନେଶ୍ୱର ଆସୁଥିଲେ। ଖବରପାଇ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ତମାଣ୍ଡୋ ଅଞ୍ଚଳର ଏକ ଗାଡ଼ି ଶୋରୁମ୍ ନିକଟରେ ଜଗି ରହିଥିଲେ। ଉକ୍ତ କାର୍‌ଟି ଶୋରୁମ୍ ଦେଇ ଯିବାବେଳେ ମିଳିତ ଟିମ୍ ଘେରିଯାଇ ଧରିଥିଲେ।

# ଅବନୀ ବରାଳଙ୍କ ଶ୍ରାଦ୍ଧ ଦିବସ

ଖୋର୍ଦ୍ଧା ଅଫିସ,୭।୧୧

ଶିକ୍ଷାବିତ୍, ସାମାଜିକକର୍ମୀ ତଥା ପ୍ରାଣନାଥ ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ଅବନୀ ବରାଳଙ୍କ ସପ୍ତମ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଯାଇଛି। ଜେଲରୋଡସ୍ଥିତ ଅବନୀ ବରାଳ ସ୍ମାରକୀ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଗୋପାଳକୃଷ୍ଣ ଦାଶ, କବି ଜ୍ଞାନରଞ୍ଜନ ଦାଶ, ରାମଶଙ୍କର, ମିହିର ନାୟକ, ଗୋବିନ୍ଦ ମହାରଣା, ଡ. ପ୍ରଫୁଲ୍ଲ ବିଶ୍ୱାଳ, ଭାଗୀରଥି ରାଉତରାୟ, ନରେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।



ଅବନୀ ବରାଳ ସ୍ମାରକୀ ପୀଠରେ ଅନୁଷ୍ଠିତ ଶ୍ରାଦ୍ଧ ଦିବସରେ ଉପସ୍ଥିତ ଅତିଥିମାନେ।

# ମାସେ ହେବ ଜିଲା ପ୍ରଶାସନ ପାଖରେ ଖବର ନାହିଁ

## ଏସ୍‌ସିବିରୁ ରାମଚନ୍ଦ୍ର ନିଖୋଜ

- ୧୮ ବର୍ଷ ପରେ ଶିକୁଳି ମୁକ୍ତ ହୋଇଥିଲେ

ପୁରୀ ଅଫିସ,୭।୧୧

ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୧୮ ବର୍ଷ ଶିକୁଳିରେ ବନ୍ଧା ପଡିଥିଲା ଜୀବନ। ଅସ୍ୱାଭାବିକ ଆଚରଣ ପାଇଁ ତାଙ୍କ ଦୁଇହାତକୁ ଲୁହାଚେନ୍‌ରେ ବାନ୍ଧି ତାଲା ପକାଯାଇଥିଲା। ପୁଅର ଏଭଳି କଷ୍ଟକୁ ଦେଖି ଗୁମୁରି କାନ୍ଦୁଥିବା ମାଆ ଥିଲେ ଅସହାୟ। ପେଟକୁ ଦି ମୁଠା ଦାନା ଯୋଗାଡ କରିବାର ସଂଘର୍ଷ ଭିତରେ ପୁଅର ଚିକିତ୍ସା କଥା ଭାବିବା ଥିଲା ମାର ବୃଥା ପ୍ରୟାସ। ଶେଷରେ ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଶିକୁଳି ମୁକ୍ତ ହୋଇଥିଲେ ପୁରୀ ସଦର ବ୍ଲକ ପାର୍ବତୀପୁର ପାଇକ ସାହିର ରାମଚନ୍ଦ୍ର ରାଉତ। ଜିଲା ସାମାଜିକ ସୁରକ୍ଷା ବିଭାଗ ତାଙ୍କୁ ଉଦ୍ଧାର କରି କଣାସସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନକୁ ଚିକିତ୍ସା ପାଇଁ ପଠାଇଥିଲା। ଚିକିତ୍ସା ପାଇଁ ପ୍ରତିଷ୍ଠାନ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ନେଇଥିବାବେଳେ ସେଠାରୁ ନିଖୋଜ ହୋଇଯାଇଛନ୍ତି ରାମଚନ୍ଦ୍ର। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଗତ ଅକ୍ଟୋବର ୯ରୁ ରାମଚନ୍ଦ୍ର ନିଖୋଜ ହୋଇଥିବା ନେଇ ମଙ୍ଗଳାବାଗ ଥାନାରେ ସେବା ପ୍ରତିଷ୍ଠାନ ଅଭିଯୋଗ କରିଛି। ଇତିମଧ୍ୟରେ ମାସେ ପୂରିବାକୁ ଯାଉଥିବାବେଳେ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନକୁ ଜଣାଯାଇ ନାହିଁ।

ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ କହିଛନ୍ତି, ରାମଚନ୍ଦ୍ରଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ନୀଳାଚଳ ସେବା ପ୍ରତିଷ୍ଠାନରେ ରଖାଯାଇଥିଲା। ଅଧିକ ଚିକିତ୍ସା ଲାଗି ସେମାନେ ଏସ୍‌ସିବି ମେଡିକାଲ ମାନସିକ ରୋଗ ବିଭାଗକୁ ନେଇଥିଲେ। ବିଭାଗ ପକ୍ଷରୁ ପ୍ରଥମେ କରୋନା ପରୀକ୍ଷା ଲାଗି ପରାମର୍ଶ ଦିଆଯାଇଥିଲା। ରାମଚନ୍ଦ୍ରଙ୍କୁ ଏସ୍‌ସିବି ପରିସରରେ କରୋନା ପରୀକ୍ଷା କରିବା ସମୟରେ ସେ କେଉଁଆଡେ ପଳାଇଥିଲେ। ପ୍ରତିଷ୍ଠାନ କର୍ମଚାରୀ ତାଙ୍କୁ ନ ପାଇବା ପରେ ଗତ ଅକ୍ଟୋବର ୯ରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ମେଡିକାଲ ପକ୍ଷରୁ ବି ଆଉଏକ ଅଭିଯୋଗ କରାଯାଇଛି। ମାତ୍ର ରାମଚନ୍ଦ୍ରଙ୍କ ନିଖୋଜ ସଂକ୍ରାନ୍ତରେ ପ୍ରତିଷ୍ଠାନ ପକ୍ଷରୁ ଜିଲା ପ୍ରଶାସନକୁ ଜଣାଯାଇ ନ ଥିଲା। ଶନିବାର ଅପରାହ୍ନରେ ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ଖବର ପାଇବା ପରେ ସେ ପ୍ରତିଷ୍ଠାନ ସହ ଯୋଗାଯୋଗ କରିଥିଲେ। ରାମଚନ୍ଦ୍ର ନିଖୋଜ ହୋଇଥିବା ନେଇ ତାଙ୍କୁ ସୂଚନା ଦିଆଯାଇଥିଲା ବୋଲି ସାମାଜିକ ସୁରକ୍ଷା ଅଧିକାରୀ ପାଢୀ କହିଛନ୍ତି। ତେବେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ରିପୋର୍ଟ ଦେବା ଲାଗି ସେବା ପ୍ରତିଷ୍ଠାନକୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରତିଷ୍ଠାନର ସମ୍ପାଦକ ସୁବାସ ଗଜେନ୍ଦ୍ର କହିଛନ୍ତି, ରାମଚନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ନିଆଯାଇଥିଲା। ସେ ନିଖୋଜ ହୋଇଯିବା ପରେ ଆମେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲୁ। ସେହିଦିନ ଟେଲିଫୋନ ମାଧ୍ୟମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ରାମଚନ୍ଦ୍ରଙ୍କ ନିଖୋଜ ସଂକ୍ରାନ୍ତରେ ଜଣାଇଥିଲୁ। କିନ୍ତୁ ଲିଖିତ ଭାବେ ଜଣାଇ ନ ଥିଲୁ।

ତେବେ ଏଠି ପ୍ରଶ୍ନ ଉଠୁଛି ଦିନକ ପରେ ରାମଚନ୍ଦ୍ରଙ୍କ ନିଖୋଜକୁ ମାସେ ପୂରିବ। ହେଲେ ଏ ବିଷୟରେ ଏସ୍‌ସିବି ମେଡିକାଲ ହେଉ ଅବା ନୀଳାଚଳ ସେବା ପ୍ରତିଷ୍ଠାନ କେହି ବି ପୁରୀ ଜିଲା ପ୍ରଶାସନକୁ ଖବର ଦେଇନାହାନ୍ତି। ଅଭିଯୋଗ ପାଇବା ପରେ ପୋଲିସ ରାମଚନ୍ଦ୍ରଙ୍କୁ ଠାବ କରିବା ଲାଗି କି ପ୍ରକାର ପଦକ୍ଷେପ ନେଇଛି ତାହାକୁ ନେଇ ବି ପ୍ରଶ୍ନ ଉଠିଛି।

## ୧୦୦୦ କୋଟିର ଅଘୋଷିତ ଆୟ ଠାବ

ଆୟକର ବିଭାଗ ପକ୍ଷରୁ ୧୦୦୦ କୋଟିର ଅଘୋଷିତ ଆୟକୁ ଠାବ କରାଯାଇଛି। ଚେନ୍ନାଇ ଏବଂ ମଦୁରାଇର ଏକ ଗ୍ରୁପ ଉପରେ ଚଢ଼ାଉ କରାଯିବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି। ସିଙ୍ଗାପୁର ଭିତ୍ତିକ ଏକ କମ୍ପାନୀରେ ଅର୍ଥ ନିବେଶ ନେଇ ଆୟକର ବିଭାଗ ଜାଣିବାକୁ ପାଇଛି। ଏହି କମ୍ପାନୀରେ ୨ ଭାଇ ଅଂଶୀଦାର ରହିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଜଣେ ଭାଇଙ୍କ କାର୍ଯ୍ୟାଳୟ ଉପରେ ବିଭାଗ ଚଢ଼ାଉ କରିଛି।

## ସଂକ୍ଷେପରେ

### ଆଗାମୀ ଆର୍ଥିକ ବର୍ଷରେ ସ୍ୱାଭାବିକ ହେବ ଅର୍ଥ ବ୍ୟବସ୍ଥା

**ନୂଆଦିଲ୍ଲୀ,୭।୧୧:** ଆସନ୍ତା ବର୍ଷରେ ଦେଶର ଅର୍ଥ ବ୍ୟବସ୍ଥା ସ୍ୱାଭାବିକ ସ୍ଥିତିକୁ ଫେରିବା ନେଇ ଆଶା ରହିଛି ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ କୁମାର ଖାରା ଶନିବାର କହିଛନ୍ତି। କୋଭିଡ୍-୧୯ ଯୋଗୁ ଅର୍ଥ ବ୍ୟବସ୍ଥାକୁ ବଡ଼ ସମସ୍ୟା ସାମ୍ନା କରିବାକୁ ପଡ଼ିଛି। ଏହି ସମସ୍ୟାରୁ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ବାହାରିବାକୁ ପ୍ରୟାସ ଜାରି ରଖିଛି। ଏହା ପରେ ସିଷ୍ଟମ ଅଧିକ ପରିପକ୍ୱ ହେବ ବୋଲି ବେଙ୍ଗଲ ଚାମ୍ବର୍ସ ଅଫ୍ କମର୍ସର ଏକ ଭର୍ଚୁଆଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଖାରା ଏହା କହିଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଅର୍ଥ ବ୍ୟବସ୍ଥାରେ ସକାରାତ୍ମକ ଦିଗ ଦେଖିବାକୁ ମିଳିଛି। କର୍ପୋରେଟ୍‌ଗୁଡ଼ିକର ନିବେଶ ଚାହିଦା ବଢ଼ିବା ପାଇଁ ହେଲେ କିଛି ସମୟ ଲାଗିବ। ବର୍ତ୍ତମାନ କର୍ପୋରେଶନଗୁଡ଼ିକର କ୍ଷମତା ଉପଯୋଗ ୬୯% ସ୍ତରରେ ରହିଛି। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରେ ନଗଦ ସ୍ଥିତି ଉନ୍ନତ ଥିବାରୁ ଏହା ନିବେଶ ଚାହିଦାକୁ ବଢ଼ାଇବ।

### ଓଡ଼ିଶାର କୃଷି ଆତ୍ମନିର୍ଭରତା ସମ୍ପର୍କିତ ୱେବିନାର

**ଭୁବନେଶ୍ୱର,୭।୧୧:** ଓଡ଼ିଶାର କୃଷି ଏବଂ ଆତ୍ମନିର୍ଭରତା ସମ୍ପର୍କିତ ଏକ ୱେବିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆତ୍ମନିର୍ଭର ହେବା ଲାଗି ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ମତ ରଖିଥିଲେ। ଓଡ଼ିଆ ସମାଜର ସଭାପତି ଅବସର ପ୍ରାପ୍ତ ଆଇଆର୍‌ଏସ୍ ସିଦ୍ଧାର୍ଥ ପ୍ରଧାନ, ପୂର୍ବତନ ପ୍ରଶାସକ ଏ.କେ.ପଟ୍ଟନାୟକ, ଡ.ତ୍ରିଲୋଚନ ମହାପାତ୍ର, ରାଜ୍ୟ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ.ସୌରଭ ଗର୍ଗ, ଯୁଗ୍ମ ସଚିବ ପ୍ରଶାନ୍ତ କୁମାର ସ୍ୱାଇଁ, ନାଫେଡ୍‌ର ଏମ୍‌ଡି ସଞ୍ଜୀବ କୁମାର ଚଢ଼ା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ୫୫୦ରୁ ଊର୍ଦ୍ଧ୍ୱ କୃଷି ଉଦ୍ୟୋଗୀ, କୃଷି ବିଶେଷଜ୍ଞ, ବିଭିନ୍ନ କୃଷି ଏବଂ କୃଷିଜାତ ଶିଳ୍ପ ସଂସ୍ଥାର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ପୂରଣ ହୋଇପାରିନି ପ୍ରକୃତ ଲକ୍ଷ୍ୟ

୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା ଦ୍ୱାରା ମହାତ୍ମା ଗାନ୍ଧୀ ସିରିଜର ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ଅଚଳ କରିଦେଲେ। ଏହା ପରେ ନୂଆ ୫୦୦ ଏବଂ ୨୦୦୦ ଟଙ୍କିଆ ସହ ଅନ୍ୟ ନୂଆ ନୋଟ୍ ବଜାରକୁ ଛଡ଼ାଗଲା। କଳାଟଙ୍କା, ବେଆଇନ କାର୍ଯ୍ୟ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ନଗଦ କାରବାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥା ବିମୁଦ୍ରୀକରଣ ଦ୍ୱାରା ସଙ୍କଟ ସ୍ଥିତିକୁ ଚାଲିଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଲୋକମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥ ଉଠାଇବା ଏବଂ ବଦଳାଇବା ଲାଗି ଲାଇନରେ ଛିଡ଼ାହେବାକୁ ପଡ଼ିଲା। ଏଥିରେ ଅନେକ ଲୋକଙ୍କ ଜୀବନ ମଧ୍ୟ ଚାଲିଗଲା। ଦେଶର ଉନ୍ନତ ସ୍ଥିତି ଲାଗି ଏଭଳି କଷ୍ଟ ଦେଶବାସୀ ସହିଲେ ହେଲେ ଅର୍ଥ ବ୍ୟବସ୍ଥାକୁ ଯେଉଁ କ୍ଷତି ହେଲା ତାହାକୁ ଭରଣା କରିବା ଆଜି ଯାଏ ସମ୍ଭବ ହୋଇପାରିନାହିଁ ବୋଲି ଅନେକ ରିପୋର୍ଟରେ ଉଲ୍ଲେଖ ରହିଛି।

୨୦୧୮ରେ ରିଜର୍ଭ ବ୍ୟାଙ୍କ ଦେଇଥିବା ତଥ୍ୟ ମୁତାବକ ୧୫.୩୦ ଲକ୍ଷ କୋଟି ଟଙ୍କା ଅଚଳ ନୋଟ୍ ବ୍ୟାଙ୍କ ସିଷ୍ଟମକୁ ଫେରି ଆସିଛି। ବଜାରରେ ପ୍ରଚଳିତ ଥିବା ମୋଟ ନଗଦ ମଧ୍ୟରୁ ଏହା ପ୍ରାୟ ୯୯.୩% ଥିଲା। ମାତ୍ର ୧୦,୭୨୦ କୋଟି ଟଙ୍କା ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଫେରିପାରିଲା ନାହିଁ। ତେବେ ସରକାରଙ୍କ କହିବା ମୁତାବକ ବଜାରରେ ରହିଥିବା ବୃହତ୍ ପରିମାଣର କଳାଟଙ୍କା କୁଆଡ଼େଗଲା ବୋଲି ବଜାର ବିଶେଷଜ୍ଞ ପ୍ରଶ୍ନ ଉଠାନ୍ତି। ଆଜି ଯାଏ ସରକାର ତା'ର ଉତ୍ତର ଦେଇପାରିନାହାନ୍ତି। ଯଦି କଳାଟଙ୍କା ନ ଥିଲା ବୋଲି ମାନି ନିଆଯାଏ ତେବେ ସରକାର ଏଭଳି କାହିଁକି ଲୋକମାରଣ ନୀତି ଗ୍ରହଣ କରି ଅର୍ଥ ବ୍ୟବସ୍ଥାକୁ ସଙ୍କଟକୁ ଠେଲିଦେଲେ ବୋଲି ଆଜି ମଧ୍ୟ ଅନେକେ ପ୍ରଶ୍ନ କରନ୍ତି। ଇତିମଧ୍ୟରେ ବିମୁଦ୍ରୀକରଣକୁ ୪ ବର୍ଷ ପୂରଣ ହୋଇଛି। ଠିକ୍ ଭାବେ ଯୋଜନା ନ କରି ଏଭଳି ପଦକ୍ଷେପକୁ କାର୍ଯ୍ୟକାରୀ କରାଇବାକୁ ଅନେକେ ନାପସନ୍ଦ ମଧ୍ୟ କରନ୍ତି। ସଂସଦଠାରୁ ବିଭିନ୍ନ ସ୍ଥାନରେ ଏହାକୁ ନେଇ ସରକାରଙ୍କୁ ବିରୋଧ ମଧ୍ୟ କରାଯାଇଛି।

କଳାଟଙ୍କା ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ପୂର୍ବରୁ ୧୯୪୬ ଏବଂ ୧୯୭୮ରେ ବିମୁଦ୍ରୀକରଣ ପଦକ୍ଷେପ ନିଆଯାଇଛି। ୧୯୭୮ରେ ଜନତାଦଳ ମେଣ୍ଟ ସରକାର ୧୦୦୦, ୫୦୦୦ ଏବଂ ୧୦୦୦୦ ଟଙ୍କିଆ ନୋଟ୍‌କୁ ବିମୁଦ୍ରୀକରଣ କରିଥିଲେ। ସୂଚନା ଯୋଗ୍ୟ, ୨୦୧୨ରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ କହିଥିଲା ଯେ କଳାଟଙ୍କା ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିମୁଦ୍ରୀକରଣ ଏକ ବିକଳ୍ପ ନୁହେଁ। କଳାଧନକୁ ଲୋକମାନେ ସୁନା, ସୁନାଗହଣା ଏବଂ ବେନାମୀ ସମ୍ପତ୍ତି ଭାବେ ରଖୁଥିବାରୁ କେବଳ ନଗଦ ଅର୍ଥ ଉପରେ କଟକଣା ଲାଗିଲେ କଳାଟଙ୍କା ବିରୋଧୀ ପଦକ୍ଷେପ ସଫଳ ହେବ ନାହିଁ। ଆୟକର ବିଭାଗର ଡାଟା ମୁତାବକ କଳାଟଙ୍କା ରଖିଥିବା ବ୍ୟକ୍ତିବିଶେଷ ୬% କିମ୍ବା ଏହାଠାରୁ କମ୍ ପରିମାଣର ଅର୍ଥ ନଗଦ ଭାବେ ରଖିଥାନ୍ତି। ଏହି କଥାଗୁଡ଼ିକ ସରକାରଙ୍କୁ ପୂର୍ବରୁ ହୁଏତ ଜଣାଥିବ। ଯଦି ସରକାର ଏହା ଜାଣିଥିଲେ ତେବେ କାହିଁକି ପୁଣି ଥରେ ଏଭଳି କଲେ ତାହା ଏବେ ଯାଏ ସମସ୍ତଙ୍କ ଲାଗି ଅବୁଝା ହୋଇ ରହିଛି। ଏଥିରୁ କ'ଣ ମିଳିଲା ବୋଲି ଅନେକ ଆଲୋଚନା ଏବଂ ପର୍ଯ୍ୟାଲୋଚନା ହୋଇଛି। ହେଲେ ସାଧାରଣ ଲୋକ ଏବଂ ଅର୍ଥ ବ୍ୟବସ୍ଥା ସାମ୍ନା କରିଥିବା କ୍ଷତିକୁ ନେଇ କୌଣସି ସରକାରୀ ଆକଳନ ନାହିଁ।

ଜାଲ୍ ନୋଟ୍ ଏବଂ କଳାଟଙ୍କା କାରବାର ଉପରେ ବର୍ତ୍ତମାନ ସମ୍ପୂର୍ଣ୍ଣ କଟକଣା ଲାଗି ପାରିନାହିଁ। ବିମୁଦ୍ରୀକରଣ ଦ୍ୱାରା ଟିକସ ସଂଗ୍ରହ ଏବଂ ଡିଜିଟାଲ କାରବାର ବଢୁଥିବା କଥା ସରକାର ଯୁକ୍ତିରେ କହିଛନ୍ତି। ଏପଟେ ଦେଶର ଅର୍ଥ ବ୍ୟବସ୍ଥାରେ ନଗଦ କାରବାର ମଧ୍ୟ ବଢିଥିବା ପ୍ରସଙ୍ଗକୁ ଏଡ଼ାଯାଇପାରିବ ନାହିଁ। ମାର୍ଚ୍ଚ ୨୦୧୯ ଡାଟା ମୁତାବକ ଦେଶ ମଧ୍ୟରେ ୨୧.୪୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୋଟ୍ ପ୍ରଚଳନରେ ରହିଛି; ଯାହା ବିମୁଦ୍ରୀକରଣ ମୂଲ୍ୟ ତୁଳନାରେ ପ୍ରାୟ ୧୯.୪୧% ଅଧିକ। ବିମୁଦ୍ରୀକରଣ ଘୋଷଣା ଦ୍ୱାରା ଏଟିଏମ୍‌ଗୁଡ଼ିକରେ ନଗଦ ଅର୍ଥ ମିଳି ନ ଥିଲା। କାରଣ ନୋଟ୍ ଛାପିବାକୁ ଅଧିକ ସମୟ ଲାଗିଥିଲା। ଏହି ସମୟରେ ଲୋକମାନେ ନଗଦ ଲାଗି ନାହିଁ ନ ଥିବା ସମସ୍ୟା ସାମ୍ନା କଲେ। ଉଠାଣ ସୀମା ଲାଗିବା ଯୋଗୁ ଲୋକମାନେ ନିଜ ଅର୍ଥ ଉଠାଣରେ ସମସ୍ୟା ଭୋଗିଲେ। ସେହି ସମୟରେ ପ୍ରାୟ ୮ ଲକ୍ଷ ଟ୍ରକ୍ ଡ୍ରାଇଭର ସମସ୍ୟା ସାମ୍ନା କଲେ। ପରିବହନ କ୍ଷେତ୍ର କ୍ଷତିଗ୍ରସ୍ତ ହେଲା।

**ବିମୁଦ୍ରୀକରଣକୁ ୪ ବର୍ଷ**

ଦେଶର ପୁଞ୍ଜିବଜାର ପ୍ରାୟ ୬ ମାସର ନିମ୍ନ ସ୍ତରକୁ ଖସିଗଲା। ଶିଳ୍ପ ଉତ୍ପାଦନ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିଲା।

ବିଶ୍ୱ ବଜାରର ବିଶେଷଜ୍ଞଙ୍କ ଆକଳନ ମୁତାବକ, ବିମୁଦ୍ରୀକରଣ ଯୋଗୁ ଭାରତର ଜିଡିପି ୨୦୧୬-୧୭ରେ ପ୍ରାୟ ୩%କୁ ଖସିଯାଇଥିଲା। ହୁଏତ ସରକାର ଏହାକୁ ମାନି ନ ପାରନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକରେ ତାଲା ଝୁଲିବା ସହ ଅଣ ସଙ୍ଗଠିତ କ୍ଷେତ୍ରରେ କେତେ ଯେ ନିଯୁକ୍ତି ହ୍ରାସ ହୋଇଛି ସେ ସମ୍ପର୍କିତ ଡାଟା ସରକାରଙ୍କ ପାଖରେ ବର୍ତ୍ତମାନ ଯାଏ ନାହିଁ। ବିମୁଦ୍ରୀକରଣ ପରେ ସରକାର ତରବରିଆ ଭାବେ ଲାଗୁ କରିଥିବା ଜିଏସ୍‌ଟି ଯୋଗୁ ଘରୋଇ ବଜାର ଆହୁରି କ୍ଷତିଗ୍ରସ୍ତ ହୋଇଛି। କେତେଜଣ ଅର୍ଥନୀତିଜ୍ଞଙ୍କୁ ଛାଡ଼ିଦେଲେ ସରକାରଙ୍କ ବିମୁଦ୍ରୀକରଣ ପଦକ୍ଷେପକୁ ଅନେକେ ଡ୍ରାକୋନିଆନ ବୋଲି କହିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ, ୨୦୧୯ ପରଠାରୁ ଭାରତ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ବିମୁଦ୍ରୀକରଣ ସହ ସରକାରଙ୍କ ଅନ୍ୟ ଆର୍ଥିକ ନୀତିକୁ ଏଥିଲାଗି ଦାୟୀ କରାଯାଇଥାଏ।



# ବନ୍ଦମୁହାଁ ୧୦୦୦ ଏମ୍‌ଏସ୍‌ଏମ୍‌ଇ



**ଭୁବନେଶ୍ୱର,୭।୧୧**

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବିଭିନ୍ନ ନୀତି କାର୍ଯ୍ୟକାରୀ କରାଇବା ବେଳେ କ୍ଷୁଦ୍ରଶିଳ୍ପଗୁଡ଼ିକ ଯେଭଳି ସଙ୍କଟ ମଧ୍ୟକୁ ଚାଲି ନ ଯାଆନ୍ତି ତାକୁ ସରକାର ଧ୍ୟାନରେ ରଖିବା ଉଚିତ ବୋଲି ଶିଳ୍ପ ସଂଘଗୁଡ଼ିକ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ଏଭଳି ଦାବି ଉଠାଇଛନ୍ତି। ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ସ୍ୱାର୍ଥକୁ ଜଗିବା ଏବଂ ସ୍ଥାନୀୟ କ୍ଷୁଦ୍ରଶିଳ୍ପର ବିକାଶ ଲାଗି ଉଦ୍ଦିଷ୍ଟ ଥିବା ଇପିଏମ୍ ରେଟ୍ କଣ୍ଟ୍ରାକ୍ଟ ବ୍ୟବସ୍ଥାକୁ ପୂର୍ବଭଳି ବଜାୟ ରଖିବାକୁ ସଂଘ ଦାବି କରିଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଏଭଳି ବ୍ୟବସ୍ଥା ଉଚ୍ଛେଦ ଦ୍ୱାରା ରାଜ୍ୟର ପ୍ରାୟ ୧ ହଜାର ଏମ୍‌ଏସ୍‌ଏମ୍‌ଇ ବନ୍ଦ ହେବା ସହ ପ୍ରାୟ ୧ ଲକ୍ଷ କର୍ମଚାରୀଙ୍କ ଚାକିରି ଚାଲିଯିବ ବୋଲି ଆଶଙ୍କା କରାଯାଇଛି। ଏହି ସମସ୍ୟାକୁ ନେଇ ଶିଳ୍ପୋଦ୍ୟୋଗୀ ଆମରଣ ଅନଶନରେ ବସିବା ନେଇ କହିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ସଂଘ ଓସିଆର ସଭାପତି ସ୍ୱରଜିତ ମହାନ୍ତି, ଓଇଆର ସଭାପତି ମିହିର କାନୁନ୍‌ଗୋ, ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଓଇଆ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ଏବଂ ୟୁପିଏମ୍‌ଇ ସଭାପତି ଭାଗୀରଥି ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିତ୍ୟ ହ୍ୟୁଣ୍ଡାଇର ପ୍ରି-ଦିୱାଲି କ୍ୟାମ୍ପ




**ଭୁବନେଶ୍ୱର,୭।୧୧:** ଆଦିତ୍ୟ ହ୍ୟୁଣ୍ଡାଇ ପକ୍ଷରୁ ପବିତ୍ର ଦୀପାବଳି ଉପଲକ୍ଷେ ସ୍ପେଶାଲ କ୍ୟାମ୍ପ ଆୟୋଜନ କରାଯାଉଛି। ଶୋ'ରୁମ୍ ପକ୍ଷରୁ ପ୍ରି-ଦିୱାଲି କ୍ୟାମ୍ପ ମାଧ୍ୟମରେ ହ୍ୟୁଣ୍ଡାଇ ଗ୍ରାହକମାନଙ୍କର ଗାଡ଼ିଗୁଡ଼ିକର ବିୟୁଟିଫିକେସନ ଉପରେ ଆକର୍ଷଣୀୟ ସୁବିଧା ଓ ରିହାତି ପ୍ରଦାନ କରାଯାଉଛି। ସଂସ୍ଥା ପକ୍ଷରୁ ଗ୍ରାହକମାନଙ୍କୁ ସେମାନଙ୍କ ଗାଡ଼ିର ବିୟୁଟିଫିକେସନ କ୍ଷେତ୍ରରେ ୨୦% ରିହାତି ମିଳିପାରିବ। ଦୀପାବଳିରେ ନିଜ ଗାଡ଼ିକୁ ସୁନ୍ଦର ଓ ସୁସଜ୍ଜିତ କରିବା ପାଇଁ ଶୋ'ରୁମ୍ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ରହିଛି। ନଭେମ୍ବର ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ଏକ ପ୍ରି-ଦିୱାଲି କ୍ୟାମ୍ପର ଆୟୋଜନ ହୋଇଥିବା ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଖେଳ ଖବର

### ଜାନୁୟାରୀ ୯ରୁ ଆଇ-ଲିଗ୍

**ନୂଆଦିଲ୍ଲୀ, ୭।୧୧ (ପି.ଟି.):** ହିରୋ-ଆଇ ଲିଗ୍‌ର ୧୪ତମ ସଂସ୍କରଣ ଆସନ୍ତାବର୍ଷ କୋଲକାତାରେ ଜାନୁୟାରୀ ୯ରୁ ଆରମ୍ଭ ହେବ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଶନିବାର ସୂଚନା ଦେଇଛି। ଏଥିରେ ୧୧ଟି ଦଳ ଭାଗ ନେବେ। ପ୍ରଥମ ମ୍ୟାଚ ଖେଳିବା ପୂର୍ବରୁ ଖେଳାଳିମାନଙ୍କୁ ସେମାନଙ୍କ ପ୍ରଥମ ମ୍ୟାଚର ୧୪ ଦିନ ପୂର୍ବରୁ ଜୈବସୁରକ୍ଷିତ ପରିବେଶ ଅବା ବାୟୋସିକ୍ୟୋର ବବଲରେ ପ୍ରବେଶ କରିବାକୁ ପଡ଼ିବ। କାର୍ଯ୍ୟସୂଚୀ ଖୁବ୍ ନିକଟରେ ଘୋଷଣା କରାଯିବ। ମ୍ୟାଚ୍‌ଗୁଡ଼ିକ ସିଧା ପ୍ରସାରଣ ୧ ସ୍ପୋର୍ଟ୍ସ ଚ୍ୟାନେଲରେ ହେବ। କୋଭିଡ୍ ଯୋଗୁ ଏହି ଦ୍ୱିତୀୟ ପାହ୍ୟା ଲିଗ୍‌ର ଗତ ସଂସ୍କରଣ ବାଧାପ୍ରାପ୍ତ ହୋଇଥିଲା। ତେବେ ଚଳିତ ବର୍ଷ ଅକ୍ଟୋବରରେ ଆଇ-ଲିଗ୍ କ୍ୱାଲିଫାୟର୍ସ ସହ ଦେଶରେ ଫୁଟ୍‌ବଲ ଖେଳ ଆରମ୍ଭ ହୋଇଛି। ଏଆଇଏଫ୍‌ଏଫ୍ ସହ ପଶ୍ଚିମବଙ୍ଗ ସରକାର ଏବଂ ଭାରତୀୟ ଫୁଟ୍‌ବଲ ଆସୋସିଏଶନ(ଆଇଏଫ୍‌ଏ)ର ସହଯୋଗ ଯୋଗୁ କ୍ୱାଲିଫାୟର୍ସ ସଫଳତାର ସହ ଆୟୋଜନ ହୋଇପାରିଛି। ଅଂଶୀଦାରମାନେ ବିନା ସର୍ତ୍ତରେ ସମର୍ଥନ କରିଥିବାରୁ ଟୁର୍ନାମେଣ୍ଟ ବିନା ବାଧାବିଘ୍ନରେ ସମ୍ପନ୍ନ ହୋଇ ପାରିଥିଲା।

### ପ୍ରଥମ ଟି୨୦ରେ ପାକିସ୍ତାନ ବିଜୟୀ

**ରାୱଲପିଣ୍ଡି, ୭।୧୧**

ସ୍ଥାନୀୟ ରାୱଲପିଣ୍ଡି ଷ୍ଟାଡିୟମରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ପାକିସ୍ତାନ ୬ ଉଇକେଟରେ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ଜବାବରେ ଘରୋଇ ଦଳ ପାକିସ୍ତାନ ୧୮.୫ ଓଭରରେ ୪ ଉଇକେଟ ବିନିମୟରେ ୧୫୭ ରନ କରି ମ୍ୟାଚ ଜିତିନେଇଥିଲା। ଏହି ବିଜୟ ଦ୍ୱାରା ପାକିସ୍ତାନ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ:** ୨୦ ଓଭରରେ ୧୫୬/୬ (ମାଧେଭେରେ-୭୦*, ସିନ୍ ୱିଲିୟମ୍ସ-୨୫, ଚିଗୁମ୍ବୁରା-୨୧, ବ୍ରାଣ୍ଡନ ଟେଲର-୨୦, ହାରିସ ରଫ୍-୨/୨୫, ରିଆଜ-୨/୩୭)।
**ପାକିସ୍ତାନ:** ୧୮.୫ ଓଭରରେ ୧୫୭/୪ (ବାବର ଆଜାମ-୮୨, ମହମ୍ମଦ ହାଫିଜ୍-୩୬, ବ୍ଲେସିଂ ମୁଜାରାବାନି-୨/୨୬)।



କଭରଡ୍ରାଇଭ୍ ଶଟ୍ ଖେଳୁଛନ୍ତି ବାବର ଆଜମ।

# ହାଇଦ୍ରାବାଦ-ଦିଲ୍ଲୀ ମୁକାବିଲା

**ଆବୁଧାବି,୭।୧୧(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କ୍ୱାଲିଫାୟର-୨ ରବିବାର ଖେଳାଯିବ। ଏହି ନିର୍ଣ୍ଣାୟକ ମୁକାବିଲାରେ ଆତ୍ମବିଶ୍ୱାସରେ ଭରପୂର ଥିବା ସନରାଇଜର୍ସ ହାଇଦ୍ରାବାଦ ଓ ଅସ୍ଥିର ପ୍ରଦର୍ଶନ କରୁଥିବା ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ବିଜୟୀ ଦଳ ଫାଇନାଲରେ ୧୦ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ।

ଗତ କେତୋଟି ସପ୍ତାହକୁ ଲକ୍ଷ୍ୟ କଲେ ଦିଲ୍ଲୀ ଓ ହାଇଦ୍ରାବାଦର ଯାତ୍ରା ସମ୍ପୂର୍ଣ୍ଣରୂପ ବିପରୀତ ଧର୍ମୀ ମନେହେବ। ଟୁର୍ନାମେଣ୍ଟ ଆରମ୍ଭରେ ଭଲ ପ୍ରଦର୍ଶନ କରିପାରି ନ ଥିବା ହାଇଦ୍ରାବାଦ୍ ପରେ କିନ୍ତୁ ପ୍ରତ୍ୟାବର୍ତ୍ତନ କରି କେତୋଟି ବିଜୟ ହାସଲ କରି ପ୍ଲେ- ଅଫ୍‌ରେ ସ୍ଥାନ ହାସଲ କରିଥିଲା। ଅଧିନାୟକ ଡେଭିଡ୍ ୱାର୍ନର ଖେଳାଳିମାନଙ୍କର ପ୍ରତିଭାକୁ ସଦୁପଯୋଗ କରି ସଫଳତା ପାଇଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଦିଲ୍ଲୀ ତା'ର ପ୍ରଥମ ୯ଟି ମ୍ୟାଚ୍‌ରୁ ୭ଟିରେ ବିଜୟ ହାସଲ କରିଥିଲା। କିନ୍ତୁ ଏହାପରେ ଦିଲ୍ଲୀ ୬ଟି ମ୍ୟାଚ୍‌ରୁ ୫ଟିରେ ପରାଜୟବରଣ କରିଥିଲା। ଅଧିନାୟକ ଶ୍ରେୟାସ ଆୟାରଙ୍କ ସମେତ ଦଳର କେତେଜଣ ତାରକା ଖେଳାଳି ସେମାନଙ୍କ ଲୟ ହରାଇଥିଲେ।

ଦିଲ୍ଲୀ ପାଇଁ ଟପ୍ ଅର୍ଡର ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ପ୍ରଥମ ୩ଟି ସ୍ଥାନରେ ବ୍ୟାଟ୍ସମ୍ୟାନ ଆଶାନୁରୂପ ସଫଳତା ପାଇନାହାନ୍ତି। ତେବେ ଅଭିଜ୍ଞ ଓପନର ଶିଖର ଧାୱନ ୧୫ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୫୨୫ ରନ ସଂଗ୍ରହ କରିଛନ୍ତି। ଯୁବ ଓପନର ପୃଥ୍ୱୀ ଶ ୧୩ଟି ମ୍ୟାଚ୍‌ରୁ ୨୨୮ ରନ ସଂଗ୍ରହ କରିଛନ୍ତି। ଟପ୍ କ୍ୱାଲିଟି ଫାଷ୍ଟ ବୋଲିଂ ସାମ୍ନାରେ ତାଙ୍କ ଟେକ୍‌ନିକ୍ ଭଲ କାମ ଦେଇନି। ସେହିପରି ଅଭିଜ୍ଞ ଅଜିଙ୍କ୍ୟ ରାହାନେ ୭ଟି ମ୍ୟାଚ୍ ଖେଳି ମାତ୍ର ୧୧୧ ରନ ସଂଗ୍ରହ କରିଛନ୍ତି ଓ ଏପର୍ଯ୍ୟନ୍ତ ଗୋଟିଏ ଭଲ ଇନିଂସ ଖେଳିଛନ୍ତି। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ୯ଥର ଡକ୍ ବା ଶୂନରେ ଆଉଟ ହୋଇଛନ୍ତି। ଧାୱନ ୪, ପୃଥ୍ୱୀ ୩ ଓ ରାହାନେ ୨ଥର ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ତେବେ ଦିଲ୍ଲୀର ବୋଲିଂ କେତୋଟି ମ୍ୟାଚ୍‌ରେ ପ୍ରଭାବୀ ସାବ୍ୟସ୍ତ ହୋଇଛି। ପ୍ରଥମ କ୍ୱାଲିଫାୟରରେ ଦିଲ୍ଲୀ ବୋଲର ମୁମ୍ବାଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଥିଲେ। କାଗିସୋ ରାବାଡ଼ା ୨୫, ଏନ୍‌ରିଚ ନୋର୍ଜେ ୨୦ ଓ ରବିଚନ୍ଦ୍ରନ ଅଶ୍ୱିନ ୧୩ ଉଇକେଟ ହାସଲ କରି ଅଧିକାଂଶ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି।

ଅନ୍ୟପଟେ ହାଇଦ୍ରାବାଦର ବ୍ୟାଟିଂ ଲାଇନ- ଅପ୍ ଗତ କେତୋଟି ମ୍ୟାଚ୍‌ରେ ମୁମେଣ୍ଟମ ହାସଲ କରିଛି। ଅଲରାଉଣ୍ଡର ଜାସନ ହୋଲ୍ଡର ମଧ୍ୟ ଚମକ ଦେଖାଇଛନ୍ତି। ଆକ୍ରମଣାତ୍ମକ ଆଭିମୁଖ୍ୟ ଯୋଗୁ ଆମ ବ୍ୟାଟିଂ ସଫଳ ହୋଇଛି। ଏଥିରେ ଋଦ୍ଧିମାନ ଶାହାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଅବଶ୍ୟ ୱାର୍ନର ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଜନି ବେୟାରଷ୍ଟୋ, ମନୀଷ ପାଣ୍ଡେ ମଧ୍ୟ ଏହି ମୁମେଣ୍ଟମକୁ ଆଗକୁ ନେଇଛନ୍ତି। କେନ ୱିଲିୟମସନ ମଧ୍ୟ କେତୋଟି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ତେଣୁ ଦିଲ୍ଲୀ ବୋଲିଂର ଆମେ ସଫଳ ମୁକାବିଲା କରିବୁ ବୋଲି ହୋଲ୍ଡର କହିଛନ୍ତି। ଗ୍ରୋନ ଇଞ୍ଜୁରି କାରଣରୁ କେତୋଟି ମ୍ୟାଚ୍ ଖେଳିପାରି ନ ଥିବା ଋଦ୍ଧିମାନ ଏହି ମୁକାବିଲା ଖେଳି ନ ପାରନ୍ତି। ବୋଲିଂରେ ରସିଦ ଖାନ୍, ଟି. ନଟରାଜନ ଓ ସନ୍ଦୀପ ଶର୍ମା ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ତେବେ ଦିଲ୍ଲୀ ହାଇଦ୍ରାବାଦ ମିଡଲ ଅର୍ଡର ଖେଳାଳି ପ୍ରିୟମ ଗର୍ଗ ଓ ଅବଦୁଲ ସମାଦଙ୍କ ସ୍ୱଳ୍ପ ଅଭିଜ୍ଞତାରୁ ଫାଇଦା ଉଠାଇବାକୁ ପ୍ରୟାସ କରିବ। ବୋଲର ଡାନିଏଲ୍ ସାମ୍ସଙ୍କ ଦୁର୍ବଳ ଫର୍ମ ନେଇ ଦିଲ୍ଲୀ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ତାଙ୍କ ବଦଳରେ ଦିଲ୍ଲୀ ସିମରନ ହେଟମେୟରଙ୍କୁ ଖେଳାଇପାରେ। ଏହା ହେଲେ ମାର୍କୁସ ଷ୍ଟୋଇନିସ୍ ଫୁଲ କୋଟା ବୋଲିଂ କରିବେ। ଏହି ନିର୍ଣ୍ଣାୟକ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଦୁଇ ଦଳର ଅଧିନାୟକ ଶ୍ରେୟାସ ଆୟାର ଓ ଡେଭିଡ୍ ୱାର୍ନର।

**ଆଇପିଏଲ୍ କ୍ୱାଲିଫାୟର-୨ ଆଜି**

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:** ଶ୍ରେୟାସ ଆୟାର (ଅଧିନାୟକ), କାଗିସୋ ରାବାଡା, ମାର୍କୁସ ଷ୍ଟୋଇନିସ୍, ସନ୍ଦୀପ ଲାମିଚେନ, ଆଜିଙ୍କ୍ୟ ରାହାନେ, ରବିଚନ୍ଦ୍ରନ ଅଶ୍ୱିନ, ଶିଖର ଧାୱନ, ସିମରନ ହେଟମେୟର, ଆଲେକ୍ସ କାରେ, ମୋହିତ ଶର୍ମା, ପୃଥ୍ୱୀ ଶ, ଲଳିତ ଯାଦବ, ଆଭେସ ଖାନ୍, ଅକ୍ଷର ପଟେଲ, ତୁଷାର ଦେଶ୍‌ପାଣ୍ଡେ, ରିଷଭ ପନ୍ତ, ହାର୍ଶାଲ ପଟେଲ, କିମୋ ପଲ, ଅମିତ ମିଶ୍ରା, ଏନରିଚ ନୋର୍ଜେ ଓ ଡାନିଏଲ ସାମ୍ସ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** ଡେଭିଡ୍ ୱାର୍ନର (ଅଧିନାୟିକା), ଜନି ବେୟାରଷ୍ଟୋ, କେନ ୱିଲିୟମସନ, ମନୀଷ ପାଣ୍ଡେ, ଶ୍ରୀବସ୍ତ ଗୋସ୍ୱାମୀ, ପ୍ରିୟମ ଗର୍ଗ, ଋଦ୍ଧିମାନ ଶାହା, ଅବଦୁଲ ସମାଦ, ବିଜୟ ଶଙ୍କର, ମହମ୍ମଦ ନବୀ, ରସିଦ ଖାନ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ବି ସନ୍ଦୀପ, ଫାବିଆନ ଆଲେନ, ଖଲିଲ ଅହମ୍ମଦ, ସନ୍ଦୀପ ଶର୍ମା, ଶାହାବାଜ ନଦିମ, ସିଦ୍ଧାର୍ଥ କାଉଲ, ବିଲି ଷ୍ଟାନଲେକ, ଟି. ନଟରାଜସ ଓ ବାସିଲ ଥମ୍ପି।

### ଅବସର ନେବେ ଏଲଟନ୍ ଚିଗୁମ୍ବୁରା

**ରାୱଲପିଣ୍ଡି, ୭।୧୧ (ପି.ଟି.)**

ପାକିସ୍ତାନ ବିପକ୍ଷ ଚଳିତ ଟି୨୦ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ଜିମ୍ବାୱେର ପୂର୍ବତନ ଅଧିନାୟକ ଏଲଟନ୍ ଚିଗୁମ୍ବୁରା। ତାଙ୍କ ଦେଶର କ୍ରିକେଟ ବୋର୍ଡ ଶନିବାର ଏହି ସୂଚନା ଦେଇଛି। ଜିମ୍ବାୱେର ଏହି ଭେଟେରାନ କ୍ରିକେଟରଙ୍କ କ୍ୟାରିୟର ୨୦୦୪ରେ ଆରମ୍ଭ ହୋଇଥିଲା। ତାଙ୍କର ଦୀର୍ଘ ୧୬ ବର୍ଷ କ୍ୟାରିୟରର ଅବସାନ ଘଟିବାକୁ ଯାଉଛି। ୩୪ ବର୍ଷୀୟ ଚିଗୁମ୍ବୁରା ତାଙ୍କ ବିଦାୟକାଳୀନ ସିରିଜ ପୂର୍ବରୁ ୧୪ ଟେଷ୍ଟ, ୨୧୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫୪ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବା ଏବଂ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ଏହି ଅଲରାଉଣ୍ଡର ଅବସର ନିଷ୍ପତ୍ତି ନେଇଥିବା ଜିମ୍ବାୱେ କ୍ରିକେଟ ପକ୍ଷରୁ କୁହାଯାଇଛି। ପାକିସ୍ତାନ ବିପକ୍ଷ ପ୍ରଥମ ଟି୨୦ ପୂର୍ବରୁ ଚିଗୁମ୍ବୁରା ୫୭୬୧ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଥିବାବେଳେ ୧୩୮ ଉଇକେଟ ନେଇ ସାରିଥିଲେ। ତନ୍ମଧ୍ୟରେ ତାଙ୍କର ୨ଟି ଶତକ ଏବଂ ୨୬ ଅର୍ଦ୍ଧଶତକ ସାମିଲ ରହିଛି। ଅନ୍ତର୍ଜାତୀୟ ସ୍ତରରେ ସେ ତାଙ୍କ ଦଳର ୮୦ ଥର (୬୨ ଦିନିକିଆ ଓ ୧୮ ଟି୨୦) ଅଧିନାୟକତ୍ୱ କରିଛନ୍ତି। ଗ୍ରାଣ୍ଟ ଫ୍ଲାୱାରଙ୍କ ପରେ ସେ ଜିମ୍ବାୱେର ଦ୍ୱିତୀୟ ଖେଳାଳି ଭାବେ ଅନ୍ତର୍ଜାତୀୟ ଦିନିକିଆରେ ୪୦୦୦ ରନ ସହ ୧୦୦ ଉଇକେଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୨୦୦୭ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ରେ ତାଙ୍କ ଦଳର ସ୍ମରଣୀୟ ବିଜୟରେ ଚିଗୁମ୍ବୁରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।





ସୌରମଣ୍ଡଳର ୪ଟି ଗ୍ରହରେ ଗ୍ୟାସ୍ ଭରି ରହିଥିବା ମହାକାଶ ବିଜ୍ଞାନୀମାନେ କହିଥାନ୍ତି। ସେଥିମଧ୍ୟରେ ଶନି, ୟୁରାନ୍ସ, ନେପ୍ଚୁନ୍ ଏବଂ ବୃହସ୍ପତି ଆଦି ଗ୍ରହ ରହିଛନ୍ତି। ଏସବୁ ଗ୍ରହକୁ ଦାନବ ଗ୍ରହ ବୋଲି ମହାକାଶ ବିଜ୍ଞାନୀ କୁହନ୍ତି। ନେପ୍ଚୁନ୍ ଗ୍ରହ ପୃଥିବୀଠାରୁ ବହୁ ଦୂରରେ ରହିଛି। ଏଠାକାର ବାୟୁମଣ୍ଡଳରେ ହିଲିୟମ୍ ଏବଂ ହାଇଡ୍ରୋଜେନ୍ସର ୩ ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି। ନେପ୍ଚୁନ୍‌ରେ ସବୁବେଳେ ହୀରା ବର୍ଷା ହୋଇଥାଏ। ଏହାକୁ ଗୋଟାଇ ଆଣିବାକୁ ଯଦି ପୃଥିବୀରୁ କେହି ଯାଆନ୍ତି ତେବେ ପ୍ରବଳ ଥଣ୍ଡା ଯୋଗୁ ତାଙ୍କର ମୃତ୍ୟୁ ହେବା ନିଶ୍ଚିତ। ହୀରା ବର୍ଷା ହେଲେ ବି ତାହାର କିଛି ମୂଲ୍ୟ ନ ଥାଏ।



ଶାହିର ଶେଖ୍

# ବିବାହ କରିବେ ଶାହିର

**ମୁମ୍ବାଇ:** ଚଳିତବର୍ଷ ଫ୍ୟାନ୍‌ମାନଙ୍କ ପାଇଁ ଆଉ ଏକ ଖୁସି ଖବର ଆସିଛି। ଛୋଟ ପରଦାରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ମହାଭାରତ'ରେ ଅର୍ଜୁନ ଭୂମିକାରେ ଅଭିନୟ କରି ଖୁବ୍ ଲୋକପ୍ରିୟ ହୋଇଥିଲେ ଅଭିନେତା ଶାହିର ଶେଖ୍। ଏବେ ତାଙ୍କ ବିଷୟରେ ଏମିତି ଏକ ଖବର ଆସିଛି, ଯାହାକୁ ଶୁଣିବା ପରେ ମହିଳା ପ୍ରଶଂସକଙ୍କ ମନ ଭାଙ୍ଗିଯାଇଛି। ଶାହିର ବହୁତ ଶୀଘ୍ର ତାଙ୍କ ପ୍ରେମିକା ରୁଚିକା କପୁରଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏନେଇ ସେ ନିଜେ ସୋସିଆଲ ମିଡିଆ ସାଇଟ୍‌ରେ ଜଣାଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ପ୍ରେମିକା ରୁଚିକାଙ୍କର ଏକ ଫଟୋ ପୋଷ୍ଟକରି କ୍ୟାପ୍‌ଶନରେ ଲେଖିଛନ୍ତି 'ଇକିଗାଇ'। ଏହି ଜାପାନୀ ଶବ୍ଦର ଅର୍ଥ ହେଉଛି 'ବଞ୍ଚିବାର କାରଣ'। ଏହା ଜଣାପଡ଼ିବା ପରେ ତାଙ୍କ ନିକଟରୁ ପ୍ରଶଂସାର ଶୁଅ ଛୁଟିବାରେ ଲାଗିଛି। ଶାହିର ଜମ୍ମୁର ଭାଦେରୱା ଗାଁରେ ଜନ୍ମଗ୍ରହଣ କରିଥିଲେ। ୨୦୦୯ରୁ ସେ ଟେଲିଭିଜନ ଜଗତରେ ପାଦ ଦେଇଥିଲେ। ୨୦୧୩ରେ 'ମହାଭାରତ'ରେ ସେ ଅର୍ଜୁନ ଚରିତ୍ର ପ୍ଲେ କରିଥିଲେ। ମହାଭାରତ ତାଙ୍କୁ ଦେଇଥିଲା ଏକ ବହୁତ ବଡ଼ ସଫଳତା। ଏଥିପାଇଁ ସେ ଇଣ୍ଡୋନେସିଆରେ ମଧ୍ୟ ଫ୍ୟାନ୍‌ମାନଙ୍କ ହୃଦୟରେ ଜାଗା ପାଇଥିଲେ। ଏବେ ତାଙ୍କ ବିବାହ ଖବର ଶୁଣି ସମସ୍ତେ ଇନ୍‌ଷ୍ଟାରେ କମେଣ୍ଟ କରିବା ସହ ତାଙ୍କ ପୋଷ୍ଟକୁ ଲାଇକ୍ ମଧ୍ୟ କରିଛନ୍ତି।

# ଆଲୁଅକୁ ଗିଳିଦେବ 'ଭାଣ୍ଟାବ୍ଲାକ୍'

**ଆଲୁଅର ଉପସ୍ଥିତି ଦୂରେଇ ଦିଏ ଅନ୍ଧକାର। ଏହି କଥା କାହିଁ କେଉଁ ଯୁଗରୁ ପ୍ରଚଳିତ। ଯଦି କୁହାଯାଏ ଅନ୍ଧାର ଆଗରେ ଆଲୋକ ଫିକା ପଡ଼ିଯିବ, ତା' ହେଲେ ହୁଏତ ଏହାକୁ ଅନେକେ ଥଟ୍ଟାମଜାରେ ଉଡ଼ାଇଦେବେ। ହେଲେ ପୃଥିବୀର ସବୁଠାରୁ ଗାଢ଼ କଳାରଙ୍ଗ ୯୯.୯୬% ଆଲୋକକୁ ଅବଶୋଷିତ କରିବାରେ ସମର୍ଥ। ଅର୍ଥାତ୍ କଥାଛଳରେ କହିଲେ ଏହି କଳାରଙ୍ଗ ଆଲୁଅକୁ ବି ଗିଳିଦେବ।**



କଳାରଙ୍ଗ ଅତି ବେଶିରେ କେତେ ଗାଢ଼ ହୋଇପାରେ? କଳାରଙ୍ଗର ୩-୪ ସେଡ୍ ବ୍ୟତୀତ ଅଧିକ କିଛି ଅଛି କି? ଏସବୁର ଉତ୍ତର ରହିଛି 'ଭାଣ୍ଟାବ୍ଲାକ୍' ପାଖରେ। ବୈଜ୍ଞାନିକମାନେ ଖୋଜି ବାହାର କରିଥିବା ଏହି କଳାରଙ୍ଗ ଆଲୁଅଙ୍କୁ ନିଷ୍ପ୍ରଭ କରିଦେବାରେ ସମର୍ଥ।

'ଭାଣ୍ଟାବ୍ଲାକ୍'ର ଆଲୋକ ରଶ୍ମିକୁ ଅବଶୋଷିତ କରିବାର କ୍ଷମତା ରହିଛି। ଏହା ହାରାହାର ୯୯.୯୬% ଆଲୁଅକୁ ଶୋଷିତ କରିପାରେ। ଏହାର ପତଳା ପରସ୍ତ ଏକ ଘରକୁ ସମ୍ପୂର୍ଣ୍ଣ ଅନ୍ଧକାରଚ୍ଛନ୍ନ କରିଦେଇପାରେ। ଆଲୋକର ପ୍ରତିଫଳନ ନିୟମ ପାଇଁ ମଣିଷ କୌଣସି ବସ୍ତୁକୁ ଦେଖିପାରେ। ଅର୍ଥାତ୍ କୌଣସି ବସ୍ତୁ ଉପରେ ଆଲୋକ ରଶ୍ମି ପ୍ରତିଫଳିତ ହୋଇ ଆଖି ପାଖରେ ପହଞ୍ଚିଲେ ଆମେ ତାହାକୁ ଦେଖିପାରୁ। ହେଲେ କଳାରଙ୍ଗ ଉପରେ ପଡୁଥିବା ଆଲୋକ ଭଲଭାବେ ପ୍ରତିଫଳିତ ହୁଏନାହିଁ। ତେଣୁ ଅନ୍ଧାରରେ ଦେଖିବା କଷ୍ଟକର ହୋଇଥାଏ। 'ଭାଣ୍ଟାବ୍ଲାକ୍' ଉପରେ ମଧ୍ୟ ସମାନ ନିୟମ କାର୍ଯ୍ୟ କରିଥାଏ।

ତେବେ ମଣିଷ ତୁଳନାରେ ଜୀବଜନ୍ତୁଙ୍କ ଦୃଷ୍ଟିଶକ୍ତି ଅଧିକ ପ୍ରଖର। ଏହି କାରଣରୁ ରାତ୍ରିଚରମାନେ ଅତି ସହଜରେ ଅନ୍ଧାରରେ ଶିକାର କରିପାରିଥାନ୍ତି। ସେମାନଙ୍କ ଆଖିରେ କମ୍ ଆଲୋକକୁ ପ୍ରତିଫଳନ କରିପାରୁଥିବା ଏକ ପ୍ରକାର ସ୍ୱତନ୍ତ୍ର ପରଳ ରହିଛି, ଯାହା ଏହି କାର୍ଯ୍ୟରେ ସେମାନଙ୍କୁ ସହାୟତା କରିଥାଏ। ହେଲେ 'ଭାଣ୍ଟାବ୍ଲାକ' ସାମ୍ନାରେ ରାତ୍ରିଚର ପ୍ରାଣୀ ବି ଅସହାୟ ହୋଇପଡ଼ନ୍ତି। ବ୍ରିଟେନର ଏକ ନାନୋଟେକ୍ କମ୍ପାନୀ ନାନୋସିଷ୍ଟମରେ ଏହାର ପ୍ରୟୋଗ କରିଥିଲା। ଏହି ରଙ୍ଗ ଆଲୁଅକୁ ଗିଳିଯାଉଥିବା ଏଥିରୁ ସ୍ପଷ୍ଟ ହୋଇଛି।

କାର୍ବନର ନାନୋଟ୍ୟୁବ୍ସ ସହିତ ରାସାୟନିକ ପ୍ରତିକ୍ରିୟା କରି ଏହି ରଙ୍ଗ ପ୍ରସ୍ତୁତ କରାଯାଇଛି। ଏଥିରେ ପ୍ରତି ନାନୋଟ୍ୟୁବର ମୋଟାଇ ୨୦ ନାନୋମିଟର ସହିତ ସମାନ। ଅର୍ଥାତ୍ ଏହା ଗୋଟିଏ ଚୁଟିର ୩୫୦୦ ଗୁଣ ପତଳା। ଏହାର ଲମ୍ବା ୧୪ରୁ ୫୦ ମାଇକ୍ରାନ୍ସ। କେମିକାଲ ଭାପର ଡିକମ୍ପୋଜିଶନ (ସିଭିଡି) ପ୍ରୋସେସ୍‌ରେ ଏହାକୁ ଏକାଠି କରି ପ୍ରସ୍ତୁତ କରାଯାଇଛି। ଆଲୋକ ରଶ୍ମି 'ଭାଣ୍ଟାବ୍ଲାକ୍' ଉପରେ ପଡ଼ିବା ପରେ ପ୍ରତିଫଳନ ହେବା ବଦଳରେ ନାନୋଟ୍ୟୁବ୍ ମଝିରେ ଥିବା ଫାଙ୍କା ସ୍ଥାନରେ ଫସିଯାଇଥାଏ। ଏଥିରେ ହାରାହାରି ୯୯.୯୬% ଅବଶୋଷିତ ହୋଇଯାଏ। କେବଳ ୦.୦୪ ପ୍ରତିଶତ ପ୍ରତିଫଳିତ ହୋଇଥାଏ। ତେଣୁ ଆଖି ଆଗରେ ଗାଢ଼ ଅନ୍ଧାର ଛାଇଯାଏ। ସବୁଠାରୁ ବଡ଼କଥା 'ଭାଣ୍ଟାବ୍ଲାକ୍' ଅଲଟ୍ରାଭାଓଲେଟ, ଭିଜିବଲ ଏବଂ ଇନ୍‌ଫ୍ରାଏଡ୍ ରଶ୍ମିକୁ ଅବଶୋଷିତ କରିବାରେ ସକ୍ଷମ। ଏହା ଏକ ଉତ୍ତମ ଥର୍ମାଲ କଣ୍ଡକ୍ଟର। ଘର ଆଭ୍ୟନ୍ତରର ତାପମାତ୍ରା ନିୟନ୍ତ୍ରଣ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ବିଏମ୍‌ଡବ୍ଲ୍ୟୁ କମ୍ପାନୀ 'ଭାଣ୍ଟାବ୍ଲାକ୍'କୁ ବ୍ୟବହାର କରି ଏକ କଳା ରଙ୍ଗର କାର୍ ନିର୍ମାଣ କରିଛି, ଯାହାର ନାମ 'ବ୍ଲାକ୍ ବିଷ୍ଟ'। ସେହିପରି ବ୍ରିଟେନର ନ୍ୟାଶନାଲ ଫିଜିକାଲ ଲାବରେଟୋରି 'ଭାଣ୍ଟାବ୍ଲାକ୍' ଭଳି 'ସୁପର ବ୍ଲାକ୍' ରଙ୍ଗ ପ୍ରସ୍ତୁତ କରିଛି, ଯାହା ହାରାହାରି ୯୯% ଆଲୋକ ଅବଶୋଷିତ କରିବାରେ ସକ୍ଷମ।

# ଲକ୍‌ଡାଉନ୍‌ରେ ବଦଳିଛି ପିଲାଙ୍କ ମାନସିକତା

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସଂକ୍ରମଣ ପାଇଁ କେବଳ ଅର୍ଥନୀତି ପ୍ରଭାବିତ ହୋଇନି ବରଂ ମାନସିକତା ବି ଢେର୍ ପ୍ରଭାବିତ ହୋଇଛି। କରୋନା ପାଇଁ ଲକ୍‌ଡାଉନ୍ ଫଳରେ ପିଲାଙ୍କ ବିକାଶ ଓ ବ୍ୟବହାର ବି ପ୍ରଭାବିତ ହୋଇଛି। ଏଭଳି ଏକ ରିପୋର୍ଟ ଦେଇଛନ୍ତି ବ୍ରିଟେନର ବିଶେଷଜ୍ଞମାନେ।



ବ୍ରିଟେନର ତିନୋଟି ସଙ୍ଗଠନ ବେଷ୍ଟ ବିଗିନିଙ୍ଗ୍, ହୋମ୍ ଷ୍ଟାର୍ଟ ୟୁକେ ଓ ପ୍ୟାରେଣ୍ଟ ଇନ୍‌ଫ୍ୟାଣ୍ଟ ଫାଉଣ୍ଡେସନ୍ ମିଳିତଭାବେ ଦେଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଲକ୍‌ଡାଉନ୍ ସମୟରେ ପିଲାମାନେ ଅଧିକ ଚିଡ଼ିଚିଡ଼ା ଏବଂ ଆକ୍ରମକ ହୋଇ ଯାଇଛନ୍ତି। ଏମିତି କି କିଛି ପିଲା ଅଧିକ କାନ୍ଦୁଥିବା ବି ଜଣାପଡ଼ିଛି। ଅନୁସନ୍ଧାନ ଅନୁସାରେ ମାର୍ଚ୍ଚ ୨୩ ତାରିଖଠାରୁ ଜୁଲାଇ ମାସ ମଧ୍ୟରେ କୋଭିଡ-୧୯ର ପ୍ରଭାବ ବହୁତ ଅଧିକ ପଡ଼ିଛି। ସର୍ଭେରେ ସାମିଲ ହୋଇଥିବା ୩୪ ପ୍ରତିଶତ ଲୋକଙ୍କ ଅନୁସାରେ ଲକ୍‌ଡାଉନ୍ ସମୟରେ ସେମାନଙ୍କ ପିଲାମାନଙ୍କ ବ୍ୟବହାର ବଦଳି ଯାଇଛି। ୪୭ ପ୍ରତିଶତ ଅଭିଭାବକ କହିଛନ୍ତି ସେମାନଙ୍କ ପିଲା ଅଧିକ ଚିଡ଼ିଚିଡ଼ା ହୋଇ ଯାଇଛନ୍ତି। ସେହିପରି ୨୬ ପ୍ରତିଶତ କହିଛନ୍ତି ସେମାନଙ୍କ ପିଲା ସାମାନ୍ୟରୁ ଅଧିକ କାନ୍ଦୁଛନ୍ତି। କିଛି ମହିଳା କହିଛନ୍ତି କୋଭିଡ୍-୧୯ ଅବସ୍ଥାକୁ ଦେଖି ସେମାନଙ୍କର ଚିନ୍ତା ବଢ଼ି ଯାଇଥିଲା। ମା'ମାନଙ୍କର ଏଭଳି ଅବସ୍ଥା ଦେଖି ପିଲାମାନେ ଅଧିକ ଚିଡ଼ିଚିଡ଼ା ହୋଇ ଯାଇଛନ୍ତି। କିନ୍ତୁ ପିଲାମାନଙ୍କ ମଧ୍ୟରେ ଉଦାସ ରହିବା ଲକ୍ଷଣ ବୃଦ୍ଧି ପାଇଥିବା ଅଧିକାଂଶ ସ୍ୱୀକାର କରିଛନ୍ତି। ଲକ୍‌ଡାଉନ୍ ସମୟରେ ପିଲାମାନେ ବାହାରକୁ ଆସିପାରୁ ନ ଥିବା କାରଣରୁ ଏବଂ ସାଙ୍ଗମାନଙ୍କ ସହ ଦେଖା କରିପାରୁ ନ ଥିବା କାରଣରୁ ହିଁ ଚିଡ଼ିଚିଡ଼ା ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି। ତେବେ ପିଲାମାନଙ୍କ ଉପରେ ଲକ୍‌ଡାଉନ୍‌ର ଏହି ପ୍ରଭାବ କେତେଦିନ ରହିବ ସେନେଇ କିଛି ସ୍ପଷ୍ଟ ହୋଇ ନ ଥିବାରୁ ଅଭିଭାବକଙ୍କ ଚିନ୍ତା ବୃଦ୍ଧିପାଇଛି।

# ବାଉଁଶରେ ମହମବତି



**ଅଗରତାଲା:** ବାଉଁଶରୁ ତିଆରି ହୋଇଛି ମହମବତି। କରୋନା ସମୟରେ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଏଭଳି ଏକ ପ୍ରୟାସ କରିଛନ୍ତି ତ୍ରିପୁରାର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ।

ତ୍ରିପୁରାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଲକ୍‌ଡାଉନ୍ ସମୟରେ ବାଉଁଶ ସପୁରି ଆଦି ବିଭିନ୍ନ ପ୍ରକାରର ଚାଷ କରି ରୋଜଗାର କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ସରକାରଙ୍କର ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ଓ ସୁବିଧାସୁଯୋଗକୁ ବ୍ୟବହାର କରି ମହିଳାମାନେ ନିଜ ନିଜର ବ୍ୟବସାୟ କରୁଛନ୍ତି। ଏବେ ଦୀପାବଳି ଆସୁଥିବାରୁ କରୋନା ସମୟରେ ପରିବେଶ ସୁରକ୍ଷା ନିହାତି ଆବଶ୍ୟକ। ତେଣୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଇକୋ ଫ୍ରେଣ୍ଡଲି ମହମବତି ତିଆରି କରିବା ପାଇଁ ପ୍ରୟାସ କରିଥିଲେ ବୋଲି ଏହି ଗ୍ରୁପର ମହିଳା ସଦସ୍ୟ ପୂର୍ଣ୍ଣିମା ନନ୍ଦୀ କହିଛନ୍ତି। ମହିଳାମାନେ ବାଉଁଶରେ ସୁନ୍ଦର ସୁନ୍ଦର ଦୀପ ଓ ମହମବତି ତିଆରି କରି ବଜାରକୁ ଛାଡ଼ିଛନ୍ତି। ଏହି ଇକୋ ଫ୍ରେଣ୍ଡଲି ମହମବତି ଏବଂ ଦୀପକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଆନୁଷ୍ଠାନିକଭାବେ ବଜାର ପ୍ରବେଶ କରାଇଛନ୍ତି।

# ନିଜକୁ ନିଜେ ବିବାହ

**ନୂଆଦିଲ୍ଲୀ:** ବର କନ୍ୟା ପରସ୍ପରକୁ ବିବାହ କରନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କେହି ଜଣଙ୍କ ବିନା ବିବାହ ଅସମ୍ଭବ। କିନ୍ତୁ ଜଣେ ବ୍ୟକ୍ତି ନିଜକୁ ବି ବିବାହ କରିପାରନ୍ତି। ଏକଥା ସମସ୍ତଙ୍କୁ ଅଜବ ଲାଗିପାରେ। ମାତ୍ର ଏଭଳି ଏକ ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ରାଜିଲର ଜଣେ ବ୍ୟକ୍ତି ନିଜକୁ ଧୁମ୍‌ଧାମରେ ବିବାହ କରିଛନ୍ତି।



ନିଜକୁ ବିବାହ କରି ଏକ ଭିନ୍ନ ପରମ୍ପରା ସୃଷ୍ଟି କରିଥିବା ଏହି ବ୍ୟକ୍ତିଜଣକ ହେଉଛନ୍ତି ଡାକ୍ତର ଡିଓଗୀ ରବେଲୀ। ଡିଓଗୀଙ୍କର ବିବାହ ହେବାକୁ ସ୍ଥିର ହୋଇଥିଲା। ଏହା ପୂର୍ବରୁ ଗତବର୍ଷ ସେମାନଙ୍କର ନିର୍ବନ୍ଧ ବି ହୋଇ ସାରିଥିଲା। କିନ୍ତୁ କୌଣସି କାରଣରୁ ଡିଓଗୀଙ୍କ ସହିତ ତାଙ୍କ ପ୍ରେମିକାଙ୍କର ମନାନ୍ତର ହୋଇଥିଲା। ଫଳରେ ଡିଓଗୀଙ୍କୁ ବିବାହ କରିବା ପାଇଁ ତାଙ୍କ ପ୍ରେମିକା ମନା କରି ଦେଇଥିଲେ ଏବଂ ବିବାହ ଭାଙ୍ଗି ଦେଇଥିଲେ। ଡିଓଗୀ କିନ୍ତୁ ବିବାହ ନିମନ୍ତେ ତାରିଖ ସ୍ଥିର କରିବା ସହିତ ଭୋଜିଭାତ ଓ ପାର୍ଟି ନିମନ୍ତେ ସବୁକିଛି ସ୍ଥିର କରି ସାରିଥିଲେ। ମାତ୍ର ବିବାହ ଭାଙ୍ଗିଯିବା ପରେ ସେ ଆଦୌ ଭାଙ୍ଗି ପଡ଼ି ନ ଥିଲେ। ବରଂ ନିଜର ବିବାହ ସେହି ତାରିଖରେ ହେବ ବୋଲି ଘର ଲୋକଙ୍କୁ ଜଣାଇଥିଲେ। ବିବାହ ପାର୍ଟି ଆୟୋଜନ କରି ନିଜକୁ ନିଜେ ସେ ବିବାହ କରିଥିଲେ। ଏଭଳି ଏକ ବିବାହ ନେଇ ସେ ସମସ୍ତଙ୍କୁ ଜଣାଇଥିଲେ ଏବଂ କହିଥିଲେ କି ବିବାହ ଭାଙ୍ଗିଗଲେ ଅନେକ ଡିପ୍ରେସନର ଶିକାର ହୋଇଥାନ୍ତି। ମାତ୍ର ସେ ନିଜକୁ ଖୁସି ରଖିବା ନିମନ୍ତେ ଏପରି ଏକ ବିବାହ କରିବାକୁ ସ୍ଥିର କରିଥିଲେ। ବିବାହ କରିବା ପରେ ସେ ତାଙ୍କ ସେଲିବ୍ରେସନର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଯାହା ଏବେ ଭାଇରାଲ୍ ହେବାରେ ଲାଗିଛି।

# ଆଇଆଇଟିର ଗଡ଼ ପଟ୍‌ୱାଟୋଲି

**ପାଟନା:** କେବଳ ଭଲ କୋଚିଂ ସେଣ୍ଟରରେ ପଢ଼ିବା ଛାତ୍ରୀଛାତ୍ରଙ୍କ ସଫଳତାର ଚାବିକାଠି ହୋଇ ନ ପାରେ। କଠିନ ପରିଶ୍ରମ ହିଁ ସଫଳତା ଦେଇଥାଏ। ମା' ବାପାଙ୍କ ଆର୍ଥିକ ସ୍ଥିତି ଭଲ ନ ଥାଇ ମଧ୍ୟ ଅନେକ ପିଲା ବହୁ କଷ୍ଟରେ ପାଠପଢ଼ି ଉଚ୍ଚସ୍ତରରେ ପହଞ୍ଚିଥିବା ଉଦାହରଣ ରହିଛି। ହେଲେ ବିହାରରେ ଏମିତି ଏକ ଗ୍ରାମ ରହିଛି, ଯେଉଁଠାରେ ୧ହଜାର ଘର ମଧ୍ୟରୁ ପ୍ରାୟ ୨ଶହ ଲୋକଙ୍କ ଘରେ ଅନ୍ତତଃ ଜଣେ ଆଇଆଇଟି(ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଛାତ୍ର କିମ୍ବା ଇଞ୍ଜିନିୟର ଦେଖିବାକୁ ମିଳନ୍ତି। ଆଇଆଇଟି ହବ୍ ରୂପେ ପରିଚିତ ଗୟା ଜିଲାର ପଟ୍‌ୱାଟୋଲି ଗ୍ରାମରେ ପ୍ରାୟ ସମସ୍ତ ଛାତ୍ରଙ୍କ ସ୍ୱପ୍ନ ଏବଂ ଲକ୍ଷ୍ୟ ଆଇଆଇଟିରେ ପଢ଼ିବା। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଗାଁର ପ୍ରତ୍ୟେକ ଘରର ଲୋକେ ବୁଣାକାର୍ଯ୍ୟ କରି ପରିବାର ଚଳାନ୍ତି। ତେଣୁ ଏହି ଗାଁ ବୁଣାକାରଙ୍କ ଗାଁ ଭାବେ ମଧ୍ୟ ଜଣାଶୁଣା। ହେଲେ ଏହି ବୁଣାକାରଙ୍କ ଅକ୍ଲାନ୍ତ



ପରିଶ୍ରମ ଏବଂ ସେମାନଙ୍କ ପିଲାମାନଙ୍କ ଲକ୍ଷ୍ୟ ପ୍ରତି ନିଷ୍ଠା ଓ ସଂଘର୍ଷ ଗାଁକୁ ଆଇଆଇଟିର ଗଡ଼ରେ ପରିଣତ କରିପାରିଛି। ୧୯୯୨ରେ ପ୍ରଥମଥର ପାଇଁ ଗାଁ ବୁଣାକାରଙ୍କ ପୁଅ ଜିତେନ୍ଦ୍ର ସିଂ ଆଇଆଇଟି ପରୀକ୍ଷାରେ ସଫଳତା ପାଇଥିଲେ। ଏହାପରେ ତାଙ୍କଠାରୁ ପ୍ରେରଣା ପାଇଁ ଗାଁରୁ ଅନେକ ଛାତ୍ର ଆଇଆଇଟିରୁ ପାସ୍ କରି ଦେଶ ଏବଂ ବିଦେଶରେ କାର୍ଯ୍ୟ କରୁଛନ୍ତି।

ସ୍ମରଣିକା





ଏମିତି ଖୁସିରେ ବିତୁଥାଉ ଦିନ ତୁମର ସବୁଦିନ।
ଖୁସିରେ ଭରି ରଖନ୍ତୁ ଭଗବାନ ତୁମକୁ ପ୍ରତିଦିନ ॥
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଭଗବାନ କରନ୍ତୁ ତୁମ ଜୀବନ ସବୁବେଳେ ହସଖୁସିରେ ଭରିରହୁ।
ଧ-୧୮୯୦୬

CLASSIFIED DISPLAY

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ



ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
ଜାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପିଜା ଖୋଳ ନେବାକୁ ଫେରିଲେ ୮୦ କିଲୋମିଟର

**ବେଙ୍ଗାଲୁରୁ:** ରାସ୍ତାରେ ଯିବା ସମୟରେ ଆମେ ଅନେକ ସମୟରେ ବିଭିନ୍ନ ଜିନିଷ ଖାଇ ତା'ର ଖୋଳକୁ ଏଣେତେଣେ ଫିଙ୍ଗିଥାଉ। କିନ୍ତୁ ଏହି କାମ ବେଳେବେଳେ ମହଙ୍ଗା ପଡ଼ିପାରେ। ଖାଇବା ଖୋଳକୁ ଉଠାଇବା ପାଇଁ ଜଣଙ୍କୁ ୮୦ କିଲୋମିଟର ରାସ୍ତା ଫେରି ଆସିବାକୁ ବି ପଡ଼ିପାରେ। ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ ଘଟଣା ଘଟିଛି ବାଙ୍ଗାଲୋରରେ। କର୍ଣ୍ଣାଟକର ମାଡିକେରୀ ଅଞ୍ଚଳକୁ ଦୁଇଜଣ ବ୍ୟକ୍ତି ବୁଲିବାକୁ ଯାଇଥିବାବେଳେ ସେଠାରେ ବୁଲାବୁଲି କରିବା ପରେ ପିଜା ଖାଇଥିଲେ। ପିଜା ଖାଇବା ପରେ ସେମାନେ ପିଜା ଖୋଳକୁ ରାସ୍ତା କଡ଼ରେ ଫିଙ୍ଗି ଚାଲି ଯାଇଥିଲେ। କିନ୍ତୁ ସେହି ଅଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନରେ ସ୍ଥାନୀୟ ଗ୍ରାମପଞ୍ଚାୟତ ବିଭିନ୍ନ କାମ କରି ସବୁ ସ୍ଥାନକୁ ସଫା କରିଥିଲେ। ତେଣୁ ପିଜା ବାକ୍ସଟି ପଡ଼ିଥିବାର ଦେଖି କୋଡ଼ାଗୁ ପର୍ଯ୍ୟଟନ ସଂଘ ସେଥିରୁ ବ୍ୟକ୍ତିଙ୍କର ଠିକଣା ପାଇଥିଲେ। ପିଜା ବାକ୍ସରେ ଥିବା ବିଲ୍ ଉପରେ ହିଁ ସେହି ବ୍ୟକ୍ତିଙ୍କର ଫୋନ ନମ୍ବର ଲେଖା ହୋଇଥିଲା। ତେଣୁ ସେହି ନମ୍ବରରେ ଫୋନ୍ କରି ତାଙ୍କୁ ପିଜା ଖୋଳଟିକୁ ଉଠାଇ ସ୍ଥାନ ସଫା କରିବା ନିମନ୍ତେ କୁହାଯାଇଥିଲା।



କିନ୍ତୁ ଫୋନ ପାଇବା ପରେ ପିଜା ଖୋଳ ଫିଙ୍ଗିଥିବା ବ୍ୟକ୍ତି ପ୍ରଥମେ ଏଭଳି କାମ ପାଇଁ କ୍ଷମା ମାଗିଥିଲେ। ମାତ୍ର ସେ କୋଡ଼ାଗୁଠାରୁ ୮୦ କିଲୋମିଟର ଦୂରକୁ ଚାଲି ଯାଇଥିବାରୁ ଖୋଳ ଉଠାଇ ସଫା କରିବାକୁ ମନା କରି ଦେଇଥିଲେ। କିନ୍ତୁ ସ୍ଥାନୀୟ ପର୍ଯ୍ୟଟନ ଅଧିକାରୀ ତାଙ୍କୁ ଏହି ସଫେଇ କରିବା ନିମନ୍ତେ ବାଧ୍ୟ କରିଥିଲେ। ଏମିତି କି ତାଙ୍କ ଫୋନ ନମ୍ବରକୁ ସୋସିଆଲ ମିଡିଆରେ ଶେୟାର କରି ବ୍ୟକ୍ତିଜଣକ ଏଭଳି ଏକ କାମ କରିଥିବା ସୂଚନା ଦେଇଥିଲେ। ଫଳରେ ସେହି ବ୍ୟକ୍ତିଙ୍କୁ ବିଭିନ୍ନ ଅଞ୍ଚଳରୁ ଫୋନ୍ ଆସିଥିଲା। ଶେଷରେ ବାଧ୍ୟ ହୋଇ ସେହି ବ୍ୟକ୍ତି ପୁଣି ଥରେ ୮୦ କିଲୋମିଟର ରାସ୍ତା ପଛକୁ ଫେରି ପିଜା ଖୋଳଟିକୁ ଉଠାଇ ସଫା କରିବାକୁ ବାଧ୍ୟ ହୋଇଥିଲେ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅମୀତା ବସ୍ତିଆ
ସ୍ୱାମୀ: ରଜତ ବସ୍ତିଆ
ଶାରଦା ମଠ, ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୨।୦୭।୧୯୭୮
ତିରୋଧାନ: ୨୪।୧୦।୨୦୨୦
ମାମା, ତୁମେ ଏତେ ଶୀଘ୍ର କାହିଁକି ଆମକୁ ଛାଡ଼ି ଚାଲିଗଲ। ଜୀବନସାରା ନିଜର କଷ୍ଟକୁ ଲୁଚାଇ ଆମକୁ ଭଲ ପାଉଥିଲ, ତୁମର ସଦା ହସହସ ମୁହଁ, ଅନାବିଳ ଭଲପାଇବା ଆମ ପାଇଁ ସ୍ୱପ୍ନ ହୋଇଗଲା। ତୁମ ଉପଦେଶକୁ ଆମେ ଜୀବନସାରା ମାନି ଚଳିବୁ। ତୁମ ଅମର ଆତ୍ମାକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସଦ୍‌ଗତି ପ୍ରଦାନ କରନ୍ତୁ।
:ଶୋକସନ୍ତପ୍ତ ତୁମର ହତଭାଗ୍ୟ:
ଶାଶୁ, ଶ୍ୱଶୁର, ସ୍ୱାମୀ, ପୁତ୍ର, କନ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୯୫୬୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ନେହଲତା ପଟ୍ଟନାୟକ
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ପୁରୀ
ଆବିର୍ଭାବ: ୧୨।୦୧।୧୯୪୯
ତିରୋଧାନ: ୩୧।୧୦।୨୦୨୦
ଆପଣଙ୍କ ଆଦର୍ଶ, କର୍ମନିଷ୍ଠା, ତ୍ୟାଗ, ଶୈକ୍ଷିକ ଉପଦେଶ ଆମ ଜୀବନର ପଥପ୍ରଦର୍ଶକ ହେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥ, ଶ୍ରୀମା', ଅରବିନ୍ଦଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଶ୍ରୀମା ଅରବିନ୍ଦ ଧାମର ସଭ୍ୟ, ସଭ୍ୟା, ପରିବାରବର୍ଗ, ସାଙ୍ଗସାଥୀମାନେ।
ଧ-୧୮୯୦୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଦେବିକା ସାହୁ
ଦାଣ୍ଡମୁକୁନ୍ଦପୁର ବଜାର, ପୁରୀ
ଆବିର୍ଭାବ: ଡିସେମ୍ବର ୧୯୨୭
ତିରୋଧାନ: ୨୯।୧୦।୨୦୨୦
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତୁଣୀ ବୋହୂ ଓ ନାତିମାନେ, ଅଣନାତୁଣୀ ଓ ଅଣନାତିମାନେ, ଆତ୍ମୀୟସ୍ୱଜନ ଓ ଜ୍ଞାତିକୁଟୁମ୍ବ।
ଧ-୧୮୮୪୪

# ଇଣ୍ଟରନେଟ୍ ସେଫ୍ଟି



ବର୍ତ୍ତମାନ ମଣିଷ ବିଭିନ୍ନ କାର୍ଯ୍ୟ ଲାଗି ଇଣ୍ଟରନେଟ୍ ଉପରେ ଏତେ ନିର୍ଭରଶୀଳ ହୋଇପଡ଼ିଛି ଯେ, ଏହା ବିନା ଚଳିବା ଅସମ୍ଭବ ମନେହେଉଛି। ବିଶେଷ କରି ଯୁବପିଢ଼ିଙ୍କ ଲାଗି ଏହା ଏକ ଆବଶ୍ୟକତାରେ ପରିଣତ ହୋଇସାରିଛି। ହେଲେ ଏହାକୁ ବ୍ୟବହାର କରିବା ସମୟରେ ସାମାନ୍ୟ ଅସାବଧାନତା ଯେପରି କୌଣସି ବଡ଼ ସମସ୍ୟାର କାରଣ ନ ସାଜେ ସେଥିପ୍ରତି ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ...





ବର୍ତ୍ତମାନ ଅଧିକାଂଶ କାର୍ଯ୍ୟକୁ ସହଜ ଏବଂ ସରଳ କରିବାରେ ଇଣ୍ଟରନେଟ୍‌ର ଭୂମିକା ଅବର୍ଣ୍ଣନୀୟ। ହେଲେ ଏହା ଯେତିକି ଉପକାରୀ ଏହାକୁ ବ୍ୟବହାର କରିବା ବେଳେ ସାମାନ୍ୟ ଅସାବଧାନତା ହୋଇପାରେ ସେତିକି ବିପଦପୂର୍ଣ୍ଣ। ତେଣୁ ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ବୁଦ୍ଧିମତ୍ତାର କାମ....

**ଜଟିଳ କରନ୍ତୁ ପାସୱାର୍ଡ:** ବର୍ତ୍ତମାନ ଇଣ୍ଟରନେଟ୍‌ରେ ଅନେକଙ୍କର ଡାଟା ହ୍ୟାକ୍ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସୋସିଆଲ୍ ସାଇଟ୍‌ରୁ ଆରମ୍ଭ କରି ବାଙ୍କିଂ ଆଦି ଭଳି ପ୍ରତ୍ୟେକ ଆକାଉଣ୍ଟର ପାସୱାର୍ଡକୁ ସାଧାରଣ ନ କରି ଜଟିଳ କରନ୍ତୁ। ଅର୍ଥାତ୍ କେବଳ ନମ୍ବର ଯେପରି ଫୋନ୍ ନମ୍ବର, ଜନ୍ମ ତାରିଖ, ନିଜର କିମ୍ବା କୌଣସି ପ୍ରିୟଜନଙ୍କ ନାଁ ଭଳି ସାଧାରଣ ପାସୱାର୍ଡ ନ ରଖି ଅକ୍ଷର ସହିତ ସଂଖ୍ୟା, ବିରାମ ଚିହ୍ନ ଆଦି ଭଳି କୌଣସି ଜଟିଳ ପାସୱାର୍ଡ ରଖନ୍ତୁ ଯାହାକି ସହଜରେ ହ୍ୟାକ୍ ହୋଇ ପାରିବ ନାହିଁ। ତା' ଛଡ଼ା ମଝିରେ ମଝିରେ ପାସୱାର୍ଡ ବଦଳାଇବାକୁ ଭୁଲନ୍ତୁ ନାହିଁ।

**ବଢ଼ାନ୍ତୁ ନେଟ୍‌ୱର୍କ ସିକ୍ୟୁରିଟି :** ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ସର୍ବଦା ସୁରକ୍ଷିତ ସର୍ଚ୍ଚ ଇଞ୍ଜିନ ବ୍ୟବହାର କରନ୍ତୁ। ପର୍ସନାଲ୍ ଡାଟାଗୁଡିକୁ ପାସୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଯଦି ବାହାରେ ଫ୍ରି କିମ୍ବା ପବ୍ଲିକ୍ ୱାଇ ଫାଇ ବ୍ୟବହାର କରୁଛନ୍ତି ତେବେ ଜାଣି ରଖନ୍ତୁ ଏଥିରୁ ହ୍ୟାକରମାନଙ୍କୁ ଡାଟା ହ୍ୟାକ୍ କରିବା ସହଜ ହୋଇଥାଏ। ତେଣୁ ବାହାରେ ଫ୍ରି ୱାଇ ଫାଇ ବ୍ୟବହାର କରିବା ପୂର୍ବରୁ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱର୍କ(ଭିପିଏନ୍) ସଫ୍ଟୱେର ରଖନ୍ତୁ।

**ବ୍ୟବହାର କରନ୍ତୁ ଫାୟାରୱାଲ୍:** ଆପଣଙ୍କ ନେଟ୍‌ୱର୍କ ସୁରକ୍ଷିତ ଥିଲେ ସୁଦ୍ଧା ଫାୟାରୱାଲ୍ ବ୍ୟବହାର କରନ୍ତୁ। ଏହା ଆପଣଙ୍କ ନେଟୱର୍କ ସହିତ ଯୋଡ଼ି ହେଉଥିବା ସ୍ମାର୍ଟ ଥର୍ମୋଷ୍ଟାଟ୍, ୱେବ୍‌କ୍ୟାମ୍ ଭଳି ଏକ୍ସଟର୍ନାଲ୍ ଡିଭାଇସ୍ ସୁରକ୍ଷିତ କି ନୁହେଁ ସୂଚାଇଦେବା ସହ ଏହାର ବେଆଇନ୍ ପ୍ରବେଶକୁ ଅବରୋଧ କରିବ।

**କ୍ଲିକ୍ କରିବା ପୂର୍ବରୁ ଚେକ୍ କରନ୍ତୁ:** ବର୍ତ୍ତମାନ ଫିଶିଙ୍ଗ୍ ଏବଂ ସୋସିଆଲ୍ ଇଞ୍ଜିନିୟରିଂ ଯୋଗୁ ଅନ୍‌ଲାଇନ୍ ଚୋରି ବଢ଼ିବାରେ ଲାଗିଛି। ତେଣୁ ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ଅନେକଙ୍କୁ ସାମାନ୍ୟ ଅସାବଧାନତା କାରଣରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅର୍ଥାତ୍ କୌଣସି ଏକ ସାଇଟ୍‌ରେ କାର୍ଯ୍ୟ କରିବା ବେଳେ ହଠାତ୍ ଆସୁଥିବା ଅଫର୍, ଅନ୍‌ଲାଇନ୍ ପ୍ରଶ୍ନ ଉତ୍ତରକୁ ନେଇ ପୁରସ୍କାର, ବିଭିନ୍ନ ନୂଆ ସଫ୍ଟୱେର, ଲିଙ୍କ୍ କିମ୍ବା ଟେକ୍ସ୍ଟ ମେସେଜ୍ ଆଦି ଉପରେ କ୍ଲିକ୍ କରିବା ଦ୍ୱାରା ପର୍ସନାଲ୍ ଡାଟା ହ୍ୟାକ୍ ହେଉଛି। ତେଣୁ ଏଭଳି କୌଣସି ଲିଙ୍କ୍ ଦେଖିଲେ କ୍ଲିକ୍ ନ କରିବା ଭଲ।

**ରକ୍ଷା କରନ୍ତୁ ପ୍ରାଇଭେସି :** ବର୍ତ୍ତମାନ ଅନ୍‌ଲାଇନ୍‌ରେ ବିଭିନ୍ନ ସାଇଟ୍‌ରେ ନିଜର ବିଭିନ୍ନ ତଥ୍ୟ ଦେଇ ହେଉଛି। ହେଲେ ପର୍ସନାଲ୍ ଇନ୍‌ଫର୍ମେଶନ୍ ଏପରି ଦେବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ ହ୍ୟାକରମାନେ ଏହାକୁ ଆଧାର କରି ଆପଣଙ୍କ ପାସ୍‌ୱାର୍ଡ଼ ଏବଂ ଅନ୍ୟାନ୍ୟ ଡିଟେଲ୍ ଯେପରି କି ବ୍ୟାଙ୍କ ଆକାଉଣ୍ଟ ଆଦି ସମ୍ପର୍କରେ ମଧ୍ୟ ସହଜରେ ତଥ୍ୟ ସଂଗ୍ରହ କରିପାରିବେ ଏବଂ ବିଭିନ୍ନ ସାଇବର କ୍ରାଇମ୍ ଘଟାଇପାରିବେ।

**ନିରାପଦ ସର୍ଫିଙ୍ଗ୍ ଏବଂ ଶପିଂ ଅଭ୍ୟାସ କରନ୍ତୁ:** ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍, ଟ୍ରାଞ୍ଜାକ୍ସନ୍ କିମ୍ବା ଶପିଂ କରିବା ବେଳେ ଏହାର ସାଇଟ୍‌ର ଆରମ୍ଭ 'http' ପରିବର୍ତ୍ତେ 'https' ହୋଇଛି କି ନାହିଁ ଦେଖନ୍ତୁ। କାରଣ ସାମାନ୍ୟ ବନାନଗତ ତ୍ରୁଟିକୁ ଅଣଦେଖା କରି ଆପଣ ଠକାମିର ଶିକାର ହୋଇପାରନ୍ତି।

**ଅପ୍‌ଡେଟ୍ କରନ୍ତୁ:** ନିୟମିତ ସମୟ ଅନ୍ତରାଳରେ ସଫ୍ଟୱେରଗୁଡିକୁ ଅପ୍‌ଡେଟ୍ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଲାଟେଷ୍ଟ ସିକ୍ୟୁରିଟିର ଲାଭ ଉଠାଇପାରିବେ।

କ'ଣ କରନ୍ତି ଏମାନେ...

## କ'ଣ କରନ୍ତି ଏମାନେ...

**ଜୀବନ ଦୀପ୍ତି ନାୟକ**(ଜିଏନ୍‌ଏମ୍ ଛାତ୍ରୀ, ନିମାପଡ଼ା)– ବର୍ତ୍ତମାନ ପାଠ ପଢା, ଶପିଂ ହେଉ କିମ୍ବା ପରିବାର ଏବଂ ସାଙ୍ଗସାଥୀଙ୍କ ସହ ଯୋଗାଯୋଗରେ ରହିବା ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଲାଗି ଇଣ୍ଟରନେଟ୍ ବେଶ୍ କାମରେ ଆସୁଛି। ହେଲେ ଇଣ୍ଟରନେଟ୍ ପାଇଁ ବିଭିନ୍ନ ପ୍ରକାର ସାଇବର କ୍ରାଇମ୍ ଘଟଣା ବି ନଜରକୁ ଆସୁଛି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ଯେପରି ଏଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଏ ସେଥିପ୍ରତି ସର୍ବଦା ଯତ୍ନଶୀଳ ରହିଥାଏ। ବିଶେଷ କରି ଇ– ଶପିଂ ବେଳେ ବ୍ୟାଙ୍କ୍ ଆକାଉଣ୍ଟ ଡିଟେଲ୍ସ କିମ୍ବା ଅନ୍ୟ ପର୍ସନାଲ୍ ଡାଟା ମିସ୍‌ୟୁଜ୍ ନ ହେବା ଲାଗି ସୁରକ୍ଷିତ ରେଜିଷ୍ଟର୍ଡ ସାଇଟ୍ ବ୍ୟବହାର କରେ ଏବଂ କୌଣସି ବିଜ୍ଞାପନର ପ୍ରଲୋଭନରେ ଆସି ହଠାତ୍ ଯେକୌଣସି ସାଇଟ୍‌ର ଲିଙ୍କ୍ ଓପନ କରେ ନାହିଁ।

**ଆଶିକୀ ଜେନା**( ଛାତ୍ର, ବମ୍ଫକୁଦ, କଟକ)– ଇଣ୍ଟରନେଟ୍ ଉପରେ ଆମେ ବର୍ତ୍ତମାନ ଏତେ ନିର୍ଭରଶୀଳ ଯେ, ଅନେକ କାର୍ଯ୍ୟ ଏହା ବିନା ଅସମ୍ଭବ ମନେହେଉଛି। ତେଣୁ ସୁରକ୍ଷିତ ଭାବେ ଏହାର ଭରପୂର ଫାଇଦା ନେବାକୁ ହେଲେ ଅନେକ ଦିଗ ପ୍ରତି ସଜାଗ ରହିବାକୁ ପଡ଼ିଥାଏ। ନିଜ କଥା କହିବି, ବର୍ତ୍ତମାନ ପର୍ସନାଲ୍ ଡାଟା ହ୍ୟାକ୍, ଅନ୍‌ଲାଇନ୍ ଚୋରି ଘଟଣା ବଢିବାରେ ଲାଗିଛି। ତେଣୁ ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ସାମାନ୍ୟ ଅସାବଧାନତା କାରଣରୁ ଯେପରି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡ଼େ ସେଥିପାଇଁ ସଜାଗ ରୁହେ। ମାଗଣା ଇଣ୍ଟରନେଟ୍ ପାଇବା ଲୋଭରେ ପବ୍ଲିକ୍ ୱାଇ ଫାଇ ଆଦୌ ବ୍ୟବହାର କରେନାହିଁ।

**ସୁକନ୍ୟା ସାହୁ**(ଛାତ୍ରୀ, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡ଼ଶପୁର, କଟକ)– ମଣିଷର ସୁବିଧା ଲାଗି ବିଭିନ୍ନ ଜ୍ଞାନକୌଶଳ ଉଦ୍ଭାବନ କରାଯାଇଛି। ଠିକ୍ ଯେମିତି ଇଣ୍ଟରନେଟ୍। ଯାହାକି ବର୍ତ୍ତମାନ ମଣିଷ ପାଇଁ ଅତ୍ୟାବଶ୍ୟକ ପାଲଟିଯାଇଛି। ହେଲେ କେତେକଙ୍କ ଦ୍ୱାରା ଏହାର ଅପବ୍ୟବହାର ମଣିଷ ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ଦେଖିବାକୁ ମିଳୁଛି। ତେଣୁ ଇଣ୍ଟରନେଟ୍‌କୁ ସୁରକ୍ଷିତ ଭାବେ ବ୍ୟବହାର କରିବା ଲାଗି ବିଶେଷ ସତର୍କତା ଅବଲମ୍ବନ କରିଥାଏ।

**ଫାଲ୍‌ଗୁନୀ ପ୍ରସାଦ ମହାନ୍ତି**(କର୍ମଜୀବୀ, ତ୍ରିନାଥ ବଜାର, କଟକ)– ଇଣ୍ଟରନେଟ୍ ଏବେ ଆମର ଆବଶ୍ୟକତା ପାଲଟିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଜଣେ ବ୍ୟାଙ୍କ କର୍ମଚାରୀ ଭାବେ ଅନ୍‌ଲାଇନ୍‌ରେ ଅନେକ କାର୍ଯ୍ୟ କରିବାକୁ ହେଉଛି। ତେଣୁ ଇଣ୍ଟରନେଟ୍ ବ୍ୟବହାର ସମୟରେ ସୁରକ୍ଷା ଦୃଷ୍ଟିରୁ ନିଜର ମେଲ୍ ଆଇଡି ହେଉ କିମ୍ବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଆକାଉଣ୍ଟ ଲାଗି ୟୁନିକ୍ ପାସ୍‌ୱାର୍ଡ ବ୍ୟବହାର କରିବା ସହ ଡାଟା ପ୍ରାଇଭେସି ପ୍ରତି ବିଶେଷ ଧ୍ୟାନ ଦିଏ।


ଜୀବନ ଦୀପ୍ତି


ଆଶିକୀ


ସୁକନ୍ୟା


ଫାଲ୍‌ଗୁନୀ

ୟୁଥ୍ ଆଲର୍ଟ

# ସକାଳ ଜଳଖିଆ ସ୍କିପ୍ କରୁଥିଲେ...

ସକାଳ ଜଳଖିଆ ଦିନର ପ୍ରଥମ ଖାଦ୍ୟ, ଯାହା କି ସାରା ଶରୀରକୁ ଶକ୍ତି ଏବଂ ଉର୍ଜା ପ୍ରଦାନ କରିଥାଏ। ହେଲେ କାର୍ଯ୍ୟ ବ୍ୟସ୍ତତା ହେଉ କିମ୍ବା ଡାଏଟିଂ ଅବା ବିଳମ୍ବରେ ଉଠିବା ଭଳି ବିଭିନ୍ନ କାରଣରୁ ଅନେକ ଯୁବତୀଯୁବକ ସକାଳ ଜଳଖିଆ ଖାଇ ନ ଥାନ୍ତି। ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ, ଜାଣି ରଖନ୍ତୁ ସେ ସମ୍ପର୍କରେ...



- ଆମେରିକାନ୍ ମେଡିକାଲ୍ ଆସୋସିଏଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ।
- ସେହିପରି ହାର୍ଭାର୍ଡ ୟୁନିଭର୍ସିଟିର ପବ୍ଲିକ୍ ହେଲ୍‌ଥ ଡିପାର୍ଟମେଣ୍ଟ ଦ୍ୱାରା ଦୀର୍ଘ ୬ ବର୍ଷ ଧରି କରାଯାଇଥିବା ଏକ ଗବେଷଣା ମୁତାବକ ବ୍ରେକ୍‌ଫାଷ୍ଟ ନ କରୁଥିବା ଯୁବପିଢିଙ୍କ ଠାରେ ଟାଇପ୍ ୨ ଡାଇବେଟିସ୍‌ର ଆଶଙ୍କା ବେଶି।
- ଏହା ମଧ୍ୟ ମାନସିକତାକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ଦିନ ସାରା ଚିଡିଚିଡା ଲାଗିବା, ସ୍ମରଣଶକ୍ତି ପ୍ରଭାବିତ ହେବା ଏବଂ କାର୍ଯ୍ୟ ଦକ୍ଷତା ହ୍ରାସ ପାଇବା ଭଳି ସମସ୍ୟା ଦେଖାଦେଇଥାଏ।
- କେବଳ ଏତିକି ନୁହେଁ ବ୍ରେକ୍‌ଫାଷ୍ଟ ମିସ୍ କରିବା ଦ୍ୱାରା ପରବର୍ତ୍ତୀ ସମୟରେ ଅଧିକ ଖାଇବା ଏବଂ ଏଥିପାଇଁ ଶରୀରରେ ଅଧିକ ଚର୍ବି ଜମିବା, ମେଦବହୁଳତା ଦେଖାଦେବା ଯୋଗୁ ଅନେକ ସମୟରେ କ୍ୟାନ୍ସରର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ।



- ଏହା ମେଟାବୋଲିଜମ୍ ସ୍ତରକୁ ମଧ୍ୟ ପ୍ରଭାବିତ କରିଥାଏ।
- ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ଦୀର୍ଘ ସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ତା' ଛଡା ପେଟ ଖାଲି ଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକରୁ ଅଧିକ ଖାଇ ହୋଇଯିବା କାରଣରୁ ମେଦବହୁଳତା ଦେଖା ଦେଇଥାଏ।
- ଏହାଦ୍ୱାରା କେବେ କେବେ ଆକସ୍ମିକ ଭାବରେ ବ୍ଲଡ୍ ସୁଗାର ମାତ୍ରା ହ୍ରାସ୍ ପାଇଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଶୁଭାରମ୍ଭ ହୋଇଥିବା କେଭାଡ଼ିଆ ଟୁରିଜମ୍ ସର୍କିଟ୍‌ର ଥିମ୍ ....... ?
୨– ମାଙ୍ଗାଲୁରୁ ଏୟାରପୋର୍ଟକୁ ୫୦ ବର୍ଷ ପାଇଁ ଲିଜ୍ ନେଇଥିବା ସଂସ୍ଥା......... ?
୩– .......... ରାଜ୍ୟ ପକ୍ଷରୁ ଜମି ଏବଂ ସମ୍ପତ୍ତି ପଞ୍ଜୀକରଣ ଲାଗି 'ଧରଣୀ' ପୋର୍ଟାଲ ଆରମ୍ଭ କରାଯାଇଛି ?
୪– ମହିଳାଙ୍କୁ ଡିଜିଟାଲ୍ କୌଶଳ ଯୋଗାଇ ଦେବାକୁ ନ୍ୟାଶନାଲ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍ ସହ ............. କମ୍ପାନୀ ମିଳିତ ଉଦ୍ୟମ ଆରମ୍ଭ କରିଛି ?
୫– ......... ରାଜ୍ୟରେ ମାତ୍ର ଜଣେ ଲୋକ ସଭା ସଦସ୍ୟ ଅଛନ୍ତି ?

## ଗତ ଥରର ଉତ୍ତର

୧ ପରିଣାମ ମଞ୍ଜୁଷା
୨ ଆମେରିକା
୩ ତାମିଲନାଡୁ
୪ ଭାରତ
୫ ଝାଡଖଣ୍ଡର ଯଦୁଗୁଡ଼ା

## ଉତ୍ତରଦାତା

– ସ୍ୱାଗତ ପ୍ରଧାନ, ନୂଆପଡ଼ା
– ଦିବ୍ୟାଶା ସାମନ୍ତରାୟ, କଟକ
– ଲିପିକା ମହାନ୍ତି, ପୁରୀ
– ଦେବାଶିଷ ବସ୍ତିଆ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

୨୦୨୦ର ସବୁଠୁ ଭଲ ବାସ୍କେଟ୍‌ବଲ୍ ଖେଳାଳି


ଲିବ୍ରନ୍ ଜେମ୍ସ

୧ ........ ଲିବ୍ରନ୍ ଜେମ୍ସ
୨ ........ କେଭିନ୍ ଡ୍ୟୁରାଣ୍ଟ
୩ ........ ଷ୍ଟିଫେନ୍ କରୀ
୪ ........ ଖ୍ରୀସ୍ ପଲ୍
୫ ........ ରସେଲ୍ ୱେଷ୍ଟବ୍ରୁକ୍
୬ ........ କାହ୍ୱି ଲିଓନାର୍ଡ଼
୭ ........ ଜେମ୍ସ ହାର୍ଡେନ୍
୮ ........ ଆଣ୍ଟୋନୀ ଡାଭିସ୍
୯ ........ ପଲ୍ ଜର୍ଜ
୧୦ ........ ବ୍ଲେକ୍ ଗ୍ରିଫିନ୍

ଜାଣନ୍ତୁ ଦୁନିଆ

# ଲମ୍ବା ଲୋମ ଥିବା ପଶୁ

ତ୍ୱଚାର ସୁରକ୍ଷା ନିମନ୍ତେ ପ୍ରକୃତି ପ୍ରାୟ ଅଧିକାଂଶ ଜୀବଙ୍କ ଶରୀରରେ ଲୋମ ରଖିଛି, ଯାହା କି ସାଧାରଣତଃ ଖୁବ୍ ଛୋଟ। ହେଲେ ଏମିତି ବି କେତେକ ପଶୁ ଅଛନ୍ତି ଯେଉଁମାନଙ୍କ ଲୋମ କେଶ ପରି ଲମ୍ବା। ଆସନ୍ତୁ ଜାଣିବା ଏଭଳି କିଛି ଲମ୍ବା ଲୋମଯୁକ୍ତ ପଶୁଙ୍କ ସମ୍ପର୍କରେ...

**ଲାସା ଓପ୍ସୋ:** ଏହା ତିବ୍ବତରେ ଦେଖାଯାଉଥିବା ଏକ ପ୍ରକାର କୁକୁର ପ୍ରଜାତି। ଏହି କୁକୁର ସାଧାରଣ କୁକୁରଙ୍କଠାରୁ ଭିନ୍ନ ଦେଖାଯିବାର କାରଣ ହେଉଛି ଏହା ଦେହରେ ଥିବା ଲମ୍ବା ଲୋମ। କଳା, ଧଳା, ଲାଲ୍ ଏବଂ ସିଲ୍‌ଭର ରଙ୍ଗର ଲୋମ ଥିବା ଏହି କୁକୁର ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥିବାରୁ ଡଗ୍ ଶୋ'ଗୁଡ଼ିକରେ ଏହାର ଡିମାଣ୍ଡ ଖୁବ୍ ଅଧିକ। ଏହି କୁକୁର ଗୁଡ଼ିକ ୧୦–୧୨ ଇଞ୍ଚ ପର୍ଯ୍ୟନ୍ତ ବଢୁଥିବା ବେଳେ ୧୩ରୁ ୧୫ ପାଉଣ୍ଡ ଓଜନ ବିଶିଷ୍ଟ ହୋଇଥାନ୍ତି।

**ହେୟାରୀ ଗିନି ପିଗ୍:** ସାରା ପୃଥିବୀରେ ଥିବା ବିଭିନ୍ନ ପୋଷା ଜୀବଜନ୍ତୁଙ୍କ ମଧ୍ୟରେ ଗିନି ପିଗ୍ ବେଶ୍ ଲୋକପ୍ରିୟ। ଏହାର ବିଭିନ୍ନ ପ୍ରଜାତି ମଧ୍ୟରୁ ସିଲ୍କି, ପେରୁଭିଆନ୍, ଆଲପାକା, କରୋନେଟ୍, ମେରିନୋ, ଲୁଙ୍କାର୍ୟା, ସେବା, ଟେକ୍ସେଲ ଆଦି ଲମ୍ବା ଲୋମଯୁକ୍ତ, ଯାହାକି ଦେଖିବାକୁ ଅତ୍ୟନ୍ତ ମନଲୋଭା। ଏହାର କଳା, ଧଳା, ମାଟିଆ ଭଳି ବିଭିନ୍ନ ରଙ୍ଗ ରହିଛି।





**ଜିପ୍ସି ହର୍ସ:** ଗ୍ରେଟ୍ ବ୍ରଟେନ୍ ଏବଂ ଆୟରଲାଣ୍ଡରେ ଦେଖାଯାଉଥିବା ଏହି ପ୍ରଜାତିର ଘୋଡ଼ାକୁ ଜିପ୍ସି କବ୍, କଲର୍ଡ କବ୍, ଜିପ୍ସି ଭ୍ୟାନର୍ ଏବଂ ଆଇରିସ୍ କବ୍ ବୋଲି ମଧ୍ୟ କୁହାଯାଇଥାଏ। ଏହି ଘୋଡ଼ା ଦେହରେ ଥିବା ସୁନ୍ଦର ଚମକଦାର ଲମ୍ବା କେଶ ଭଳି ଲୋମ ଦେଖିବାକୁ ଖୁବ୍ ଆକର୍ଷଣୀୟ। ଏହି ଘୋଡ଼ାର ବିଭିନ୍ନ ରଙ୍ଗ ଥିଲେ ହେଁ କଳା, ଧଳା ରଙ୍ଗ ସବୁଠୁ ଲୋକ ପ୍ରିୟ। ତେବେ ଲମ୍ବା ଲୋମ ଯୋଗୁ ଏହି ଘୋଡ଼ା ନିଆରା ଦେଖା ଯାଉଥିଲେ ହେଁ ଏଥିପାଇଁ ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ।। ଗୋଡ଼ରେ ଥିବା ଲୋମ ଅଧିକ କାଦୁଅ ଜମା କରିଥାଏ।

**କୋମୋଣ୍ଡର ଡଗ୍:** ପୃଥିବୀର ବିଭିନ୍ନ ବଡ଼ କୁକୁର ପ୍ରଜାତି ମଧ୍ୟରୁ ଏହା ଅନ୍ୟତମ। ଏହା ଦେହରେ ଥିବା ଘନ ଲମ୍ବା ଜଟ ସଦୃଶ ଲୋମ ଏହାକୁ ଅତ୍ୟଧିକ ଥଣ୍ଡାରୁ ସୁରକ୍ଷା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ହଙ୍ଗେରୀରେ ଦେଖାଯାଉଥିବା ଏହି ଧଳା ରଙ୍ଗର ଲୋମଶ କୁକୁର ଖୁବ୍ ବୁଦ୍ଧିଆ। ଉଚ୍ଚତାରେ ୩୦ ଇଞ୍ଚ ପର୍ଯ୍ୟନ୍ତ ବଢୁଥିବା ଏହି କୁକୁର ଦେହରେ ଥିବା ଜଟଗୁଡ଼ିକର ଲମ୍ବା ୮–୧୧ ଇଞ୍ଚ। ତେବେ ଏହି ଜଟ ସମ୍ପୂର୍ଣ୍ଣ ବଢିବା ଲାଗି ୪–୫ ବର୍ଷ ଲାଗିଥାଏ। ଏହା ୪ଟି ଗୋଡ଼ ଥିବା ଝାଡୁ ବା ମପ୍ ପରି ଦେଖାଯାଇଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ନଭେମ୍ବର ୮/୨୦୨୦ Sunday, November 8/ 2020

# ସୁପରନୋଭାସ-ଟ୍ରେଲବ୍ଲେଜର୍ସ ଫାଇନାଲ

**ମହିଳା ଟି୨୦ ଚ୍ୟାଲେଞ୍ଜ**

ଶାରଜା,୭।୧୧(ପି.ଟି.)

ଏଠାରେ ଚାଲିଥିବା ମହିଳା ଟି୨୦ ଚ୍ୟାଲେଞ୍ଜରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ସୁପରନୋଭାସ ୨ ରନରେ ଟ୍ରେଲବ୍ଲେଜର୍ସକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୩ଟି ଦଳ ଗୋଟିଏ ଲେଖାଏ ବିଜୟ ସହ ୨ ପଏଣ୍ଟ ହାସଲ କରିଛନ୍ତି। ତେବେ ନେଟ୍ ରନ୍ ରେଟ୍‌ରେ ସୁପରନୋଭାସ ଓ ଟ୍ରେଲବ୍ଲେଜର୍ସ ଫାଇନାଲକୁ ଉଠିଛନ୍ତି। ସୋମବାର ଟାଇଟଲ ପାଇଁ ଏହି ଦୁଇ ଦଳ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପ୍ରଥମେ ବ୍ୟାଟିଂ କରି ସୁପରନୋଭାସ ୬ ଉଇକେଟ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଟ୍ରେଲବ୍ଲେଜର୍ସ ୫ ଉଇକେଟ ହରାଇ ୧୪୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

୧୪୭ ରନ ଟାର୍ଗେଟର ପିଛା କରି ଟ୍ରେଲବ୍ଲେଜର୍ସ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଡିଏଣ୍ଡ୍ରା ଡଟିନ ଓ ଅଧିନାୟିକା ସ୍ମୃତି ମାନ୍ଧନା ୩୯ ବଲରୁ ୪୪ ରନ ସଂଗ୍ରହ କରିଥିଲେ। ଡଟିନ ୨୭ ରନ (୧୫ ବଲ, ୪ ଚୌକା, ୧ ଛକା) କରିଥିଲେ। ମାନ୍ଧନା ୨ ଚୌକା ଓ ୧ ଛକା ସହ ୪୦ ବଲରୁ ୩୩ ରନ କରି ଆଉଟ୍ ହୋଇଥିଲେ। ଦୀପ୍ତି ଶର୍ମା ଓ ହରଲିନ ଦେଓଲ ପଞ୍ଚମ ଉଇକେଟରେ ୨୯ ବଲରୁ ୫୨ ରନ ସଂଗ୍ରହ କରିଥିଲେ। ଦେଓଲ ୨୭ ରନ (୧୫ ବଲ, ୩ ଚୌକା) ରନକରି ଆଉଟ ହେବା ପରେ ଦଳ ପରାସ୍ତ ହୋଇଥିଲା। ଦୀପ୍ତି ୪୩ ରନକରି ଅପରାଜିତ ରହିଥିଲେ ଦଳକୁ ଜିତାଇପାରି ନ ଥିଲେ। ବୋଲିଂରେ ସୁପରନୋଭାସ ତରଫରୁ ରାଧା ଓ ସେଲମାନ ୨ଟି ଲେଖାଏ, ଅନୁଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ସୁପରନୋଭାସ ତରଫରୁ ଦୁଇ ଓପନର ପ୍ରିୟା ପୁନିଆ ଓ ଚାମରି ଆଟାପାଟୁ ୭୨ ବଲରୁ ଦ୍ରୁତ ୮୯ ରନର ପାର୍ଟନରସିପ୍ କରିଥିଲେ। ପୁନିଆ ୩୭ ବଲରୁ ୩ ଚୌକା ସହ ୩୦ ରନ, ଆଟାପାଟୁ ୫ ଚୌକା ଓ ୪ ଛକା ସହ ୪୮ ବଲରୁ ୬୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଅଧିନାୟିକା ହରମନପ୍ରୀତ ୨୯ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୩୧ ରନକରି ରନ୍ ଆଉଟ୍ ହୋଇଥିଲେ। ବୋଲିଂରେ ଟ୍ରେଲବ୍ଲେଜର୍ସ ତରଫରୁ ଝୁଲଣ ଗୋସ୍ୱାମୀ, ଖାତୁନ ଓ ହରଲିନ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଚାମରି ଆଟାପାଟୁ।

### ସଂକ୍ଷିପ୍ତ ସ୍କୋର

ସୁପରନୋଭାସ ୨୦ ଓଭରରେ ୧୪୬/୬ (ଚାମରି ଆଟାପାଟୁ- ୬୭, ହରମନପ୍ରୀତ- ୩୧, ପୁନିଆ- ୩୦, ଗୋସ୍ୱାମୀ- ୧/୧୭, ଖାତୁନ-୧/୨୫, ହରଲିନ୍- ୧/୩୪)।

ଟ୍ରେଲବ୍ଲେଜର୍ସ ୨୦ ଓଭରରେ ୧୪୪/୫ (ମାନ୍ଧନା- ୩୩, ଡଟିନ- ୨୭, ଦୀପ୍ତି- ୪୩*, ଦେଓଲ- ୨୭, ସେଲମାନ- ୨/୩୧, ଅନୁଜା- ୧/୧୮, ରାଧା- ୨/୩୦ )।

# ଶେଷ ଦୁଇ ଟେଷ୍ଟ ଖେଳି ନ ପାରନ୍ତି କୋହଲି

**ନୂଆଦିଲ୍ଲୀ, ୭।୧୧ (ପି.ଟି.):** ଆସନ୍ତା ବର୍ଷ ଜାନୁୟାରୀ ପ୍ରଥମ ସପ୍ତାହରେ ପ୍ରଥମ ସନ୍ତାନର ପିତା ହେବାର ସମ୍ଭାବନା ଥିବାରୁ ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନ୍ତର୍ଗତ ଶେଷ ଦୁଇଟି ମ୍ୟାଚ ଖେଳି ନ ପାରନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି। ସେ ଯଦି ନ ଖେଳନ୍ତି ତେବେ ତାଙ୍କ ସ୍ଥାନରେ ଫର୍ମରେ ରହିଥିବା ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କେ.ଏଲ. ରାହୁଲଙ୍କୁ ସୁଯୋଗ ମିଳିପାରେ। କୋହଲିଙ୍କ ଅଭିନେତ୍ରୀ ସ୍ତ୍ରୀ ଅନୁଷ୍କା ଶର୍ମା ଜାନୁୟାରୀ ପ୍ରଥମ ଭାଗରେ ପ୍ରଥମ ସନ୍ତାନ ଜନ୍ମ ଦେବେ। ଟେଷ୍ଟ ସିରିଜ ଡିସେମ୍ବର ୧୭ରୁ ଆରମ୍ଭ ହେବ। କୋହଲି ଛୁଟିରେ ରହିବେ ବୋଲି ଯଦିଓ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ ତେବେ ସେ ପ୍ରଥମ ଦୁଇଟି ଟେଷ୍ଟ ପରେ ପିତୃତ୍ୱ ଛୁଟି ନେବେ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ଏହା ଜଣାଯାଇଛି।




# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ଫେଭରାଇଟ୍

**କରାଚୀ, ୭।୧୧ (ପି.ଟି.):** ଡିସେମ୍ବର- ଜାନୁୟାରୀରେ ଭାରତ ବିପକ୍ଷରେ ହେବାକୁଥିବା ବହୁ ପ୍ରତୀକ୍ଷିତ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ଫେଭରାଇଟ୍। ତେବେ ଦୁଇ ଦଳ ମଧ୍ୟରେ ଲଢେଇ ଜୋରଦାର ହେବ ବୋଲି ପାକିସ୍ତାନର ପୂର୍ବତନ ପେସ୍ ବୋଲର ୱାସିମ୍ ଆକ୍ରମ କହିଛନ୍ତି। ଅଷ୍ଟ୍ରେଲିଆରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଏହାଛଡ଼ା ୪ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ପ୍ରଥମ ଟେଷ୍ଟ ମ୍ୟାଚ୍ ଆଡିଲେଡ୍‌ରେ ଡିସେମ୍ବର ୧୭ରୁ ଖେଳାଯିବ। ବର୍ତ୍ତମାନ ଅଷ୍ଟ୍ରେଲିଆର ଫାଷ୍ଟ ବୋଲିଂ ବିଭାଗ ବିଶ୍ୱ ଶ୍ରେଷ୍ଠ। ସେମାନଙ୍କ ନିକଟରେ ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜୋସ୍ ହାଜେଲଉଡ୍ ଏବଂ ଅନ୍ୟ ଟପ୍ କ୍ଲାସ୍ ବୋଲର ରହିଛନ୍ତି। ତେଣୁ ଦୁଇ ଦଳ ମଧ୍ୟରେ ମୁକାବିଲା ଜୋରଦାର ହେବ। ତେବେ ଅଷ୍ଟ୍ରେଲିଆ ଫେଭରାଇଟ୍ ଭାବେ ସିରିଜ ଆରମ୍ଭ କରିବ ବୋଲି ଆକ୍ରମ ଏକ ସାକ୍ଷାତ୍‌କାରରେ କହିଛନ୍ତି। ସେ କହିଛନ୍ତି ଯଶ୍‌ପ୍ରୀତ ବୁମ୍‌ରାଙ୍କ ନେତୃତ୍ୱାଧୀନ ଭାରତୀୟ ବୋଲିଂ ବାହିନୀ ମଧ୍ୟ ଶକ୍ତିଶାଳୀ। ମହମ୍ମଦ ସାମି, ନବଦୀପ ସଇନୀ ଓ ଅନ୍ୟ କେତେଜଣ ପ୍ରତିଭା ସମ୍ପନ୍ନ ବୋଲର ରହିଛନ୍ତି। ଭାରତୀୟ ଦଳର ଦୃଢ ଆତ୍ମବିଶ୍ୱାସ ରହିଛି। ଖେଳ ପଡ଼ିଆକୁ ଓହ୍ଲାଇବାବେଳେ ସେମାନଙ୍କ ବଡ଼ି ଲାଙ୍ଗୁଏଜ୍ ବଦଳି ଯାଇଥାଏ, ଯାହାକି ୧୯୯୦ ଦଶକରେ ପାକିସ୍ତାନ ଦଳ ନିକଟରେ ରହିଥିଲା। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶେଷ ହେବା ପରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ।

# କ୍ରୀଡ଼ା ମନ୍ତ୍ରଣାଳୟ ୬ ସେଣ୍ଟରକୁ ସିଓଇରେ ପରିଣତ କଲା

ନୂଆଦିଲ୍ଲୀ,୭।୧୧(ପି.ଟି.)

ଭବିଷ୍ୟତରେ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛି। ପ୍ରତିଭାର ବିକାଶ ପାଇଁ କ୍ରୀଡ଼ା ସୁବିଧାସୁଯୋଗ ଥିବା ୬ଟି ସେଣ୍ଟରର ସୁଧାର ଆଣି ମନ୍ତ୍ରଣାଳୟ ଏଗୁଡ଼ିକୁ ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସି (କେଆଇଏସ୍‌ସିଇ) ବା ସେଣ୍ଟର ଅଫ୍ ଏକ୍ସିଲେନ୍ସି (ସିଓଇ)ରେ ପରିଣତ କରିଛି। ଆଗାମୀ ୪ ବର୍ଷକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ଏଥିପାଇଁ ୬୭.୩୨ କୋଟି ଟଙ୍କା ଅନୁଦାନ ଦେଇଛି। ଏହି ୬ଟି ସେଣ୍ଟର ହେଲା ଗୁଆହାଟୀର ସରୁସାଜାଇ ଷ୍ଟେଟ୍ସ ସ୍ପୋର୍ଟ୍ସ ଏକାଡେମୀ (୭.୯୬ କୋଟି ଟଙ୍କା), ଶିଲଂର ଜେ.ଏନ୍.ଏସ୍. କମ୍ପ୍ଲେକ୍ସ (୮.୩୯), ଗ୍ୟାଙ୍ଗଟକ୍‌ର ପାଲଜୋର ଷ୍ଟାଡିୟମ (୭.୯୧), ସିଲଭାସର ନ୍ୟୁ ସ୍ପୋର୍ଟ୍ସ କମ୍ପ୍ଲେକ୍ସ (୮.୦୫), ମଧ୍ୟ ପ୍ରଦେଶ ଏକାଡେମୀ (୧୯) ଓ ପୁଣେର ବେଲୱାଡିସ୍ଥିତ ଶ୍ରୀ ଶିବଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (୧୬)।

ଆର୍ଥିକ ବର୍ଷ ୨୦୨୦- ୨୧ ଓ ଆଗାମୀ ୪ ବର୍ଷ ପାଇଁ ୬୭.୩୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨୦୨୮ ଅଲିମ୍ପିକ୍ସରେ ଭାରତକୁ ଟପ୍-୧୦ ମେଡାଲ ବିଜେତା ଦେଶରେ ପରିଣତ କରିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ପୂରଣ ପାଇଁ ମନ୍ତ୍ରଣାଳୟ ଏହି ସେଣ୍ଟରଗୁଡ଼ିକୁ କେଆଇଏସ୍‌ସିଇରେ ଅପ୍‌ଗ୍ରେଡ କରିବାକୁ ନିଷ୍ପତ୍ତି ନେଇଥିବା କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ସାରା ଦେଶରେ ସେଣ୍ଟର ଅଫ୍ ସ୍ପୋର୍ଟିଂ ଏକ୍ସିଲେନ୍ସି ପ୍ରତିଷ୍ଠା କରିବା ଦ୍ୱାରା ସରକାରଙ୍କ ଏହି ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ଏହି ସେଣ୍ଟରଗୁଡ଼ିକରେ କେତୋଟି ନିର୍ଦ୍ଦିଷ୍ଟ କ୍ରୀଡ଼ା ପାଇଁ ବିଶ୍ୱସ୍ତରୀୟ ଟ୍ରେନିଂର ସୁବିଧା ଯୋଗାଇଦିଆଯିବ। ସମ୍ପୃକ୍ତ କ୍ରୀଡ଼ାରେ ଦେଶର ବଛାବଛା ଆଥଲେଟ୍ ଏହି ସିଓଇଗୁଡ଼ିକରେ ଟ୍ରେନିଂ ନେଇପାରିବେ। ପ୍ରତ୍ୟେକ ରାଜ୍ୟ କେନ୍ଦ୍ରର ଏହି ପ୍ରୟାସକୁ ସମର୍ଥନ କରିଛନ୍ତି ଓ ଅନୁକୂଳ ମନୋଭାବ ପୋଷଣ କରିଛନ୍ତି ବୋଲି ରିଜିଜୁ କହିଛନ୍ତି। ଏହି କ୍ରୀଡ଼ା ସେଣ୍ଟରଗୁଡ଼ିକରେ ଭିତ୍ତିଭୂମିର ଉନ୍ନତି କରାଯିବ। ଏଥିସହିତ ସ୍ପୋର୍ଟ୍ସ ସାଇନ୍ସର ସୁବିଧା ସୁଯୋଗ ଯୋଗାଇବା, ବିଶ୍ୱସ୍ତରୀୟ କୋଚ୍ ଯୋଗାଇଦେବା ଓ ସ୍ପୋର୍ଟ୍ସ ସାଇନ୍ସ ହ୍ୟୁମାନ ରିସୋର୍ସ ଯଥା ଫିଜିଓଥେରାପିଷ୍ଟ ଓ ଷ୍ଟ୍ରେଛ ଆଣ୍ଡ କଣ୍ଡିଶନିଂ ଏକ୍ସପର୍ଟ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କ୍ରୀଡ଼ା ସେଣ୍ଟରଗୁଡ଼ିକୁ କେଆଇଏସ୍‌ସିଇରେ ଅପ୍‌ଗ୍ରେଡ କରିବା ଦ୍ୱାରା ସାରା ଦେଶରେ ଏକ ଦୃଢ଼ କ୍ରୀଡ଼ା ସଂସ୍କୃତି ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ପ୍ରତ୍ୟେକ କେଆଇଏସ୍‌ସିଇରେ ୧୪ଟି ଅଲିମ୍ପିକ୍ ଇଭେଣ୍ଟ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ତେବେ ଗୋଟିଏ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ ଅତିବେଶିରେ ୩ଟି କ୍ରୀଡ଼ାକୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରଣାଳୟ କହିଛି।

# ଷ୍ଟିଭେନ୍ ଟେଲର ଓଡ଼ିଶା ଏଫ୍‌ସି ଅଧିନାୟକ

ଭୁବନେଶ୍ୱର, ୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସପ୍ତମ ସଂସ୍କରଣ ପାଇଁ ଓଡ଼ିଶା ଏଫ୍‌ସି ନୂଆ ଅଧିନାୟକ ନିଯୁକ୍ତ କରିଛି। ପୂର୍ବତନ ନ୍ୟୁ କ୍ୟାସେଲ ଡିଫେଣ୍ଡର ତଥା ୩୪ ବର୍ଷୀୟ ଇଂଲଣ୍ଡର ପେସାଦାର ଫୁଟବଲର ଷ୍ଟିଭେନ୍ ଟେଲରଙ୍କୁ ଓଡ଼ିଶା ଏଫ୍‌ସିର ନେତୃତ୍ୱ ପ୍ରଦାନ କରାଯାଇଛି। ଶନିବାର ଅନୁଷ୍ଠିତ ଟିମ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ହେଡ୍ କୋଚ୍ ଷ୍ଟୁଆର୍ଟ ବକ୍ସଟର ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଆଗାମୀ ସେସନରେ ଟେଲର ନେତୃତ୍ୱର ପରାକାଷ୍ଠ ପ୍ରତିପାଦନ କରିବେ ଓ ସଫଳ ଅଧିନାୟକ ଭାବେ ଉଭା ହେବେ ବୋଲି ସେ କହିଛନ୍ତି। ଟେଲର ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ଓ ତାଙ୍କ ପାଖରେ ନେତୃତ୍ୱ ନେବାର ଦକ୍ଷତା ରହିଛି। ଦଳର ନେତୃତ୍ୱ ନେବା ପାଇଁ ଉତ୍ସାହିତ ଅଛି ବୋଲି ଟେଲର କହିଛନ୍ତି। ଆଗାମୀ ସେସନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଦଳଗତ ପ୍ରଦର୍ଶନ ସହ ଆତ୍ମବିଶ୍ୱାସର ସହ ଖେଳିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ଟ୍ରେନିଂ ସେସନ ଓ ମ୍ୟାଚରୁ ଆମେ ଶିକ୍ଷା ଲାଭ କରି ଆଗକୁ ବଢ଼ିବୁ ବୋଲି ଟେଲର କହିଛନ୍ତି। ଆସନ୍ତା ୨୩ ତାରିଖରେ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ଟେଲର ଓଡ଼ିଶା ଏଫ୍‌ସି ପାଇଁ ପ୍ରଥମ ମ୍ୟାଚ୍‌ରେ ନେତୃତ୍ୱ ନେବେ।



ଷ୍ଟିଭେନ୍ ଟେଲର









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ